


‘ରାମାୟଣ’ ସୁଟିଂ ସେଟ୍‌ରୁ ଆସିଲା ଯଶ୍‌ଙ୍କ ଫଟୋ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-335 ◆BHUBANESWAR ◆TUESDAY ◆3 JUNE 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୨ ◆ସଂଖ୍ୟା-୩୩୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୩ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଶେଷ ଜ୍ୟେଷ୍ଠରେ ସୂର୍ଯ୍ୟ କୋପ

## ତାତି ଗୁଳୁଗୁଳିରେ ଜନଜୀବନ ଅସମ୍ଭାଳ

**ଭୁବନେଶ୍ୱର,୨।୬(ସମିସ):** ମାତ୍ର କେଇ ଦିନର ଆଶ୍ୱସ୍ତି ପରେ ପୁଣି ରାଜ୍ୟକୁ ଫେରିଛି ତାତି। ମେଘମୁକ୍ତ ଆକାଶ, ପଶ୍ଚିମା ଉତ୍ତପ୍ତ ବାୟୁ ପ୍ରବାହ ରାଜ୍ୟରେ ତାପମାତ୍ରା ବୃଦ୍ଧି କରାଇବାକୁ ସକ୍ଷମ ହୋଇଛି । ଅନ୍ୟପକ୍ଷରେ ପୃଥିବୀ ଉପରେ ସିଧା ସୂର୍ଯ୍ୟକିରଣ ପଡ଼ିବା ସହ ଏହା ତାପମାତ୍ରା ବୃଦ୍ଧି କରାଉଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ରାଜ୍ୟରେ ବର୍ତ୍ତମାନ ଆର୍ଦ୍ରତା ପରିମାଣ ଅଧିକ ରହୁଥିବାରୁ ଗୁଳୁଗୁଳି ପାଇଁ ଏହା ସହାୟକ ହେଉଛି।

ଏହି କ୍ରମରେ ସୋମବାର ରାଜ୍ୟର ଏକାଧିକ ସ୍ଥାନରେ ଭୀଷଣ ଗୁଳୁଗୁଳି ସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟର ପ୍ରମୁଖ ସହରରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିବା ସହ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତ ଉପରେ ରେକର୍ଡ ହୋଇଛି। ଫଳସ୍ୱରୂପ ରାଜ୍ୟବାସୀ ତାତି ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ୩୯.୮ ଡିଗ୍ରୀ ସହ ବାଲେଶ୍ୱରରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ୩୯.୬ ଡିଗ୍ରୀ ସହ ଭୁବନେଶ୍ୱର ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହରରେ ପରିଣତ ହୋଇଛି । ଆଜି ଦିନ ସାଢ଼େ ୧୧ ସୁଦ୍ଧା ଭୁବନେଶ୍ୱରରେ ୩୭.୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ



### ୩୯.୮ ଡିଗ୍ରୀ ସହ ବାଲେଶ୍ୱର ସବୁଠୁ ଉତ୍ତପ୍ତ
### ୩୯.୬ରେ ଟକ୍‌ଟକ୍ ଫୁଟିଲା ରାଜଧାନୀ
### ୪ ଦିନରେ ୨ ଡିଗ୍ରୀ ବଢ଼ିପାରେ ତାପମାତ୍ରା

ବାଲେଶ୍ୱରରେ ତାପମାତ୍ରା ୩୮.୪ ଡିଗ୍ରୀ ପହଞ୍ଚିଥିଲା । ଏହା ସାଙ୍ଗକୁ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଆର୍ଦ୍ରତା ପରିମାଣ ଯୋଗୁଁ ଲୋକଙ୍କୁ ୫୦ ଡିଗ୍ରୀ ଭଳି ତାପମାତ୍ରା ଅନୁଭବ ହୋଇଛି। ଅନ୍ୟପକ୍ଷରେ ଝାରସୁଗୁଡାରେ ୩୯.୨, ସମ୍ବଲପୁରରେ ୩୯.୧, ହୀରାକୁଦ ୩୯.୧, ଚାନ୍ଦବାଲି ୩୮.୪, ରାଉରକେଲା ୩୭.୭, ପାରାଦ୍ୱୀପ ୩୭.୫ ଓ ପୁରୀରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଛି।

ଆସନ୍ତା ୫ ଦିନ ଯାଏଁ ରାଜ୍ୟର ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ତାପମାତ୍ରା ବଢିବାକୁ ଥିବା ବେଳେ ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେଣୁ ଆସନ୍ତା ୮ ଦିନ ପର୍ଯ୍ୟନ୍ତ ଏଭଳି ତାତି ଓ ଗୁଳୁଗୁଳି ଜାରି ରହିବାର ଆଶଙ୍କା ରହିଛି । ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନାକୁ ଆଖିରେ ରଖି ପାଣିପାଗ କେନ୍ଦ୍ର ଉପକୂଳବର୍ତ୍ତୀ ଜିଲ୍ଲା ଯେପରିକି ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, ଗଞ୍ଜାମ ଓ ଗଜପତି ସାଙ୍ଗକୁ କଟକ ଓ ଖୋର୍ଦ୍ଧା ଆଦି ଜିଲ୍ଲାକୁ ସତର୍କ ରହିବା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହିସବୁ ଜିଲ୍ଲାର ଅନେକ ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୧ଡିଗ୍ରୀ ପର୍ଯ୍ୟନ୍ତ ଛୁଇଁପାରେ ବୋଲି ଆକଳନ କରାଯାଉଛି।

## ମାଡ଼ିଚାଲିଛି କରୋନା

# ୨୪ ଘଣ୍ଟାରେ ୬ ମୃତ

■ **ନୂଆଦିଲ୍ଲୀ, ୨।୬ (ଏଜେନ୍ସି):** ଦେଶରେ କରୋନା ମାମଲା ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ୨୦୩ ନୂଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ୪ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଏଥିସହିତ ମୃତ୍ୟୁସଂଖ୍ୟା ୩୪୮ରେ ପହଞ୍ଚିଛି। ଆଜି ଅହମଦାବାଦର ୧୮ ବର୍ଷୀୟ ଗର୍ଭବତୀ ଏବଂ ୪୭ ବର୍ଷୀୟ ମହିଳା କରୋନାରେ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ରବିବାର ଦିଲ୍ଲୀର ୨୨ ବର୍ଷୀୟ ଯୁବତୀ ▶ପୃଷ୍ଠା-୭

**ସଂକ୍ରମିତ ସଂଖ୍ୟା ୩୯୭୬**

**କେରଳରେ ସର୍ବାଧିକ ୧୪୩୫**



## ଜେଇଇ ଆଡଭାନ୍ସଡ ପରୀକ୍ଷାଫଳ ପ୍ରକାଶିତ

# ଦେଶରେ ରଜିତ, ଓଡ଼ିଶାରେ ହଂସ ଟପ୍ପର

■ **ଭୁବନେଶ୍ୱର, ୨।୬ (ସମିସ):** ଜେଇଇ ଆଡଭାନ୍ସଡ୍ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ଆଇଆଇଟି କାନପୁର ପକ୍ଷରୁ ପରିଚାଳିତ ଏହି ପରୀକ୍ଷାରେ ରାଜସ୍ଥାନ କୋଟାର ରଜିତ ଗୁପ୍ତା ଟପ୍ପର ହୋଇଛନ୍ତି । ସମୁଦାୟ ୩୬୦ରୁ ୩୩୨ ମାର୍କ ରଖି ସେ ଦେଶରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ସେହି କୋଟାର ଛାତ୍ର ସକ୍ଷମ ଜିନ୍ଦଲ୍ ମଧ୍ୟ ୩୩୨ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଛାତ୍ରୀମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଦେବଦତ୍ତ ମାଝୀ ପ୍ରଥମ ସ୍ଥାନରେ ଥିବା ବେଳେ ସର୍ବଭାରତୀୟ ସ୍ତରରେ ୧୬ତମ ସ୍ଥାନରେ ରହିଛନ୍ତି। ▶ପୃଷ୍ଠା-୭



ରଜିତ ଗୁପ୍ତା



ହଂସ ଦାରୁକା

# ପାକିସ୍ତାନରେ 'ସିନ୍ଧୁ' ସଙ୍କଟ

## କମିଲା ଜଳ ପ୍ରବାହ; ପାକ୍-ଚୀନ୍ ରାଜପଥ ଅବରୋଧ କଲେ ସହସ୍ରାଧିକ ଲୋକ

■ **ନୂଆଦିଲ୍ଲୀ, ୨।୬:** ବେଲୁଚିସ୍ତାନରେ ବିଦ୍ରୋହକୁ ନେଇ ପାକିସ୍ତାନ ସରକାର ଅଡୁଆରେ ପଡ଼ିଥିବା ବେଳେ ପାକ୍ ଅଧିକୃତ କଶ୍ମୀରରେ ଅଶାନ୍ତି ଏହାର ସମସ୍ୟାକୁ ବହୁଗୁଣିତ କରିଦେଇଛି। ଅଧିକୃତ କଶ୍ମୀରରେ ହଜାର ହଜାର ଲୋକ ସରିଫ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରି ରାସ୍ତାକୁ ଓହ୍ଲାଇଛନ୍ତି । ପାକିସ୍ତାନ ଓ ଚୀନ ମଧ୍ୟରେ ଯାତାୟାତ ଲାଗି ଉଦ୍ଦିଷ୍ଟ ମୁଖ୍ୟ ରାସ୍ତା କୋରାକୋରମ ହାଇୱେକୁ ତିନି ଦିନ ଧରି ଅବରୋଧ କରି ରଖିଛନ୍ତି ▶ପୃଷ୍ଠା-୭



## ରିପୋର୍ଟ କାର୍ଡ ରାଜନୀତି

# ଶାସକ-ବିରୋଧୀ ମୁହାଁମୁହିଁ

■ **ଭୁବନେଶ୍ୱର,୨।୬(ସମିସ):** ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାର ନିଜର ପ୍ରଥମ ବର୍ଷ ପୂରଣ କରୁଛି । ବର୍ଷେ ପୂର୍ତ୍ତି ପୂର୍ବରୁ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଜ ନିଜର ରିପୋର୍ଟ କାର୍ଡ ଦେଇଛନ୍ତି। ବିଭାଗର ସଫଳତା ଓ ବିଫଳତାକୁ ମାପଦଣ୍ଡ କରି ମୁଖ୍ୟମନ୍ତ୍ରୀ ତାଙ୍କ ସରକାରର ମନ୍ତ୍ରୀଙ୍କ ଦକ୍ଷତା ମାପିବେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅଧିକାଂଶ ମନ୍ତ୍ରୀଙ୍କ ରିପୋର୍ଟ କାଡର୍‌କୁ ନେଇ ମୁଖ୍ୟମନ୍ତ୍ରୀ ଅସୁଖୀ। ଏହି ମନ୍ତ୍ରୀମାନେ ତାଙ୍କ ବିଭାଗର କାର୍ଯ୍ୟର ସୂଚାରୀ ସମ୍ପାଦନ କରିବାରେ ବ୍ୟର୍ଥ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଉପଲବ୍ଧି କରୁଥିବା କୁହାଯାଉଛି। ଆଗାମୀ ଦିନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ସମ୍ପୃକ୍ତ ମନ୍ତ୍ରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ଏହି ସୂତ୍ରରୁ ଜଣାପଡ଼ିଛି।


**ବର୍ଷେ ମଧ୍ୟରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିଛୁ: ବିଜେପି**

**ସାର୍ବଜନୀନ କରାଯାଉ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ: ବିଜେଡି**

ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଲେ କ୍ୟାବିନେଟରେ ମୋଟ ମନ୍ତ୍ରୀ ସଂଖ୍ୟା ୧୬ ଓ ଏମାନଙ୍କ ମଧ୍ୟରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ। ଜଣେ ଦୁଇଜଣ ମନ୍ତ୍ରୀଙ୍କୁ ଛାଡ଼ିଦେଲେ ଅଧିକାଂଶ ଏକାଧିକ ବିଭାଗ ଦାୟିତ୍ୱରେ ରହିଛନ୍ତି। ବିଭାଗ ସଂଖ୍ୟା ଅନୁସାରେ ସେମାନଙ୍କୁ ଅନୁରୂପ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଜଣେଜଣେ ମନ୍ତ୍ରୀଙ୍କ ପାଖରେ ଏବେ ପାଞ୍ଚରୁ ଅଧିକ ସରକାରୀ ଗାଡ଼ି ଥିବା ଦେଖାଯାଉଛି। ପ୍ରତି ବିଭାଗ ପାଇଁ ବ୍ୟକ୍ତିଗତ ସଚିବ ଓ ଅନ୍ୟ ସରକାରୀ କର୍ମଚାରୀ ଯୋଗାଇ ଦିଆଯାଇଥିବାରୁ ଜଣେ ଜଣେ ମନ୍ତ୍ରୀଙ୍କ ସେବାରେ ଡ଼ଜନ ▶ପୃଷ୍ଠା-୭

## ବାଲି ମାଫିଆଙ୍କ ଦୌରାତ୍ମ୍ୟ

# ଥାନା ଆଗରେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ





■ **କପ୍ତିପଦା, ୨।୬(ସମିସ):** ରାଜ୍ୟରେ ଭୁଶୁଡ଼ି ପଡ଼ିଲାଣି ଆଇନଶୃଙ୍ଖଳା। ସାଧାରଣଲୋକଙ୍କ କଥା ପଚାରେ କିଏ; ଅତିରିକ୍ତ ତହସିଲଦାରଙ୍କ ଭଳି ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ବି ସୁରକ୍ଷିତ ନୁହଁନ୍ତି। ଦିନ ଦି'ପହରେ ଥାନା ଗେଟ୍ ଆଗରେ ଆଜି ଜଣେ ଅତିରିକ୍ତ ତହସିଲଦାରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୧୦ରୁ ଊର୍ଦ୍ଧ୍ୱ ବାଲିମାଫିଆ ସଂଘବଦ୍ଧ ଭାବେ ତାଙ୍କ କଲର୍ ଧରି ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା ସହ ଟେକା, ପଥର ଫିଙ୍ଗି ତାଙ୍କ ଗାଡ଼ିକୁ ଭାଙ୍ଗିରୁଜି ଚୂରମାର୍ କରିଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ସମ୍ମୁଖରେ ଆଜି ଘଟିଥିବା ଏହି ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଆକ୍ରମଣର ଶିକାର ହୋଇଛନ୍ତି କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ। ସୋମବାର ସକାଳେ ଶ୍ରୀ ମାଝୀ ବେଆଇନ ବାଲି ▶ପୃଷ୍ଠା-୭

# କିଶୋରୀଙ୍କ ‘ଖୁସି’ରେ ତାଲା

■ **ଭୁବନେଶ୍ୱର,୨।୬(ସମିସ):** ସ୍କୁଲ ଛାତ୍ରୀ ଓ କିଶୋରୀଙ୍କୁ ବିନାମୂଲ୍ୟରେ ସାନିଟାରୀ ନାପକିନ୍ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିଲେ ‘ଖୁସି’ ଯୋଜନା। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଫେବ୍ରୁଆରୀ ୨୬ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ବନ୍ଦ ହୋଇ ଯାଇଛି ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଫଳରେ ସାରା ରାଜ୍ୟରେ କିଶୋରୀ ବାଳିକାଙ୍କ ସହ ଛାତ୍ରୀମାନଙ୍କ ପାଖରେ ପହଞ୍ଚିନି ସାନୀଟାରୀ ନାପକିନ୍।

ମାସିକ ଋତୁସ୍ରାବ ସମୟରେ ଗ୍ରାମାଞ୍ଚଳରେ ସ୍କୁଲ ଛାତ୍ରୀମାନଙ୍କ ପରିଚ୍ଛନ୍ନତା ବଜାୟ ରଖିବା ଓ ସେମାନଙ୍କୁ ସୁସ୍ଥ ରଖିବା ନିମନ୍ତେ ତତକାଳୀନ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ବାଳିକାଙ୍କୁ ଋତୁସ୍ରାବ ସଂକ୍ରମଣରୁ ସୁରକ୍ଷା ଦେବା ଲାଗି ‘ଖୁସି’ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୬ରୁ୧୨ ଶ୍ରେଣୀ ବାଳିକାଙ୍କୁ ମାସିକ ୧୮ଟି ନାପକିନ୍ ମାଗଣା ଯୋଗାଇ ଦିଆଯାଉଥିଲା। ସେହିପରି ଗ୍ରାମାଞ୍ଚଳର ମହିଳା ଓ କିଶୋରୀମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହାକୁ ଯୋଗାଇ ଦିଆଯାଉଥିଲା। ପଞ୍ଚାୟତରେ ଏମଏମ୍ଏ ଓ ଆଶା କର୍ମୀମାନେ ଏହାକୁ ବଣ୍ଟନ କରୁଥିଲେ। ବଜାରରେ ସାନିଟାରୀ ନାପକିନ ପ୍ୟାକେଟ୍‌ର ମୂଲ୍ୟ ଅନ୍ୟୁନ ୪୦ ଟଙ୍କା ରହିଥିବାବେଳେ ମାତ୍ର ୬ ଟଙ୍କାରେ ଏହା ଗ୍ରାମାଞ୍ଚଳର କିଶୋରୀମାନଙ୍କ ପାଇଁ ଉପଲବ୍ଧ ହେଉଥିଲା। ୨ରୁ ୩ ମାସ ଲାଗି ପ୍ରତି ଛାତ୍ରୀଙ୍କୁ ୩ଟି ସାନିଟାରୀ ପ୍ୟାକେଟ (୫୪ଟି ନାପକିନ) ପ୍ରଦାନ କରାଯାଉଥିଲା। ରାଜ୍ୟର ୨୯୫୫୭ ବିଦ୍ୟାଳୟରେ ୧୬ଲକ୍ଷ ୮୯ହଜାର ୩୬୬ ଜଣଙ୍କୁ ଚିହ୍ନଟ କରାଯାଇ ୨୦୨୦-୨୧ ଆର୍ଥିକ ବର୍ଷରେ ୩୬ କୋଟି ୪୯ ଲକ୍ଷ ୩ ▶ପୃଷ୍ଠା-୭



**୬ଟଙ୍କାରେ ସରକାର ଯୋଗାଉଥିଲେ ସାନିଟାରୀ ନାପକିନ୍**

**ବିଦ୍ୟାଳୟରେ ଛାତ୍ରୀଙ୍କୁ ମାଗଣାରେ ମିଳୁଥିଲା**

**ବର୍ଷେ ହେଲା ବନ୍ଦ ହୋଇ ଯାଇଛି ‘ଖୁସି’ ଯୋଜନା**




**ବାଂଲାଦେଶ ନୋଟ୍‌ରୁ ହଟିଲା ମୁଜିବୁରଙ୍କ ଚିତ୍ର**

## ନୂଆ ନୋଟ୍‌ରେ ରହିଛି ହିନ୍ଦୁ, ବୌଦ୍ଧ ମନ୍ଦିର


ଢ଼ାକା,୨।୬(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କ୍ ରବିବାର ନୂଆ ୧୦୦୦, ୫୦ ଓ ୨୦ ଟଙ୍କା ନୋଟ୍ ଜାରି କରିଛି। ଏହି ନୋଟ୍‌ଗୁଡିକରୁ



ବାଂଲାଦେଶ ପ୍ରତିଷ୍ଠାତା ତଥା ପୂର୍ବତନ ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ଚିତ୍ରକୁ ହଟାଇ ଦିଆଯାଇଛି। ପୁଣି ୫୦୦, ୨୦୦, ୧୦୦ ଓ ୧୦ ଟଙ୍କିଆ ନୋଟ୍ ଖୁବଶୀଘ୍ର ଜାରି କରାଯିବ ବୋଲି ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କ ପ୍ରବକ୍ତା ଆରିଫ୍ ହୁସେନ ଖାନ୍ କହିଛନ୍ତି। ତେବେ ପୁରୁଣା ନୋଟ ପୂର୍ବପରି ପ୍ରଚଳିତ ରହିବ ବୋଲି କୁହାଯାଇଛି। ନୂଆ ନୋଟ୍‌ରେ ହିନ୍ଦୁ ଓ ବୌଦ୍ଧ ମନ୍ଦିରର ଚିତ୍ର ଦେଖିବାକୁ ମିଳିବ। ୧୯୭୧ରେ ବାଂଲାଦେଶ ସ୍ୱାଧୀନତା ଲାଭ କରିବା ପରେ ନୋଟର ଡିଜାଇନ ୫ଥର ପରିବର୍ତ୍ତନ କରାଯାଇଛି। ୧୯୭୨ ସମେତ ୧୯୭୦ ଦଶକ, ୧୯୮୦-୯୦ ଦଶକ, ୨୦୦୦ ଦଶକ ଓ ୨୦୨୫ରେ ନୋଟ୍‌ର ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଛି।

## କର୍ଣ୍ଣାଟକରେ ବେକେରୀ ଭିତରେ ବୀଭତ୍ସ ହତ୍ୟା

ବେଙ୍ଗାଲୁରୁ,୨।୬(ଏଜେନ୍ସି): କର୍ଣ୍ଣାଟକର କୋପ୍ପାଲ ଜିଲାରେ ଦିନ ଦ୍ୱିପହରେ ଏକ ବିଭତ୍ସ ହତ୍ୟା ଘଟିଛି। ଏକ ବେକେରୀ ଭିତରେ ପସି ୭ ଜଣ ଲୋକ ଧାରୁଆ ଅସ୍ତ୍ରରେ ଜଣେ ବ୍ୟକ୍ତିଙ୍କୁ



ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଗତ ଶନିବାର ଏହି ଅଭାବନୀୟ ଘଟଣା ଘଟିଥିଲା ବୋଲି ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି। ସିସିଟିଭି କ୍ୟାମେରାରେ ଏହି ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ରେକର୍ଡ ହୋଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଚେନ୍ନାପ୍ପା ନରିନାଲ। ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେ ବେକେରୀ ଭିତରେ ପସି ଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି ନଥିଲେ। ବେକେରୀ ଭିତରେ ସେ ଜୀବନ ବଞ୍ଚାଇବାକୁ ଦୌଡ଼ିବାରେ ଲାଗିଥିଲେ ମଧ୍ୟ ତାଙ୍କୁ ଗୋଡାଇ ଗୋଡାଇ ହତ୍ୟା କରାଯାଇଥିଲା। ସମ୍ପତ୍ତି ବିବାଦ କାରଣରୁ ଏହା ଘଟିଛି ବୋଲି କୁହାଯାଇଛି। ପୁଲିସ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ୭ ଜଣ ବ୍ୟକ୍ତିଙ୍କୁ ପୁଲିସ୍ ଗିରଫ କରିଛି।

## 'ଠଗ୍ ଅଫ୍ ଲାଇଫ୍' ରିଲିଜ୍ ପାଇଁ କମଲ ହାସନ ହାଇକୋର୍ଟଙ୍କ ଦ୍ୱାରସ୍ଥ

ଚେନ୍ନଇ,୨।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନ ଏବେ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କର୍ଣ୍ଣାଟକରେ ତାଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'ର ମୁକ୍ତିଲାଭ ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କନ୍ନଡ ଭାଷା ଉପରେ ବିବାଦୀୟ ମନ୍ତବ୍ୟ ଦେଇ ସେ ବିବାଦ ସୃଷ୍ଟି କରିଥିଲେ। କନ୍ନଡ଼ ଭାଷା ତାମିଲରୁ ସୃଷ୍ଟି ବୋଲି ସେ କହିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକର ଲୋକେ ତାଙ୍କ ଫିଲ୍ମକୁ ରାଜ୍ୟରେ ମୁକ୍ତିଲାଭ କରାଇ ନଦେବା ପାଇଁ ବିକ୍ଷୋଭ ଓ ଆନ୍ଦୋଳନ କରିଥିଲେ।



କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ରାଜ୍ୟରେ 'ଠଗ୍ ଅଫ୍ ଲାଇଫ'ର ମୁକ୍ତିଲାଭକୁ ବ୍ୟାନ କରିଛି। ଫଳରେ ସିନେମାକୁ ରିଲିଜ୍ କରାଇବାକୁ ସେ ନ୍ୟାୟଳୟରେ ପହଞ୍ଚିଛନ୍ତି। ଏହି ସିନେମା ଜୁନ୍ ୫ ତାରିଖରେ ମୁକ୍ତିଲାଭ କରିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ନିଜର ବିବାଦୀୟ ମନ୍ତବ୍ୟ ପାଇଁ କମଲ ପୂର୍ବରୁ କ୍ଷମା ମାଗିବାକୁ ମନା କରିଦେଇଥିଲେ। କିଛି ଭୁଲ କରିନାହିଁ, ତେଣୁ କ୍ଷମା କାହିଁକି ମାଗିବି ବୋଲି ସେ ଓଲଟା ପ୍ରଶ୍ନ କରିଥିଲେ।

**ମଝି ଆକାଶରେ ଶାଗୁଣା ମାଡ଼**

## ରାଞ୍ଚିରେ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ୪,୦୦୦ ଫିଟ୍ ଉଚ୍ଚ ମଝି ଆକାଶରେ ଶାଗୁଣା ମାଡ ହେବାକୁ ଏକ ଇଣ୍ଡିଗୋ ବିମାନ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ୧୭୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବାର ଏହି ବିମାନ ସୁରକ୍ଷିତ ଭାବେ ରାଞ୍ଚିରେ ଜରୁରୀକାଳୀନ ଅବତରଣ କରିଛି। କାହାର କୌଣସି କ୍ଷତି ଘଟିନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ବିମାନ ପାଟଣାରୁ ରାଞ୍ଚି ଯାଉଥିଲା। ଶାଗୁଣା ମାଡ଼ ହେବାରୁ ପାଇଲଟ୍‌ଙ୍କୁ



ବିମାନକୁ ଅବତରଣ କରିବାକୁ ପଡିଥିଲା ବୋଲି ବିର୍ସାମୁଣ୍ଡା ବିମାନ ବନ୍ଦର ନିର୍ଦ୍ଦେଶକ ଆରଆର ମୌର୍ଯ୍ୟ କହିଛନ୍ତି। ଅପରାହ୍ନ ୧.୧୪ ମିନିଟ୍‌ରେ ଏହି ଘଟଣା ଘଟିଥିଲା। ରାଞ୍ଚିରୁ ଏହି ବିମାନ କୋଲକାତା ଯିବାର କାର୍ଯ୍ୟକ୍ରମ ରହିଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି।

# ଆମେରିକାରେ ରହୁଥିବା ଜିନ୍‌ପିଙ୍ଗ୍‌ଙ୍କ ଝିଅ ସି ମିଙ୍ଗ୍‌ଜେଙ୍କୁ ନେଇ ଚର୍ଚ୍ଚା



ୱାସିଂଟନ, ୨।୬ (ଏଜେନ୍ସି): ଆମେରିକାର ରହୁଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ଏକମାତ୍ର ଝିଅ ସି ମିଙ୍ଗ୍‌ଜେଙ୍କୁ ନେଇ ଏବେ ସାରାବିଶ୍ୱରେ ଚର୍ଚ୍ଚା ଚାଲିଛି। ସେ ଆମେରିକାର ମାସାଚୁସେଟ୍ସରେ କଡ଼ା ନିରାପତ୍ତା ତଥା ସୁରକ୍ଷା ବଳୟରେ ରହୁଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଚୀନ୍ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ରଖି ନୂଆ ଭିସା ନୀତି ଜାରି କରିଛନ୍ତି। ଫଳରେ ମିଙ୍ଗ୍‌ଜେଙ୍କୁ ଆମେରିକାର ଡିପୋର୍ଟ ଅର୍ଥାତ ବାହର କରିବାକୁ ନେଇ ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ସେ ଆମେରିକା ଛାଡ଼ି ଚୀନ୍‌କୁ ପ୍ରତ୍ୟାବର୍ତ୍ତନ କରିବେ କି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ସେ ନିଜର ପାଠପଢ଼ା ଜାରି ରଖିବାକୁ ପୁଣି ହାବାର୍ଡ ବିଶ୍ୱବିଦ୍ୟାଳୟ ଫେରିପାରନ୍ତି ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ମିଙ୍ଗଜେ ମାସାଚୁସେଟ୍ସରେ ରହୁଛନ୍ତି ବୋଲି ଟ୍ରମ୍ପର ଜଣେ ସହଯୋଗୀ ତଥା ରାଜନୈତିକ ବିଶ୍ଳେଷକ ଲଉରା ଲୁମେର କହିଛନ୍ତି। ଫଳରେ ମିଙ୍ଗ୍‌ଜେଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଅବଶ୍ୟ ଏ ନେଇ ସ୍ୱଷ୍ଟ ଭାବେ କିଛି କୁହାଯାଇନାହିଁ ଓ ତାଙ୍କୁ ନେଇ ରହସ୍ୟ ଲାଗି ରହିଛି।

ଚୀନ୍‌ର ଫୁଜିଆନ ରାଜ୍ୟର ଫୁଝୋରେ ୧୯୯୨ ଜୁନ୍ ୨୫ରେ ଜନ୍ମିତ ଜିନ୍‌ପିଙ୍ଗଙ୍କ ଝିଅ ମିଙ୍ଗଜେ କୌଣସ ଏକ ଗୁପ୍ତ ରହସ୍ୟରୁ କିଛି କମ୍ ନୁହଁନ୍ତି। ସେ ସବୁବେଳେ ଲାଇମ୍‌ଲାଇଟ୍‌ରୁ ଦୂରେଇ ରହିଥାନ୍ତି। ତାଙ୍କୁ ସର୍ବସାଧାରଣରେ ପ୍ରାୟ ଦେଖିବାକୁ ମିଳି ନଥାଏ। ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ ସେ ହାଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ା ଜାରି ରଖିଥିଲେ। ମନସ୍ତତ୍ୱରେ ଡିଗ୍ରୀ ହାସଲ କରିଥିବା ମିଙ୍ଗଜେ ସବୁବେଳେ ନିଜର ପରିଚୟ ଗୁପ୍ତ ରଖିଥାନ୍ତି। ପୂର୍ବରୁ ସେ ଚୀନର ଜୋଜିୟଙ୍ଗ୍ ବିଶ୍ୱବିଦ୍ୟାଳୟ ଓ ହାଙ୍ଗଝୁ ଫରେନ ଲାଙ୍ଗୁଏଲଜ ସ୍କୁଲ୍‌ରେ ଫ୍ରେଞ୍ଚ୍ ଭାଷ ପଢିଥିଲେ। ୨୦୧୪ ପରେ ସେ ଚୀନ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ସେ ୨୦୧୯ରେ ଗ୍ରାଜୁଏସନ କରିବାକୁ ପୁଣି ହାଭାର୍ଡ ଫେରିଥିଲେ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ତେବେ ସେ ଏବେ କେଉଁଠି ରହୁଛନ୍ତି, ତାଙ୍କ କ୍ୟାରିଅର ଓ ବ୍ୟକ୍ତିଗତ ଜୀବନ ବିଷୟରେ କାହା ପାଖରେ କିଛି ଠୋସ ପ୍ରମାଣ କି ଖବର ନାହିଁ। ସେ ଚୀନ୍ ସରକାରଙ୍କ କଡ଼ା ସୁରକ୍ଷାରେ ମାସାଚୁସେଟ୍ସରେ ରହିଛନ୍ତି ବୋଲି ଅନୁମାନ କରାଯାଉଛି।

**ୟୁକ୍ରେନ ଆକ୍ରମଣରେ ଦୋହଲିଯାଇଛି ରୁଷ୍**

# ୧୮ ମାସର ଯୋଜନା ପରେ ୧୧୭ ଡ୍ରୋନ୍ ଆକ୍ରମଣ

କିଭ୍, ୨।୬ (ଏଜେନ୍ସି): ୟୁକ୍ରେନ-ରୁଷ୍ ମଧ୍ୟରେ ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଦୁଇ ଦେଶର ସେନା ମଧ୍ୟରେ ସବୁଠାରୁ ବଡ଼ ଡ୍ରୋନ ସଂଘର୍ଷ ଜାରି ରହିଛି। ଏହି କ୍ରମରେ ୟୁକ୍ରେନ ରବିବାର କରିଥିବା ଜୋରଦାର ଆକ୍ରମଣରେ ରୁଷ୍ ସ୍ତବ୍ଧ ହୋଇଯାଇଛି। ତଦ୍‌ଜନିତ କ୍ଷୟକ୍ଷତି ବି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ଦ୍ୱାରା ମୁର୍ମନସ୍କ, ଇର୍କୁଟସ୍କ, ଇଭାନୋଭୋ, ରେଜାନ ଏବଂ ଅମୁର କ୍ଷେତ୍ରରେ ଥିବା ୫ଟି ଏୟାରବେସ୍ ଉପରେ ଭୟଙ୍କର ଆକ୍ରମଣ ହୋଇଥିବା ରୁଷ୍ ମାନିଛି। କିନ୍ତୁ କେତେ ବିମାନ କ୍ଷତିଗ୍ରସ୍ତ ହୋଇଛି ତାହାର ସୂଚନା ଦେଇନାହିଁ। ପୂର୍ବରୁ ୪୦ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଥିବା ୟୁକ୍ରେନ ପକ୍ଷରୁ ଦାବି କରାଯାଇଥିଲା। ଏବେ ରୁଷ୍ ଏହାକୁ ଆତଙ୍କବାଦୀ ଆକ୍ରମଣ କହିଛି। ପ୍ରଥମ ଥର ସେନାଘାଟୀ ନିକଟ ଦେଇ କିଛି ଡ୍ରୋନ ଯାଇଥିବା ସ୍ୱୀକାର କରିଛି। ଏହା ମଧ୍ୟରେ ୟୁକ୍ରେନର ଏଭଳି ଚକିତ କଲା ଭଳି ଆକ୍ରମଣକୁ ନେଇ ସବୁଠି ଚର୍ଚ୍ଚା ହେଉଛି। କେଉଁ ଭଳି ଏହାକୁ ସଫଳ କରଗଲା ତାହା ଜାଣିବା ପାଇଁ ଉତ୍ସୁକତା ପ୍ରକାଶ ପାଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ନିଜେ ଏହାର ଗୁମର ଖୋଲିଛନ୍ତି।

ଜେଲେଁସ୍କି ଏହାକୁ ସବୁଠାରୁ ସଠିକ୍ ଆକ୍ରମଣ କହିଛନ୍ତି। ଏଥିପାଇଁ ୧୮ ମାସ ହେଲା ଯୋଜନା କରାଯାଉଥିଲା। ୧୧୭ ଡ୍ରୋନରେ ଶତ୍ରୁର ଠିକଣାକୁ ନିଶାଣ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି। ଏଥିରେ ରୁଷ୍‌ର ବିପୁଳ କ୍ଷୟକ୍ଷତି ହୋଇଛି। ଏହା ସବୁଠାରୁ ବିରଳ ଅଭିଯାନ ଥିଲା। ରୁଷ୍ ଉପରେ ଚାପ ପକାଇବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଥିଲା। ଏହା ମାଧ୍ୟମରେ ତାହା କରି ଦେଖାଇ ଦିଆଯାଇଛି।




ମାନିଲା ରୁଷ୍; ୫ଟି ଏୟାରବେସ୍‌ରେ ହୋଇଛି ଆକ୍ରମଣ

କଟକଣା, ସେନା ଏବଂ କୂଟନୀତି ମାଧ୍ୟମରେ ସବୁ ପ୍ରକାରର ଚାପ ପକାଯାଇ ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରାଯାଇଛି। ରିପୋର୍ଟ ଅନୁଯାୟୀ ଏହି ଅଭିଯାନର ନାମ 'ସ୍ପାଇଡର୍‌ସ ୱେବ' ରଖା ଯାଇଥିଲା। ୟୁକ୍ରେନ ସହରରେ ବୋମା ମାଡ଼ କରିବା ପାଇଁ ସିକ୍ୟୁରିଟି ସର୍ଭିସ (ଏସ୍‌ବିୟୁ) ୪୧ଟି ଡ୍ରୋନ ବ୍ୟବହାର କରିଥିଲା। ଏ ସବୁକୁ ଟ୍ରକ୍‌ରେ ଲୁଚାଇ ରୁଷ୍ ନିଆଯାଇଥିଲା। ଏହି ଡ୍ରୋନ୍ ହିଁ ରୁଷ୍ ଟିୟୁ-୯୫, ଟିୟୁ-୨୨, ଏ-୫୦ ଭଳି ରାଡାର ଡିଟେକ୍ସନ ଏବଂ କମାଣ୍ଡ ଏୟାରକ୍ରାଫ୍ଟକୁ ଧ୍ୱଂସ କରିଦେଇଥିଲା। ଜେଲେଁସ୍କି କହିଛନ୍ତି ଯେ ରୁଷିଆର ଗୁଇନ୍ଦା ଏବଂ ସୁରକ୍ଷା ଏଜେନ୍ସି ଏଫଏସ୍‌ବିର ମୁଖ୍ୟାଳୟ ନିକଟରେ ଥିବା ଏକ ଅଫିସରେ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ୧୧୭ଟି ଡ୍ରୋନ ମଧ୍ୟରୁ ୩୪ ପ୍ରତିଶତ ସିଧାସଳଖ ଆକ୍ରମଣ କରାଯାଇଥିବା ସେନାଘାଟୀରେ ଓହ୍ଲାଇ ବୋମା ମାଡ଼ କରିଥିଲା। ରୁଷିଆର ବିଭିନ୍ନ କ୍ଷେତ୍ରରେ ରହିଥିବା ୟୁକ୍ରେନ ନାଗରିକ ଏହି ଅଭିଯାନରେ ସହାୟତା କରିଥିଲେ। ତାଙ୍କୁ ପ୍ରଥମେ ରୁଷ୍ ଅଞ୍ଚଳରୁ ବାହାର କରାଯାଇଥିଲା। ରୁଷ୍ ପୁଣି ବଡ଼ଧରଣର ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବାର ଗୁଇନ୍ଦା ସୂଚନା ମିଳିବା ପରେ ଏହି ପଦକ୍ଷେପ ନିଆଯାଇଥିଲା।

### ରୁଷ-ୟୁକ୍ରେନ୍ ଶାନ୍ତି ଆଲୋଚନା ଘଣ୍ଟାଏରେ ଶେଷ

ଇସ୍ତାନବୁଲ୍,୨।୬(ଏଜେନ୍ସି): ତୁର୍କୀର ଇସ୍ତାନବୁଲ୍‌ଠାରେ ସୋମାବାର ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟର ଶାନ୍ତି ଆଲୋଚନା ମାତ୍ର ଏକ ଘଣ୍ଟା ମଧ୍ୟରେ ଶେଷ ହୋଇଛି। ପୂର୍ବରୁ ଦୁଇ ଦେଶର ଏକ ୧୬ ଜଣିଆ ପ୍ରତିନିଧି ମଣ୍ଡଳୀ ଏଠାରେ ଶାନ୍ତି ଆଲୋଚନା ପାଇଁ ଏକାଠି ହୋଇଥିଲେ ମଧ୍ୟ ଦୁଇ ଘଣ୍ଟାରେ ଏହି ଆଲୋଚାନ ଶେଷ ହୋଇଥିଲା। ରୁଷ୍ ଉପରେ ୟୁକ୍ରେନର ଡ୍ରୋନ ମାଡ ହେବାର ମାତ୍ର କେତେ ଘଣ୍ଟା ପରେ ହିଁ ଏହି ଆଲୋଚାନା ହୋଇଥିଲା। ଏ ନେଇ ପ୍ରଶ୍ନ ହେବାରୁ ରୁଷ ଅଧିକାରୀ ମାନେ କାଲି ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି। ୟୁକ୍ରେନର ଡ୍ରୋନ ମାଡ୍‌ରେ ରୁଷର ବହୁତ କ୍ଷତି ହୋଇଥିଲା। ଏହାର ଜବାବରେ ରୁଷ ମଧ୍ୟ ତା'ର ପାଲଟା ଡ୍ରୋନ ଓ ମିସାଇଲ ଆକ୍ରମଣକୁ ଆହୁରି ଜୋରଦାର କରିଛି। ଇତିମଧ୍ୟରେ ୟୁକ୍ରେନ ୫ଟି ଏୟାର ବେସ୍ ଉପରେ ଡ୍ରୋନ ମାଡ କରିଛି ବୋଲି ରୁଷ ସ୍ୱୀକାର କରିଛି।

# ଆଧାର ଜାଲିଆତି କରି କନଷ୍ଟେବଲ ପରୀକ୍ଷା

ଭୋପାଳ, ୨।୬ (ଏଜେନ୍ସି): ଜାଲିଆତି ଏମିତି ଯାହା ଚଳଚ୍ଚିତ୍ରକୁ ବଳି ଯାଇଛି। ବଲିଉଡର ମୁନ୍ନା ଭାଇ ଫିଲ୍ମକୁ ବି ମାତ୍ ଦେଇ ଦେଇଛି। ପୁଣି ଏହି ଜାଲିଆତି ଚୋର ଧରୁଥିବା ପୁଲିସ ଚାକିରି ପାଇଁ ଚୋରିଛପି କରାଯାଇଛି। ଏହା ପଛରେ ଏକ ବଡ଼ ନେଟ୍‌ୱର୍କ କାମ କରୁଛି। ପୁଲିସ ଚାକିରି କରିବାକୁ ଚାହୁଁଥିବା ପିଲାଙ୍କଠାରୁ ଟଙ୍କା ନେଇ ତାଙ୍କ ସ୍ଥାନରେ ଅନ୍ୟମାନଙ୍କୁ ପରୀକ୍ଷାରେ ବସାଯାଇଛି। କେବଳ ଜଣଙ୍କ ପାଇଁ ନୁହେଁ, ଅନେକଙ୍କ ପାଇଁ ଏପରି କରାଯାଇଛି। ଏଥିପାଇଁ ଆଧାର କାର୍ଡ ଏବଂ ଅନ୍ୟ ପ୍ରମାଣପତ୍ର ଜାଲିଆତି କରାଯାଇଛି। ଏହା ମାଧ୍ୟମରେ ଅସଲି ଆଶାୟୀଙ୍କ ପାଇଁ ନକଲି ବ୍ୟକ୍ତି ସବୁ ପରୀକ୍ଷା ଦେଇଛି। ସବୁ ପର୍ଯ୍ୟାୟରେ ପାସ୍ କରି ନିଯୁକ୍ତି ପତ୍ର ମଧ୍ୟ ମିଳିଯାଇଛି। କିନ୍ତୁ ଚାକିରିରେ ଯୋଗଦେବା ସମୟରେ ପ୍ରମାଣପତ୍ର ଯାଞ୍ଚବେଳେ ସବୁ କିଛି ପଦାରେ ପଡ଼ି ଯାଇଛି। ମଧ୍ୟପ୍ରଦେଶର ପୁଲିସ କନଷ୍ଟେବଳ ନିଯୁକ୍ତି ପରୀକ୍ଷା-୨୦୨୩ରେ ଏଭଳି ଜାଲିଆତି ହୋଇଛି। ଏହାକୁ ନେଇ ପୁଣିଥରେ ଏହି ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି।

ରିପୋର୍ଟ ଅନୁଯାୟୀ ଏଭଳି ଜାଲିଆତି ଗୋଟିଏ ଜିଲ୍ଲାରେ ସୀମିତ ରହିନାହିଁ। ରାଜ୍ୟର ବହୁ ଜିଲ୍ଲାକୁ ଏହାର ଚେର ବ୍ୟାପିଛି। ଏବେ ମଧ୍ୟପ୍ରଦେଶ କର୍ମଚାରୀ ନିଯୁକ୍ତି ବୋର୍ଡ (ଏମପିଏସଇବି)ର ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଉପରେ ଗହନ ଯାଞ୍ଚ କରିବାକୁ ଦାବି କରାଯାଉଛି। ଏହି ମାମଲାରେ ତିନି ଜିଲ୍ଲାରୁ ୧୨ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଉଭୟ ଅସଲି ଏବଂ ନକଲି ପ୍ରାର୍ଥୀ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ୨୦୨୩ ଅଗଷ୍ଟ ୧୨ ରୁ ସେପ୍ଟେମ୍ବର ୧୨ମଧ୍ୟରେ ଏହି ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୭,୦୯୦ ପଦବୀ ପାଇଁ ପ୍ରାୟ ୭ ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ୨୦୨୪ ମାର୍ଚ୍ଚରେ ଲିଖିତ ପରୀକ୍ଷାର ଫଳାଫଳ ବାହାରିବା ପରେ ଶାରୀରିକ ପରୀକ୍ଷା ହୋଇ ଗତ ମାର୍ଚ୍ଚରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜାରି କରାଯାଇଥିଲା। ଚାକିରିରେ ଯୋଗଦେବା ସମୟରେ ବାୟୋମେଟ୍ରିକ



ଯାଞ୍ଚବେଳେ ଏହି ଜାଲିଆତି ସାମନାକୁ ଆସିଥିଲା। ମୋରେନାର ରାମ ରୂପ ଗୁର୍ଜର କାର୍ଯ୍ୟଭାର ଗ୍ରହଣ କରିବାକୁ ଅଲିରାଜପୁରର ଏସପିଙ୍କ ଅଫିସରେ ପହଞ୍ଚି ଥିଲେ। କିନ୍ତୁ ଆଡମିଟ୍ କାର୍ଡ ଫଟୋ ତାଙ୍କ ବର୍ତ୍ତମାନର ଫଟୋ ସହ ମେଳ ଖାଉ ନ ଥିବାରୁ ଅଧିକାରୀମାନେ ସନ୍ଦେହ କରିଥିଲେ। ପରେ ଆଙ୍ଗୁଠି ଛାପରୁ ପରୀକ୍ଷା ଦେଇଥିବା ବ୍ୟକ୍ତି ଆଉ କିଏ ବୋଲି ଜଣା ପଡ଼ିଥିଲା। ପଚରାଉଚରା ସମୟରେ ବିହାରର ଅମରେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ଲକ୍ଷେ ଟଙ୍କା ଦେଇ ପରୀକ୍ଷା ଦେବାକୁ କହିଥିଲେ ବୋଲି ସେ ସ୍ୱୀକାର କରିଥିଲା। ମାମଲାରେ ପୁଲିସ ଉଭୟଙ୍କୁ ଗିରଫ କରିଛି।

ସେହିପରି ମୋରେନାରେ ଆଶାୟୀ ରାଧା ଚରଣ ଏବଂ ଦିନେଶ ସିଂହ ଆଧାର ତଥ୍ୟକୁ ଜାଲିଆତି କରିଥିଲେ। ନିଜ ସହ ମେଳ ଖୁଆଇବା ପାଇଁ ପରୀକ୍ଷା ପୂର୍ବରୁ ଏବଂ ପରେ ବାୟୋମେଟ୍ରିକ୍ସ ତଥ୍ୟକୁ ଅପଡେଟ୍ କରିଥିଲେ। ଏହା ବ୍ୟତୀତ ସେଓପୁର ଜିଲ୍ଲାରୁ ୭ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଆଶାୟୀ ସୋନୁ ରାୱତ, ସନ୍ତୋଷ ରାୱତ, ଅମନ ସିଂହ ଏବଂ ସେମାନଙ୍କର ସମାଧାନକାରୀ ସାମିଲ ଅଛନ୍ତି। ବାୟୋମେଟ୍ରିକ୍ ପରିବର୍ତ୍ତନ କରିଥିବା ଆଧାର ଏଜେଣ୍ଟମାନଙ୍କୁ ମଧ୍ୟ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ସୁସଂଗଠିତ ଭାବେ ଏହି ଜାଲିଆତି କରାଯାଉଥିଲା। ପ୍ରଥମେ ଆଶାୟୀଙ୍କୁ ନିଜ ପାଇଁ ଉପଯୁକ୍ତ ନକଲି ପ୍ରାର୍ଥୀ ଖୋଜିବାକୁ ପଡୁଥିଲା। ଏହା ପରେ ଇଣ୍ଟରନାଲ ଆସେସ୍ ମାଧ୍ୟମରେ ଆଙ୍ଗୁଠି ଛାପ ଏବଂ ମୁହଁର ତଥ୍ୟ ମାଧ୍ୟମରେ ବାୟୋମେଟ୍ରିକ ବଦଳା ଯାଉଥିଲା।

## ସିକିମ୍ ସେନା କ୍ୟାମ୍ପରେ ଭୂସ୍ଖଳନ: ୩ ଯବାନଙ୍କ ମୃତ୍ୟୁ; ୬ ନିଖୋଜ

**ପୂର୍ବୋତ୍ତର ରାଜ୍ୟରେ ବର୍ଷା-ବନ୍ୟାରେ ଗଲାଣି ୩୭ ଜୀବନ**

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ସିକିମରେ ରବିବାର ସନ୍ଧ୍ୟା ୭ଟାରେ ଏକ ସେନା ଶିବିରରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ଏଥିରେ ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୬ ଜଣ ନିଖୋଜ ଅଛନ୍ତି। ଅବଶେଷ ତଳୁ ୪ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ଏବେ ବି ତଲାସୀ ଅଭିଯାନ ଜାରି ରହିଛି। ପ୍ରତିକୂଳ ପରିସ୍ଥିତିରେ ବି ସେନା କର୍ମୀ ଦିନରାତି ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି। ସେନା ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ହାଭିଲଦାର ଲଖୱିନ୍ଦର ସିଂହ, ଲାନ୍ସ ନାୟକ ମନୀଷ ଠାକୁର ଏବଂ ପୋର୍ଟର ଅଭିଷେଖ ଲାଖଡା ସାମିଲ ଅଛନ୍ତି। ମୃତକଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ପ୍ରତି ସେନା ପକ୍ଷରୁ ଗଭୀର ସମବେଦନା ପ୍ରକାଶ କରାଯାଇଛି। ପୀଡ଼ିତ ପରିବାରମାନଙ୍କୁ ସେନା ପକ୍ଷରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ। ଯବାନଙ୍କ ସୁରକ୍ଷା ଏବଂ ମଙ୍ଗଳ ପାଇଁ ସେନା ପ୍ରତିବଦ୍ଧ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ସିକିମର ଲାଚେନ ଏବଂ ଲାଚୁଙ୍ଗରେ ଗତ ୩୦ ତାରିଖରୁ ଫସିଥିବା ୧୬୭୮ ପର୍ଯ୍ୟଟକଙ୍କୁ ଆଜି ଉଦ୍ଧାର କରାଯାଇଛି।

ସିକିମ ସହିତ ପୂର୍ବୋତ୍ତର ରାଜ୍ୟଗୁଡିକରେ ଗତ ୪ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ଏଥିରେ ଏ ପର୍ଯ୍ୟନ୍ତ ୩୭ ଜଣ ପ୍ରାଣ ହରାଇଲେଣି। ମୃତକଙ୍କ ମଧ୍ୟରେ ଆସାମର ୧୦ଜଣ, ଅରୁଣାଚଳ ପ୍ରଦେଶର ୯ ଜଣ, ମେଘାଳୟରେ ୬ ଜଣ ଏବଂ ମିଜୋରାମର ୫ ଜଣ ସାମିଲ ଅଛନ୍ତି।

ଉଦ୍ଧାରକାର୍ଯ୍ୟରେ ଭାରତୀୟ ସ୍ଥଳ ସେନା, ବାୟୁସେନା ଏବଂ ଆସାମ ରାଇଫଲ୍ସର ଯବାନଙ୍କୁ ମୁତୟନ କରାଯାଇଛି। ଆସାମ ବନ୍ୟାରେ ୩.୬୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ବ୍ରହ୍ମପୁତ୍ର, ବରାକ ସମେତ ୧୦ ପ୍ରମୁଖ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ମଣିପୁରରେ ୧୯ ହଜାରରୁ ଅଧିକ ଏବଂ ତ୍ରିପୁରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ମିଜୋରାମର ରାଜଧାନୀ ଆଇଜୋଲରେ ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ଗତ ୩୦ ତାରିଖରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ଭୂସ୍ଖଳନର ୨୧୧ଟି ମାମଲା ସାମ୍‌ନାକୁ ଆସିଲାଣି।

## କୋହଲିଙ୍କ ରେସ୍ତୋଁରା ବିରୋଧରେ ମାମଲା ରୁଜୁ

ବେଙ୍ଗାଲୁରୁ,୨।୬(ଏଜେନ୍ସି): ଭରାତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ସହ-ମାଲିକାନରେ ଥିବା 'ୱାନ୮ କମୁନ' ନାମକ ଏକ ବାର ଓ ରେସ୍ତୋଁରା ବିରୋଧରେ କବନ ପାର୍କ ପୁଲିସ ମାମଲା ରୁଜୁ କରିଛି। ଧୂମପାନ ନିଷେଧ କ୍ଷେତ୍ରର ଉଲ୍ଲଂଘନ ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଏକ ସ୍ଥାନୀୟ କୋର୍ଟରୁ ଅନୁମତି ନେବାପରେ ପୁଲିସ ଆଇପିସି ସେକ୍ସନ ୪ ଓ ୨୧ ଧାରାକୁ ପାଥେୟ କରି ରେସ୍ତୋଁରାର ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କ ବରୋଧ ଏତଲା ରୁଜୁ କରାଯାଇଛି। କୋହଲିଙ୍କ ସହ ଜଡିତ କୌଣସି ସଂସ୍ଥା ବିରୋଧରେ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନିଆଯାଇନାହିଁ। ପୂର୍ବରୁ ୨୦୨୪ ଡିସେମ୍ବରରେ 'ୱାନ୮ କମୁନ' ବିରୋଧରେ ଫାୟାର ସେଫ୍ଟି ନିୟମର ଉଲ୍ଲଂଘନ ନେଇ ମଧ୍ୟ ଏତଲା ଦାୟର କରାଯାଇଥିଲା।


## ଏସ୍‌ପି ନେତାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍

ପ୍ରୟାଗରାଜ, ୨।୬ (ଏଜେନ୍ସି): ପ୍ରୟାଗରାଜରେ ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ନେତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ୍ ହୋଇଛି। ଏଥିରେ ନେତା ଜଣକ ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ସେହିପରି ଯୁବତୀ ଜଣକ ହାତରେ ମଦ ବୋତଲ ଧରିବା ସହ ବିଛଣାରେ ନେତାଙ୍କ କୋଡ ଉପରେ ବସିଥିବାର ଦେଖାଯାଇଛି। ଏହି ଏସ୍‌ପି ନେତା ହେଉଛନ୍ତି ରାମସାଗର ଉର୍ଫ ମୁଖିଆ ଯାଦବ। ସେ ମେଜା ଲୋହାରୀରେ ରହୁଛନ୍ତି ଓ ସାଧନ ସହକାରୀ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଭିଡିଓ ସାମ୍ନାକୁ ଆସିବା ପରେ ଯମୁନା ନଗର ଡିସିପି ବିବେକ ଚନ୍ଦ୍ର ଯାଦବ ଏନେଇ ମେଜା ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଭିଡିଓ ନକ୍‌ଲି ବୋଲି ନେତା ଜଣକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମୋତେ ବଦ୍‌ନାମ କରିବାକୁ ଆମ ଦଳର ଜଣେ ବିଧାୟକ ଷଡଯନ୍ତ୍ର କରିଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଏହା ବିରୋଧରେ ଅଭିଯୋଗ କରିବି ବୋଲି ସେ କହିଛନ୍ତି।

ବନ୍ଦ କୋଠରୀର ଏହି ଭିଡିଓରେ ୪୫ ବର୍ଷୀୟ ମୁଖିଆ ଯାଦବଙ୍କ ସହ ତାଙ୍କର ଅନ୍ୟ ୪-୫ ଜଣ ସହଯୋଗୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଏହି ଭିଡିଓର ଯାଞ୍ଚ୍ କରାଯିବ ବୋଲି ଡିସିପି କହିଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ବିଜେପିର ଜଣେ ବରିଷ୍ଠ ନେତ୍ରୀଙ୍କ ପୁଅର ୧୩୦ଟି ଅଶ୍ଳୀଳ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା ଓ ଏହାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

## ସ୍କ୍ରୁଡ୍ରାଇଭର୍‌ରେ ୧୮ ଥର ଭୁସି ପ୍ରେମିକାଙ୍କୁ ହତ୍ୟା

ମୋରାଦାବାଦ୍,୨।୬(ଏଜେନ୍ସି): ଗାଇ ପାଇଁ ଖାଦ୍ୟ ଆଣିବାକୁ ଗତ ଶନିବାର ବାହରକୁ ଯାଥିବା ଜଣେ ମହିଳା ଆଉ ଘରକୁ ଫେରି ନଥିଲେ। ଉତ୍ତରପ୍ରଦେଶର ମୋରାଦାବାଦ୍‌ସ୍ଥିତ କୋଟୱାଲି ମେନାଥେରର ଏକ ଗାଁ ପଡିଆରେ ମହିଳାଙ୍କ ରକ୍ତଭିଜା ଶବ ଦେଖିବାକୁ ମିଳିଥିଲା। ମହିଳାଙ୍କ ପ୍ରେମିକ ଏହି ଘଟଣା ଘଟାଇଛି ବୋଲି କୁହାଯାଇଛି। ଏକ ସ୍କ୍ରୁଡ୍ରାଇଭରରେ ସେ ମହିଳାଙ୍କୁ ୧୮ ଥର ଭୁସି ଏହି କାଣ୍ଡ ଘଟାଇଛନ୍ତି। ସାଇରା ନାମକ ଏହି ମହିଳା ଘରକୁ ନ ଫେରିବା ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଖୋଜିବାକୁ ବାହାରୁ ଯାଇଥିଲେ। ତେବେ ପରଦିନ ତାଙ୍କ ମୃତଦେହକୁ ଠାବ କରାଯାଇଥିଲା। ମହିଳାଙ୍କ ସହ ଦୁଷ୍କର୍ମ କରାଯାଇଛି ବୋଲି ପୁଲିସ



ପ୍ରଥମେ ସନ୍ଦେହ କରିଥିଲା। ତାଙ୍କ ଗୁପ୍ତାଙ୍ଗରେ ରକ୍ତ ଦେଖିବାକୁ ମିଳିଥିଲା। କିନ୍ତୁ ପୋଷ୍ଟମର୍ଟମ ପରେ ତାଙ୍କ ସହ ଦୁଷ୍କର୍ମ ହୋଇନାହିଁ ବୋଲି ପୁଲିସ ସ୍ପଷ୍ଟ କରିଛି। ତଦନ୍ତ ବେଳେ ସାଇରାଙ୍କ ମୋବାଇଲ ଫୋନ୍‌ରେ ୫ଟି ମିସ୍ କଲ୍ ଦେଖିବାକୁ ମିଳିଥିଲା। ଏହାକୁ ଆଧାର କରି ସେହି ଗାଁରେ ରହୁଥିବା ରଫି ନାମକ ଜଣେ ବ୍ୟକ୍ତିଙ୍କ ପାଖରେ ପୁଲିସ୍ ପହଞ୍ଚିଥିଲା। ସେ ମଧ୍ୟ ପୁଲିସ୍ ଆଗରେ ନିଜର ଦୋଷ ସ୍ୱୀକାର କରିଛି। ସେ ଏକତରଫା ପ୍ରେମ କରୁଥିଲା ଓ ସାଇରା କୌଣସି ପ୍ରତିକ୍ରିୟା ଦେଉ ନଥିଲା।। କିଛି ଦିନତଳେ ଜଣେ ବ୍ୟକ୍ତି ସାଇରାଙ୍କୁ ବାଡେଇଥିଲା। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ସାଇରାଙ୍କ ସମ୍ପର୍କ ଅଛି ବୋଲି ରଫି ସନ୍ଦେହ କରିଥିଲା। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ସାଇରାଙ୍କୁ ବିଭତ୍ସ ଭାବେ ହତ୍ୟା କରିଥିଲା ବୋଲି ରଫି କହିଛି।

# ରାଜ୍ୟରେ ଅର୍ଦ୍ଧ ନ୍ୟାୟିକ ବ୍ୟବସ୍ଥା ପଙ୍ଗୁ: କଂଗ୍ରେସ

## ଖାଲି ପଡ଼ିଛି ତିନି ଗୁରୁତ୍ୱପୂର୍ଣ୍ଣ ପଦବୀ



ଭୁବନେଶ୍ୱର,୨।୬(ସମିସ): ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ମହିଳା ହିଂସା ଜନିତ ଘଟଣା ସାମ୍ନାକୁ ଆସୁଛି। ହେଲେ ରାଜ୍ୟରେ ଏଭଳି ଘଡ଼ିସନ୍ଧି ସ୍ଥିତିରେ ମଧ୍ୟ ମହିଳା କମିଶନ ପଦବୀ ଫାଙ୍କା ପଡ଼ିଛି। ନାରୀ ହିଂସା ନେଇ ପୂର୍ବରୁ ବିଜେଡି ସରକାରକୁ ଘେରିଥିବା ବିଜେପି ମହିଳା କମିଶନ ନିଯୁକ୍ତି କରୁନି। କମିଶନର କୌଣସି ସଦସ୍ୟ ମଧ୍ୟ ନାହାନ୍ତି। କେବଳ ରାଜ୍ୟ ସରକାର ଏକଛତ୍ରବାଦ ଶାସନ ଚଳାଇବା ପାଇଁ ଏଭଳି ଅର୍ଦ୍ଧ ନ୍ୟାୟିକ ବ୍ୟବସ୍ଥାକୁ ପଙ୍ଗୁ କରି ରଖିଛନ୍ତି ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ନିଶିକାନ୍ତ ମିଶ୍ର କହିଛନ୍ତି ଯେ ମହିଳା ହିଂସା ପରି ରାଜ୍ୟରେ ଶିଶୁ ନିଖୋଜ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଗତ ମାର୍ଚ୍ଚରୁ ଶିଶୁ ସୁରକ୍ଷା ଆୟୋଗ ପଦବୀ ଖାଲି ପଡ଼ିଛି। ସମାନ ଭାବେ ଲୋକାୟୁକ୍ତ ବି ନିଯୁକ୍ତି ହେଉନାହାନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପଦ ଫାଙ୍କା ପଡ଼ିଲେ ରାଜ୍ୟରେ ଶାସନ କେମିତି ଚାଲିବ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ଲୋକଙ୍କ ସରକାର କହୁଥିବା ଏ ରାଜ୍ୟ ସରକାର ରାଜ୍ୟରେ ଅର୍ଦ୍ଧ ନ୍ୟାୟିକ ବ୍ୟବସ୍ଥାକୁ ପଙ୍ଗୁ କରି ଦେଇଛନ୍ତି। ମାସେ ମଧ୍ୟରେ ସମସ୍ତ ଅର୍ଦ୍ଧନ୍ୟାୟିକ ପଦବୀ ପୂରଣ କରା ନ ଗଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଜୋର୍‌ଦାର୍ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ସଭାପତି ହିମାଂଶୁ ଲେଙ୍କା ଓ ମନିଷା ଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

# ନିଖିଳ ପୱନକଲ୍ୟାଣ ଜନଗଣନା ନିର୍ଦ୍ଦେଶକ ନିଯୁକ୍ତ



ଭୁବନେଶ୍ୱର,୨।୬(ସମିସ): ଆଇଏଏସ୍ ଅଫିସର ନିଖିଳ ପୱନକଲ୍ୟାଣଙ୍କୁ ମିଳିଛି ଗୁରୁଦାୟିତ୍ୱ। ୨୦୧୨ ବ୍ୟାଚ୍‌ର ଓଡ଼ିଶା କ୍ୟାଡରର ଆଇଏଏସ୍ ନିଖିଳ ପୱନକଲ୍ୟାଣଙ୍କୁ ଓଡ଼ିଶାରେ ଜନଗଣନା ନିର୍ଦ୍ଦେଶକ/ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ବେଳେ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହାସହିତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏକ ପତ୍ର ଲେଖାଯାଇ ତାଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ଦ୍ୱାରା ସେ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରିପାରିବେ। କ୍ୟାବିନେଟ ନିଯୁକ୍ତି କମିଟି ନିର୍ଦ୍ଦେଶାବଳୀ ଅନୁଯାୟୀ, ଏପରି ଭୂମିକାରେ ନିଯୁକ୍ତ ଅଧିକାରୀମାନେ ନିଯୁକ୍ତି ବିଜ୍ଞପ୍ତିର ତିନି ସପ୍ତାହ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ଉଚିତ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନା ଥାଉକି, ନିଖିଳ ପୱନ କଲ୍ୟାଣ ଅଗଷ୍ଟ ୨୦୨୪ରୁ ଓଡ଼ିଶାରେ ମୃତ୍ତିକା ସଂରକ୍ଷଣ ଜଳସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

# ଅବକାରୀରୁ ରେକର୍ଡ ପରିମାଣର ରାଜସ୍ୱ ଆଦାୟ ଲକ୍ଷ୍ୟ

## ଆହ୍ୱାନ ସାଜିଲାଣି ଗଳିକନ୍ଦିରେ ଚୋରାମଦ ବନ୍ୟା

ଭୁବନେଶ୍ୱର, ୨।୬(ସମିସ): ଚଳିତ ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରାଜ୍ୟରେ ନୂଆ ଅବକାରୀ ଆସିବ। ନୂଆ ନୀତି ଅନୁଯାୟୀ, ରାଜ୍ୟରେ ଆଉ ନୂଆ ମଦ ଦୋକାନ (ଅଫ୍ ସପ) ଖୋଲିବ ନାହିଁ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେହିପରି ଏଣିକି ବର୍ଷିକିଆ ନୀତି ବଦଳରେ ନୂଆ ନୀତି ୩ ବର୍ଷ ଅବଧି ବିଶିଷ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ, ରାଜ୍ୟରେ ଅବକାରୀ ପରିଚାଳନାକୁ ନେଇ ରାଜ୍ୟ ସରକାରଙ୍କ ଆଚରଣ ଏବଂ ଉଚ୍ଚାରଣ ମଧ୍ୟରେ ଫରକ୍ ସଂପୂର୍ଣ୍ଣ ପରିସ୍ଥିତିକୁ ଗୋଳିଆ କଲାଣି। ଏପରିକି, ନୂଆ ନୀତିର ସ୍ୱରୂପକୁ ନେଇ ନିଜେ ସରକାର ସନ୍ଦିହାନ ଏବଂ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ମଧ୍ୟରେ ଅଛନ୍ତି ବୋଲି ବିଶେଷଜ୍ଞ ମହଲରେ ଅଭିଯୋଗ ହେଲାଣି।

ଗୋଟିଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି। ଗାଁ ଗାଁରେ ଦାସକାଠିଆ, ଘୋଡ଼ାନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ଅପରପକ୍ଷେ, ସମାନ ସମୟରେ ଅବକାରୀ ରେକର୍ଡ ୯୭୫୩କୋଟି ଟଙ୍କା ରାଜସ୍ୱ ଲକ୍ଷ୍ୟ ରଖିବା ରାଜ୍ୟ ସରକାରଙ୍କ ନିଶା ନିବାରଣ ପ୍ରତି ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଅବକାରୀ ରାଜସ୍ୱ ବୃଦ୍ଧି ନୁହେଁ, ମଦ ବିକ୍ରେତାମାନେ ମଧ୍ୟ ନିଜ କୋଟାରେ ମଦ ଉଠାଣକୁ ଅବକାରୀ ବିଭାଗ ଅନୁମତି ପ୍ରଦାନ କରିଛି।

ଏପରିସ୍ଥଳେ ନିଶା ନିବାରଣ ଅଭିଯାନ କେତେଦୂର ଫଳପ୍ରଦ ହେବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏପରିକି ରାଜ୍ୟରେ ନିଶା ନିବାରଣ ଏବଂ ଅବକାରୀ ନୀତିକୁ ନେଇ ସରକାର ନିଜେ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ସାମାଜିକ କର୍ମୀ ଅଭିଯୋଗ ବାଢ଼ିଛନ୍ତି।

ରାଜ୍ୟରେ ନୂଆ ସରକାର ଆସିବା ପରଠାରୁ ଚୋରାମଦ କାରବାର ଆକାଶଛୁଆଁ ହୋଇଛି। ରାଜ୍ୟରେ ଗଳି କନ୍ଦିରେ ଚୋରାମଦ ସହଜରେ ଉପଲବ୍ଧ ହେଉଥିବା ବେଳେ ବ୍ରାଉନସୁଗାର କାରବାର ମଧ୍ୟ ସମାଜକୁ ବେଶ୍ କ୍ଷତିଗ୍ରସ୍ତ କଲାଣି। ଅତଏବ୍ ସରକାର ଏହା ଉପରେ ସରକାର ସବୁଠୁ ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

- ସରକାରଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ
- ନୂଆ ଅବକାରୀ ନୀତିକୁ ନେଇ ସରକାର ଦ୍ୱନ୍ଦ୍ୱରେ

ମନ୍ତ୍ରୀଙ୍କ କହିବାନୁଯାୟୀ, ବିଭିନ୍ନ ରାଜ୍ୟରେ କେମିତି ଅବକାରୀ ନୀତି କାର୍ଯ୍ୟକାରୀ ହେଉଛି, ତାହାକୁ ରାଜ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ଏଥିପାଇଁ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ତିନୋଟି ଟିମ୍ ଗଠନ କରାଯାଇଥିଲେ ସେମାନେ ବିଭିନ୍ନ ରାଜ୍ୟକୁ ଗସ୍ତ କରି ସେଠାକାର ନୀତିର ଅନୁଧ୍ୟାନ କରିବେ। ଏହାକୁ ତର୍ଜମା କରାଯାଇ ଆବଶ୍ୟକସ୍ଥଳେ ନୂଆ ଅବକାରୀ ନୀତିରେ କେତେକ ପ୍ରସ୍ତାବକୁ ଆପଣାଯାଇପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଅପରପକ୍ଷେ, ରାଜ୍ୟରେ ଆସିବାକୁ ଥିବା ଅବକାରୀ ନୀତିକୁ ନେଇ ବିଶେଷଜ୍ଞମହଲରେ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟରେ ବିଜେପି ସରକାରରେ ଆସୁଆସୁ ଟିକିଟିରେ ବିଷାକ୍ତ ମଦମୃତ୍ୟୁ ଘଟଣା ଘଟିଲା। ଏହାପରେ ରାଜ୍ୟରେ ଆଉ ଚୋରାମଦ ବ୍ୟବସାୟ କିମ୍ବା ବ୍ୟବସାୟୀ ରହିବେନାହିଁ ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ମାତ୍ର କିଛି କୁଟିଆ ତଥା ମଦଭାଟି ଉପରେ କାର୍ଯ୍ୟାନୁଷ୍ଠାନ ପରେ ସରକାର ଚୁପଚାପ ବସିପଡ଼ିଲେ। ବର୍ତ୍ତମାନ ରାଜ୍ୟରେ ସ୍ଥିତି ଏପରି ହେଲାଣି ଯେ ଲାଇସେନ୍ସପ୍ରାପ୍ତ ମଦ ଦୋକାନଠାରୁ ଅଧିକ ବେପାର ଚୋରା ମଦ ବ୍ୟବସାୟୀମାନେ କରୁଛନ୍ତି। ଗାଁ ଗହଳିରେ ମଦର ବନ୍ୟା ଛୁଟୁଥିବା ବେଳେ ଅବକାରୀ ଏବଂ ପୁଲିସ ବିଭାଗ ଏକପ୍ରକାର ନିଷ୍କ୍ରିୟ ହୋଇପଡ଼ିଲାଣି। ଅତଏବ୍, ସରକାର ନୂଆ ନୀତିରେ ଚୋରାମଦ କାରବାର ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ରାଜ୍ୟରେ ବର୍ତ୍ତମାନ ମଦ ବ୍ୟବହାର ଧୀରେଧୀରେ ବଢ଼ିବାରେ ଲାଗିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୧୨.୯କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫କୋଟି ଲିଟରକୁ ବୃଦ୍ଧି ପାଇଥିଲା। ସେହିପରି ବିଦେଶୀ ମଧ୍ୟ ବ୍ୟବହାର ମଧ୍ୟ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସରକାର ଅବକାରୀରୁ ରେକର୍ଡ ୯୭୫୩କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ବର୍ତ୍ତମାନ ୩୦ପ୍ରତିଶତ ଲୋକ ମଦ୍ୟପାନ କରୁଥିବାର ଚିନ୍ତା ଉଦ୍ରେକକାରୀ ଚିତ୍ର ସାମ୍ନାକୁ ଆସିଲାଣି।

ନିର୍ବାଚନୀ ପ୍ରଚାର ବେଳେ ବିଜେପି ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ତେଣୁ ଅବକାରୀ ନୀତିରେ କ'ଣ ରହିଛି ଏବଂ ରାଜ୍ୟରେ ମଦ ବ୍ୟବହାରକୁ ନିୟନ୍ତ୍ରଣରେ ରଖିବାକୁ ସରକାରଙ୍କ କେତେ ଆନ୍ତରିକତା ରହିଛି, ତାହା ନୂଆ ନୀତିରୁ ସ୍ପଷ୍ଟ ଜଣାପଡ଼ିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

# ହାତୀଦାନ୍ତ ଡିଲ୍ ବେଳେ ଶିକାରୀକୁ ଧରିଲା ଏସ୍‌ଟିଏଫ୍



ଭୁବନେଶ୍ୱର,୨।୬(ସମିସ): ହାତୀଦାନ୍ତ ଡିଲ ବେଳେ ଏସ୍‌ଟିଏଫ୍ ହାତରେ ଧରା ପଡ଼ିଛି ଜଣେ ଶିକାରୀ। ସୋନପୁର ରାସ୍ତା ତେଲିବନ୍ଧ ଛକ ନିକଟରେ ପ୍ରମୋଦ ପରିଡ଼ା ନାମକ ଏହି ଶିକାରୀକୁ ଗିରଫ କରିବା ସହ ୨ଟି ହାତୀଦାନ୍ତକୁ ଏସ୍‌ଟିଏଫ ଜବତ କରିଛି। ଯାହାର ମୂଲ୍ୟ ୫ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା ହେବ। ଏହି ହାତୀ ଦାନ୍ତ ରାଜ୍ୟ ବାହାରକୁ ଚାଲାଣ କରାଯିବାକୁ ଯୋଜନା କରାଯାଇଥିଲା; ଏ ସମ୍ପର୍କରେ ସୂଚନା ପାଇ ପୂର୍ବରୁ ଛକି ରହିଥିବା ଏସ୍‌ଟିଏଫ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଏକ ଅଖା ବ୍ୟାଗ୍‌କୁ ଯାଞ୍ଚ କରିବା ପରେ ସେଥିରୁ ଦୁଇଟି ହାତୀ ଦାନ୍ତ ଜବତ କରାଯାଇଥିଲା। ଶିକାରୀଙ୍କୁ ପଚରାଉଚରା କରାଯିବା ପରେ ସେମାନେ ହାତୀ ଶିକାର କରିଥିବା ସ୍ୱୀକାର କରିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ଶିକାରକୁ ଗିରଫ କରାଯାଇଛି। ଏହା ପଛରେ ଏକ ରାକେଟ କାମ କରୁଥିବା ଜଣାପଡିଛି। ତେଣୁ ଏହି ଶିକାରୀ ରାକେଟ ପାଖରେ ପହଞ୍ଚିବା ପାଇଁ ଏସ୍‌ଟିଏଫ ଖୋଳତାଡ଼ କରୁଛି।

# ୪ଯାଏଁ ବଢ଼ିଲା +୩ ଆବେଦନ ଅବଧି

ଭୁବନେଶ୍ୱର,୨।୬(ସମିସ): +୩ରେ ନାମଲେଖା ପାଇଁ ଥିବା ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା କମ୍ ରହିଛି। +୨ ପରୀକ୍ଷାଫଳ ପ୍ରକାଶ ପାଇବାର ବହୁ ପୂର୍ବରୁ ଆବେଦନ ଆରମ୍ଭ ହୋଇଥିବା ବେଳେ ଆଶାନୁରୂପ ଆବେଦନ ହୋଇପାରିନି। ଏହି ପରିପ୍ରେକ୍ଷୀରେ ଆବେଦନ ଅବଧିକୁ ଆଉ ୩ଦିନ ପାଇଁ ବଢ଼ାଯାଇଛି। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅନୁରୋଧକ୍ରମେ ଆବୋଦନ ଅବଧିକୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ନିର୍ଦ୍ଧାରିତ ସମୟରେ କେବଳ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀଙ୍କୁ ଆବେଦନ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତବର୍ଷ ନାମଲେଖା ପାଇଁ ସମୁଦାୟ ୨ଲକ୍ଷ ୭୪ହଜାର ୫୬୯ଟି ସିଟ୍ ରହିଛି। ଏଥିପାଇଁ ୨ଲକ୍ଷ ୫୯ହଜାର ୭୩୨ଜଣ ଆବେଦନ କରିଥିବା ବେଳେ ତନ୍ମଧ୍ୟରୁ ୨ଲକ୍ଷ ୫୧ହଜାର ୭୭୪ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୨ହଜାର କମ୍ ରହିଛି।



# ଶୁଣିଲାନି ପ୍ରଶାସନ; ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ମହୁଲଡିହା,୨।୬(ସମିସ): ପ୍ରଶାସନ ନ ଶୁଣିବାରୁ ଠାକୁରମୁଣ୍ଡା ବ୍ଲକ ସାଲେଇବେଡା ଗ୍ରାମ ପଞ୍ଚାୟତ ଖପରଖାଇ ଗ୍ରାମବାସୀ ନିଜ ଉଦ୍ୟମରେ ଶ୍ରମଦାନ କରି ରାସ୍ତା ତିଆରି କରୁଛନ୍ତି। ଘଟଣାରୁ ପ୍ରକାଶ ଯେ, ଖପରଖାଇ ଗ୍ରାମର ମୁଖ୍ୟ ରାସ୍ତାରୁ ବଙ୍କିରା ସାହିକୁ ରାସ୍ତା ନ ଥିବାରୁ ସାହିଲୋକେ ସରପଞ୍ଚ ଏବଂ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ। ପ୍ରଶାସନ ରାସ୍ତା ନିର୍ମାଣରେ ବିଫଳ ହେବାରୁ ବାଙ୍କିରା ସାହିବାସୀ ନିଜେ ଶ୍ରମଦାନ କରି ମାଟି ରାସ୍ତା ତିଆରି କରୁଛନ୍ତି। ପଞ୍ଚାୟତର ୧୦ ନମ୍ବର ୱାର୍ଡର୍ ବାଙ୍କିରା ସାହିରେ ୩୦ ପରିବାର ବସବାସ କରୁଛନ୍ତି। ସରପଞ୍ଚ ପେଲଙ୍ଗ ହୋ'ଙ୍କୁ ଯୋଗାଯୋଗ କରିବାରୁ ମାଟି ରାସ୍ତାଟି ଡିଆରଡିଏରୁ ଅନୁମୋଦିତ ହୋଇ ଆସିଥିବା ବେଳେ ବାରମ୍ବାର କନିଷ୍ଠ ଯନ୍ତ୍ରୀ ବଦଳି ହେଉଥିବାରୁ ଏଷ୍ଟିମେଟ ନହୋଇ ପାରିବାରୁ ରାସ୍ତା ନିର୍ମାଣ ହୋଇପାରିନାହିଁ। ନିୟମ ଅନୁସାରେ ସମସ୍ତ ପ୍ରକାର ମାଟି କାମ ଜୁନ ୧୫ ତାରିଖଠାରୁ ବନ୍ଦ ରହିବ। ତେଣୁ ପ୍ରଶାସନ ଆଉ ରାସ୍ତା ତିଆରି କରିପାରିବ ନାହିଁ ବୋଲି ଲୋକଙ୍କର ହୃଦବୋଧ ହେଲା। ଫଳରେ ବର୍ଷା ପୂର୍ବରୁ ରାସ୍ତା ସଜାଡ଼ିବା ପାଇଁ ଗାଁ ଲୋକ ଅଣ୍ଟାଭିଡ଼ି କାମ ଆରମ୍ଭ କଲେ। ଆଉ ୭/୮ ଦିନ କାମ କଲେ ରାସ୍ତା ତିଆରି ଶେଷ ହେବ ବୋଲି କହିଛନ୍ତି ଗ୍ରାମବାସୀ। ପ୍ରଚଣ୍ଡ ଗରମ ସତ୍ତ୍ୱେ ଲୋକେ ମାଟି ଖୋଳି ରାସ୍ତା ତିଆରିରେ ଲାଗି ପଡିଛନ୍ତି। ୭ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ସତ୍ତ୍ୱେ କାମରେ ଲାଗି ପାରିଲାନାହିଁ। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ମନରେଗା ଦୁର୍ନୀତି

# ପୁଣି କାମ ନ କରି ଉଠାଇନେଲେ ବିଲ୍ ଟଙ୍କା

ବାରିପଦା, ୨।୬(ସମିସ)



ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠୁ ଦୁର୍ନୀତିର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଫଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସରକାର ବିଫଳ ହୋଇଛନ୍ତି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପୁଣି ଏକ ଦୁର୍ନୀତି ସାମନାକୁ ଆସିଛି। ଖୋଦ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ନିର୍ବାଚନ ମଣ୍ଡଳୀରେ କାମ ନ କରି ମନରେଗା ଅର୍ଥ ଆତ୍ମସାତ ହୋଇଥିବା ଜଣାପଡିଛି। ଯେଉଁଥିରେ କନିଷ୍ଠ ଯନ୍ତ୍ରୀ, ଠିକାଦାର ଓ ଅନ୍ୟ ଅଧିକାରୀ ସମ୍ପୃକ୍ତ ଥାଇ ମିଛ ମଷ୍ଟରରୋଲ ତିଆରି କରି ଟଙ୍କା ଉଠାଇ ନେଇଛନ୍ତି। ସୂଚନା ଅନୁସାରେ, ଶୁଳିଆପଦା ବ୍ଲକ ଅଁଳାଡୁବା ପଞ୍ଚାୟତ ଅନ୍ତର୍ଗତ ଚକଶୁଳିଆପଦା ଗ୍ରାମରେ ଥିବା ଉତ୍କଳ ବନାନୀ ମହାବିଦ୍ୟାଳୟରେ ଏଭଳି ଏକ ଦୁର୍ନୀତି ହୋଇଥିବା ଜଣାପଡିଛି। ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଉକ୍ତ ମହାବିଦ୍ୟାଳୟ ପରିସରରେ ସିମେଣ୍ଟ ବ୍ଲକ ଓ ଟାଇଲ ରାସ୍ତା ନିର୍ମାଣ ନିମନ୍ତେ ୩ ଲକ୍ଷ ୬୦ ହଜାର ୩୯୧ ଟଙ୍କା ଅନୁମୋଦନ ହୋଇଥିଲା। କିନ୍ତୁ କୌଣସି କାମ ନ ହୋଇ ମିଥ୍ୟା ମଷ୍ଟରରୋଲ ପ୍ରସ୍ତୁତ କରି ୪୩ ହଜାର ୬୮୦ ଟଙ୍କା ଉଠାଣ ହୋଇଛି। ମହାବିଦ୍ୟାଳୟ ପରିସରରେ ୨/୩ବର୍ଷ ପୂର୍ବେ ତତ୍କାଳୀନ ବିଜେଡି ସରକାର ସମୟରେ ୫-ଟି ଯୋଜନାରେ ସିମେଣ୍ଟ ବ୍ଲକ ଓ ଟାଇଲ ରାସ୍ତା ନିର୍ମାଣ ହୋଇଥିଲା। ଏହାପରେ କୌଣସି କାମ ହୋଇନଥିବା ନେଇ ମହାବିଦ୍ୟାଳୟ କର୍ମଚାରୀ ପ୍ରକାଶ କରିଛନ୍ତି। ତେବେ କାମ ନ ହୋଇ ଗତ ୬.୮.୨୦୨୪ରେ କିପରି ଟଙ୍କା ଉଠାଣ ହେଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହିତ ମହାବିଦ୍ୟାଳୟ ପରିସରରେ ଶୌଚାଳୟ ନିର୍ମାଣ ହେଉଥିବା ବେଳେ ସେଥିପାଇଁ ୮ ଲକ୍ଷ ୩୧ହଜାର ୧୮ ୭ଟଙ୍କା ଅନୁମୋଦନ ହୋଇଥିବା ବେଳେ ମଷ୍ଟରରୋଲ କରି ୫୨ ହଜାର ୪୧୬ ଟଙ୍କା ଉଠାଣ ହୋଇଛି। ସେହି ଅନୁଯାୟୀ କାର୍ଯ୍ୟ ମଧ୍ୟ ହୋଇନଥିବା ବେଳେ ତାହା ମଧ୍ୟ ସନ୍ଦେହ ଘେରରେ ରହିଛି। ମୟୂରଭଞ୍ଜ ଜିଲ୍ଲାରେ ବର୍ତ୍ତମାନ ଠିକାଦାର ପୋଷଣ ନୀତି ଚାଲିଥିବା ବେଳେ ବିନା କାମ ପୂର୍ବରୁ ବିଲ ଟଙ୍କା ପ୍ରଦାନ କରାଯାଉଛି; ଯାହାକି ଦୁର୍ନୀତି ଚରମ ସୀମାରେ ପହଞ୍ଚିଲାଣି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟ ଏଡିଇଓ ବାଘରାୟ ମୁର୍ମୁଙ୍କୁ ପଚାରିବାରୁ କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ମଷ୍ଟରରୋଲ ପ୍ରସ୍ତୁତ କରିଥିବା

### ଜିଲ୍ଲାରେ ଚାଲିଛି ଠିକାଦାର ପୋଷଣ ନୀତି

ନେଇ ସ୍ୱୀକାର କରିଛନ୍ତି। କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ସେନଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଅନ୍ୟପଟେ ଘଟଣା ବାବଦରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏ ବାବଦରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ବିଜେପି ସରକାରରେ ଶୁଳିଆପଦା ବ୍ଲକ ଅଞ୍ଚଳରେ ଦୁର୍ନୀତି ବର୍ତ୍ତମାନ ଚରମ ସୀମାରେ ପହଞ୍ଚିଛି; ଯାହାକୁ ରୋକିବାରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବିଫଳ ହୋଇଛନ୍ତି। ଆଗାମୀ ଦିନରେ ଏହି ଦୁର୍ନୀତି ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବ୍ଲକ କାର୍ଯ୍ୟାଳୟ ଘେରଉ କରିବ ବୋଲି ଭଞ୍ଜସେନାର ଅଧ୍ୟକ୍ଷ ସଞ୍ଜୀବ ରାଉତ ଚେତାବନୀ ଦେଇଛନ୍ତି।

# ସନ୍ତରଣ ଓ ପାଣିରେ ବୁଡ଼ିଯିବା ଜନିତ ମୃତ୍ୟୁମୁଖରୁ ବଞ୍ଚିବା କୌଶଳ ତାଲିମ



ବାରିପଦା, ୨।୬(ସମିସ): ସୋମବାର ଜିଲ୍ଲାସ୍ତରୀୟ ସପ୍ତ ଦିବସୀୟ ସନ୍ତରଣ ଏବଂ ପାଣିରେ ବୁଡ଼ିଯିବା ଜନିତ ମୃତ୍ୟୁମୁଖରୁ ବଞ୍ଚିବାର ମୌଳିକ କୌଶଳ ଏକ କାର୍ଯ୍ୟକ୍ରମ ଲକ୍ଷ୍ମୀପୋଷି ଓଏସଏପି ପଞ୍ଚମ ବାଟାଲିୟନ ସମ୍ମିଳନୀ କକ୍ଷରେ ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଏସଏପିର କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଡେପୁଟି କମାଣ୍ଡାଣ୍ଟ ଅରୁଣ କୁମାର ବେହେରା, ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ କାଳିଚରଣ ମାଝୀ, ଜିଲ୍ଲା ଶିକ୍ଷା ବିଭାଗର ପ୍ରୋଗ୍ରାମ ଅଫିସର ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜରୁରୀ କାଳୀନ କାର୍ଯ୍ୟାଳୟର ଡିପିଓ ଜଗବନ୍ଧୁ ମହାନ୍ତି ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡିପିଓ ଶ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସହାୟତା ବିଷୟରେ ଡେପୁଟି କଲେକ୍ଟର ସୂଚନା ଦେଇଥିଲେ। ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତା ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଯୋଗରେ ହେଉଥିବା ସନ୍ତରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତେ ସହଯୋଗ କରିବାକୁ ସେ ନିବେଦନ କରିଥିଲେ।

ଏପରି କାର୍ଯ୍ୟକ୍ରମ ବ୍ୟାପକ ସଚେତନତା ସୃଷ୍ଟି କରିବା ସଂଗେ ସଂଗେ ପାଣିରେ ବୁଡ଼ିଯିବା ଜନିତ ମୃତ୍ୟୁହାର ହ୍ରାସ କରିବାରେ ସହାୟକ ହେବ ବୋଲି କହିଥିଲେ। ତାଲିମ ମାଧ୍ୟମରେ ବ୍ୟାବହାରିକ ପରିବର୍ତ୍ତନ, ମନୋବଳ ବୃଦ୍ଧି, ମନସ୍ତାତ୍ତ୍ୱିକ ଅନୁଶୀଳନ ମାଧ୍ୟମରେ ଭୟ ଦୂର ତଥା ଆମେ ପାରିବା'ର ମାନସିକତା ଆସିଥାଏ ଓ ଆମର ଦକ୍ଷତାର ବିକାଶ ସହିତ ଆଗକୁ ବଢିବା ଏବଂ ବିପଦରୁ ରକ୍ଷା ପାଇବା ନିମନ୍ତେ ରାସ୍ତା ଦେଖାଏ ବୋଲି କହିଥିଲେ। ଶେଷରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଗଣା ବୃଦ୍ଧାବସ୍ଥା ସେବା ସମ୍ପର୍କିତ ପ୍ରଶିକ୍ଷଣ

ବାରିପଦା,୨।୬(ସମିସ): ତୁଳସୀ ଚୌରାସ୍ଥିତ ରୁରାଲ ଡେଭେଲପେଣ୍ଟ ଆକ୍ସନ ସେଲର କାର୍ଯ୍ୟାଳୟ ପରିସରରେ ମାଗଣା ତିନିମାସିଆ ବୃଦ୍ଧାବସ୍ଥା ସେବା ପ୍ରଦାନକାରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏସଏସଇପିଡି ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ଅଧିକାରୀ ରଞ୍ଜିତ ସୋରେନ୍ ମୁଖ୍ୟବକ୍ତ ଭାବେ ଯୋଗ ଦେଇଥିଲେ। ଏଥିରେ ଆରଡିଏସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନାରାୟଣ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସମ୍ପାଦକ ବିଜୟ କୁମାରୀ ବେହେରା ଏହି ତାଲିକା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଅତିଥି ଏବଂ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ଶିକ୍ଷାର୍ଥୀଙ୍କଠାରୁ ସେମାନଙ୍କର ତାଲିକ ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ତଥା ସେବା ଓ ନିଷ୍ଠା ସମ୍ବନ୍ଧରେ ପଚାରିବୁଝିଥିଲେ। ଏହି ତାଲିମ ପାଇଁ ୨୫ ଜଣ ଶିକ୍ଷାର୍ଥୀ ପ୍ରଥମ ପର୍ଯ୍ୟାୟରେ ଯୋଗ ଦେଇଛନ୍ତି। କେନ୍ଦ୍ରର ମୁଖ୍ୟ ସୁକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଗ୍ମ ଜନଶୁଣାଣି; ୧୯୧ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ବାରିପଦା, ୨।୬(ସମିସ): ସୋମବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ବାରିପଦା ଉପଖଣ୍ଡର ମୋଟ ୧୯୧ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ତନ୍ମଧ୍ୟରୁ ୧୬୬ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୨୫ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସମସ୍ତ ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ଏବଂ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ମଞ୍ଜୁର କରିଥିଲେ। ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଆଇଏଏସ ପ୍ରୋବେଶନର ମିସ କାଶିଷ ବକ୍ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧୀକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବଡ଼ସାହି,୨।୬(ସମିସ): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ନୂତନ ଅଧକ୍ଷ ପ୍ରଫେସର ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ସଞ୍ଜୟକୁମାର ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଚିନ୍ମୟ ମିଶନର ବାରିପଦା ମଧୁବନ ସ୍ଥିତ ଚିନ୍ମୟ ଗୁରୁପାଦ ଆଶ୍ରମର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦା ନନ୍ଦ ଯୋଗଦେଇ ଅବସର ପରେ ବି ନିଜକୁ ଆହୁରି ଗୁରୁ ଦାୟିତ୍ୱ ସମ୍ପନ୍ନ କରିବା ସ୍ଥାନରେ ନିଜକୁ ପାଇପାରିବା ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଫକୀର ଚରଣ ସାହୁ, ପ୍ରାଧ୍ୟାପକ ଜୀବନ କୁମାର ପଣ୍ଡିତ, ଅଧ୍ୟାପିକା ଡ ରିତୁଲତା ବିଶ୍ୱାଳ, ଅଧ୍ୟାପକ ଶୈଳେଶ କୁମାର ବେହେରା, ବିନୋଦ କୁମାର ପରିଡ଼ା, ସାତୁଆ, ଅନିରୁଦ୍ଧ ପଣ୍ଡା, ପାର୍ଥ ସରାହି ବିଶ୍ୱାଳ, ଶ୍ରବଣ କୁମାର ମହାପାତ୍ର ପ୍ରମୁଖ ଶ୍ରୀ ଜେନାଙ୍କ ସ୍ନେହ ପ୍ରେମ, ଆତ୍ମୀୟତା ନେଇ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରଫେସର ଜେନାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯିବା ସହ ତାଙ୍କ ସହଧର୍ମିଣୀ ପ୍ରଧାନ ଶିକ୍ଷକ ଶ୍ରୀପର୍ଣ୍ଣା ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଫକୀର ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସାମୁସାହିରେ ହିନ୍ଦୁସଭା ଓ ଶିବଶମ୍ଭୁ ଘୃତଯଜ୍ଞ

ମହୁଲଡିହା,୨।୬(ସମିସ): ଠାକୁରମୁଣ୍ଡା ବ୍ଲକ କେଶଡିହା ଗ୍ରାମପଞ୍ଚାୟତ ସାମୁସାହିଠାରେ ହିନ୍ଦୁ ଜାଗରଣ ଯୋଜନାରେ ଗ୍ରାମବାସୀଙ୍କ ଦ୍ୱାରା ଦୁଇ ଦିନିଆ ହିନ୍ଦୁ ମହାସଭା ଓ ଶିବଶମ୍ଭୁ ଘୃତଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଶତାଧିକ ମାତୃଶକ୍ତି କଳସ ଶୋଭାଯାତ୍ରାରେ ଆସି ନାମ ସଂକୀର୍ତ୍ତନ କରିଥିଲେ। ସନ୍ଧ୍ୟାରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଗୁରୁ ଡକ୍ଟର ଧିରେନ୍ଦ୍ର ଆଚାର୍ଯ୍ୟ ମହାରାଜ, ମୁଖ୍ୟ ବକ୍ତା ଭାବେ ଓଡିଶା ରାଜ୍ୟର ପୂର୍ବ ଓ ପଶ୍ଚିମ ଉଭୟ ପ୍ରାନ୍ତର ଧର୍ମ ଜାଗରଣ ପ୍ରାନ୍ତ ପ୍ରଚାରକ ମହେଶ ତ୍ରିପାଠୀ ଯୋଗଦେଇ ହିନ୍ଦୁତ୍ୱର ବିଚାର ବିଷୟରେ ବକ୍ତବ୍ୟ ପ୍ରଦାନ କରି ୩୯ ପରିବାରଙ୍କୁ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଶ୍ରୀ ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସାମୁସାହି ମଠର ପୂଜକଙ୍କ ମାଧ୍ୟମରେ ଏକ ବିଶାଳ ହିନ୍ଦୁଧର୍ମ ସଭାର ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଗୋବର୍ଦ୍ଧନ ପୀଠ ପୁରୀର ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଆଦିତ୍ୟ ବାହିନୀ ମୟୂରଭଞ୍ଜର ଉପସଭାପତି ରଘୁନାଥ ମହାନ୍ତ, ଲୋକନାଥ ପଣ୍ଡା (ଯାଜପୁର), ସୀତାକାନ୍ତ ମହାନ୍ତ (କେନ୍ଦୁଝର), ସ୍ୱାମୀ ଚିନ୍ମୟା ନନ୍ଦ ସରସ୍ୱତୀ ମହାରାଜ, ସମାଜସେବୀ ପଦ୍ମଲୋଚନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପ୍ରହ୍ଲାଦ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ।



## ଡମ ସମାଜର ପ୍ରତିଭା ସମ୍ବର୍ଦ୍ଧନା ସଭା 'ପ୍ରେରଣା'

# ସମ୍ବର୍ଦ୍ଧିତ ହେଲେ ୩୭ ମେଧାବୀ ଛାତ୍ରଛାତ୍ରୀ

ବିଶୋଇ,୨।୬(ସମିସ)



ପଶ୍ଚିମ ମୟୂରଭଞ୍ଜ ଓଡ଼ିଶା ଡମ ସମାଜ ବିକାଶ ସମିତି 'ପ୍ରେରଣା କମିଟି' ଆନୁକୂଲ୍ୟରେ ଏକ ପ୍ରତିଭା ସମ୍ବର୍ଦ୍ଧନା ସଭା 'ପ୍ରେରଣା' ଉତ୍ସବ ଅନୁଷ୍ଠିତ ହୋଇଯାଉଛି। ଚଳିତ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସହିତ ଡମ ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ଏଭଳି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ଆୟଜକ କମିଟିର ସଭାପତି ମଳେନ୍ଦ୍ର କାଳନ୍ଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଆଇନଜୀବୀ ଗୁଲେଶ ଗୋଚ୍ଛାୟତ, କୋଷାଧ୍ୟକ୍ଷ ଦେବକିଶୋର କାଳନ୍ଦୀ ଓ ବରିଷ୍ଠ ଆଇନଜିବୀ ଅମିତ କୁମାର ବୈଠା, ସମାଜସେବୀ ଅମର ସିଂ ଗଛାୟତ, ଗୌତମ ବୈଠା, ଜଗନ୍ନାଥ ବୈଠା, ନରେନ୍ଦ୍ର ବୈଠା, ସୁନୀଲ କୁମାର କାଳନ୍ଦୀ, ନିରୋଜ କାଳନ୍ଦୀ, ସରୋଜ କୁମାର କାଳନ୍ଦୀ ତଥା ଡମ ସମାଜର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ସଦସ୍ୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ମୁଖ୍ୟଅତିଥିରୂପେ 'ସମାଜ'ର ପ୍ରକାଶକ ଓ ମୁଦ୍ରାକର ଡ଼. ପ୍ରଭାସ କୁମାର ଆଚାର୍ଯ୍ୟ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରିବା ସହିତ ଉତ୍ତମ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ମୁଖ୍ୟବ୍ୟକ୍ତା ଭାବରେ କପ୍ତିପଦା ସଡ଼କସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରତାପଚନ୍ଦ୍ର ତେଲେଙ୍ଗା, ସମ୍ମାନିତ ଅତିଥି ଭାବରେ ପଣ୍ଡୁପାଣି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାରାଣୀ କୁଅଁର, ଗୋରୁମହିଷାଣି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନସୀ ବାଗ, ଅବସରପ୍ରାପ୍ତ ସିଡ଼ିପିଓ ନମିତା ଦାସ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ମନହର ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗ ରାଇରଙ୍ଗପୁରର ପର୍ଯ୍ୟବେକ୍ଷକ ପ୍ରଦୀପ କାଳନ୍ଦୀ ପ୍ରମୁଖ ଡମ ସମାଜର କିପରି ଉନ୍ନତି ହୋଇପାରିବ ସେନେଇ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଅତିଥିମାନେ ଚଳିତ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ୩୭ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ମାନପତ୍ର, କୋପ, ପୁସ୍ତକ ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆଇନଜୀବୀ ଗୁଲେଶ ଗଛାୟତ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ମଳେନ୍ଦ୍ର କାଳନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଶାଖା ଗଠିତ

ବିଶୋଇ,୨।୬(ସମିସ): ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ (ଏବିଆରଏସଏମ)ର ଏକ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ସଙ୍ଗଠନ ମନ୍ତ୍ରୀ ଅଶୋକ କୁମାର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାନ୍ତ ଅତିରିକ୍ତ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଖୁଣ୍ଟିଆ ସଙ୍ଗଠନର ଆଧାର, ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଉପସ୍ଥାପନ କରିଥିଲେ। ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଦୈନିକ 'ସମାଜ'ର ପ୍ରକାଶକ ଓ ମୁଦ୍ରାକର ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଶିକ୍ଷକ ତଥା ଶିକ୍ଷାୟତନର ସମସ୍ୟା, ଶିକ୍ଷକର ଆଭିମୁଖ୍ୟମାନ ଆଲୋକପତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ଯୁଗ୍ମ ସମ୍ପାଦକ ଶରତ କୁମାର ମିଶ୍ର, ବରିଷ୍ଠ ସଙ୍ଗଠକ ଦୁର୍ଯ୍ୟୋଧନ ମହାନ୍ତ, ସୁଶାନ୍ତ କୁମାର ବେହେରା ପ୍ରମୁଖ ସଙ୍ଗଠନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଉପସ୍ଥିତ ଥିବା ପ୍ରାଥମିକ, ମାଧ୍ୟମିକ ତଥା ଉଚ୍ଚ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ।




ପ୍ରାରମ୍ଭିକ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲା ଶାଖାର ଉପଦେଷ୍ଟା ଭାବେ କାଶୀନାଥ ମହାନ୍ତ (କରଞ୍ଜିଆ), ସଙ୍ଗଠନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତ (ବେତନଟୀ), ଅତିରିକ୍ତ ସଙ୍ଗଠନ ସମ୍ପାଦକ ବକ୍ସି ଜଗବନ୍ଧୁ ପାଲ (ଜାମଦା), ସଭାପତି ସତ୍ୟରଞ୍ଜନ ମହାକୁଡ଼ (ଠାକୁରମୁଣ୍ଡା), ଉପସଭାପତି ମନୋରଞ୍ଜନ ଗିରି (ବିଶୋଇ), ବିଜୟ ମହାନ୍ତ (ବାଙ୍ଗିରିପୋଷି), ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଗିରି (ବିଜାତଳା), ସମ୍ପାଦକ ଅଜିତ କୁମାର ଦେଓ (ଶୁଳିଆପଦା), ଯୁଗ୍ମ ସମ୍ପାଦକ ଚକ୍ରପାଣି ଦଳେଇ (କପ୍ତିପଦା), ଅଜୟ କୁମାର ମହାନ୍ତ (ଖୁଣ୍ଟା), କୋଷାଧ୍ୟକ୍ଷ ଇନ୍ଦ୍ରମଣି ଗିରି (ଶୁକ୍ଳି), ମାତୃଶକ୍ତି ପ୍ରମୁଖ ରଶ୍ମିରେଖା ପାତ୍ର (ବିଶୋଇ), କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ଗିରି (ରରୁଆଁ), ପୁଲକ କୁମାର ସେଠୀ (ବହଳଦା) ମନୋନୀତ ହୋଇଛନ୍ତି।

### ରାଇରଙ୍ଗପୁର ଡାକ୍ତରଖାନାରେ ପ୍ରସୂତିଙ୍କ ମୃତ୍ୟୁ ଘଟଣା

# ତଦନ୍ତ ନ ହେଲେ ଆନ୍ଦୋଳନ କରିବ ଜେଏମ୍‌ଏମ୍



**ବାରିପଦା, ୨।୬(ସମିସ)**

ରାଇରଙ୍ଗପୁର ଡାକ୍ତରଖାନାରେ ଜଣେ ପ୍ରସୂତିଙ୍କ ମୃତ୍ୟୁ ତଦନ୍ତ ଦାବିରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାମନଘାଟି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଗତ ୨୧ତାରିଖରେ ଘଟିଥିବା ମୃତ ନନ୍ଦିନୀ ନାଏକଙ୍କୁ ନ୍ୟାୟ ଏବଂ ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ବାରିପଦା ଶାଖାରେ ଉନ୍ନୟନ କାର୍ଯ୍ୟର ଦୁର୍ନୀତି ବିରୋଧରେ ଦଳ ଦାବି ରଖିଛି। ଘଟଣାରୁ ପ୍ରକାଶ ଯେ, ଗତ ୧୯ ତାରିଖରେ ବିଜାତଳା ବ୍ଲକ ଅନ୍ତର୍ଗତ ଖନ୍ତ ପଞ୍ଚାୟତ ମଦନଶୀଳା ଗ୍ରାମର ଶଙ୍କର ନାୟକଙ୍କ ପତ୍ନୀ ନନ୍ଦିନୀ(୨୧)ଙ୍କ ପ୍ରସବ ବେଦନା ହେବାରୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୨୦ ରିଖରେ ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। କିନ୍ତୁ କିଛି ପରେ ତାଙ୍କର ପ୍ରଚୁର ରକ୍ତସ୍ରାବ ହେଇଥିଲା। ଏ ନେଇ ନନ୍ଦିନୀଙ୍କ ସ୍ୱାମୀ ନର୍ସଙ୍କୁ ଅବଗତ କରାଇଥିଲେ ମଧ ଡାକ୍ତର କି କେହି ଚିକିତ୍ସା କରିବାକୁ ଆସିନଥିଲେ। ଫଳରେ ୨୧ତାରିଖ ଅପରାହ୍ନରେ ନନ୍ଦିନୀଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତର ଏବଂ ନର୍ସଙ୍କ ଦାୟିତ୍ୱହୀନତା ପାଇଁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଲା। ଜନନୀ ସୁରକ୍ଷା ପାଇଁ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବାବେଳେ ଡାକ୍ତରଖାନାରେ ଜନନୀ ସୁରକ୍ଷିତ ନାହାନ୍ତି। ଏହି ଯୋଜନା ମୟୂରଭଞ୍ଜ ଜିଲ୍ଲାରେ ସମ୍ପୂର୍ଣ୍ଣଭାବେ ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ମୃତ ନନ୍ଦିନୀ ଓ ତାଙ୍କ ପରିବାରକୁ ନ୍ୟାୟ ଦାବିରେ ଜେଏମ୍‌ଏମ୍ ଦାବି କରିଛି। ଏହି ଘଟଣାର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଦଳ ଜୋରଦାର ଆନ୍ଦୋଳନ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ କହିଛନ୍ତି। ଦାବି ପତ୍ର ଦେବା ସମୟରେ ଜିଲ୍ଲାର ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟପରିଷଦ ସଭ୍ୟ ସନାତନ ମୁର୍ମୁ, ସୁଜିତ ବେହେରା, ତରେନ ସେନାପତି, ହେମନ୍ତ ମହାନ୍ତ, ପାରାନ ସୋରେନ, ସଉନା ହେମ୍ବ୍ରମ, ସରୋଜ ଦାସ ଓ ଲକ୍ଷ୍ମଣ ଚାପିଆର ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦ୍‌ଘାଟିତ



**ବାରିପଦା, ୨।୬(ସମିସ):** ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ବାରିପଦା ପକ୍ଷରୁ 'ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର-୨୦୨୫' ଛଉପଡ଼ିଆରେ ବାରିପଦାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ଡା. କୈଳାଶ ଚନ୍ଦ୍ର ମହାନ୍ତି ଓ ଜିଲ୍ଲା ଓକିଲ ସଂଘ ସମ୍ପାଦକ ବିପ୍ଳବ କୁମାର ବାରିକଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଜ୍ଞାନରଞ୍ଜନ ଜେନା, ଉପସଭାପତି ସନ୍ଦୀପ ବିଶୋଇ, ଗୁରୁ ଲୋକନାଥ ଦାସ ଓ ମଞ୍ଚ ପରିଚାଳକ ସୁଧୀର ନାୟକଙ୍କ ଉପସ୍ଥିତ ରହି ଅଂଶଗ୍ରହଣ କରିବାକୁ ଥିବା ୩୦ଜଣ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ ପୂର୍ବକ ସ୍ୱାଗତ କରିଥିଲେ। ଗୁରୁ ଲୋକନାଥ ଦାସଙ୍କ ଦ୍ୱାରା ଶିଷ୍ୟମାନଙ୍କ ହାତରେ ପାରମ୍ପରିକ ନୀତିରେ ହାତରେ 'ନୋଡ଼ା ବନ୍ଧା' ହୋଇ ଗୁରୁ-ଶିଷ୍ୟ ପରମ୍ପରାର ନୀତି ସମ୍ପାଦିତ ହେଇଥିଲା। ସମସ୍ତ ଅତିଥି ଜିଲ୍ଲାର ଗର୍ବ ଗୌରବ ଛଉ ନୃତ୍ୟର ବିଶେଷତା ବାବଦରେ ଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିଲେ। ଏହି ମହାନ କଳା, ସଂସ୍କୃତିର ମାଟିର କଳା ପ୍ରତି କିଭଳି ଆଗକୁ ଯୁବ ସମାଜ ସଚେତନ ହେବେ ସେ ବାବଦରେ ଆଲୋକପାତ କରିଥିଲେ। ଏଥିସହିତ ଅନୁଷ୍ଠାନର ସମ୍ପାଦକ ଶ୍ରୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚରେ ସୁଦୂର ଦିଲ୍ଲୀରୁ ଆସିଥିବା ଦୁଇଜଣ ଦକ୍ଷ ଛଉ ନୃତ୍ୟଗୁରୁ ତଥା ନୃତ୍ୟଶିଳ୍ପୀ ରାମହରି ମହାନ୍ତ ଓ ଲକ୍ଷ୍ମୀମଣି ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଦିନ ନୂତନ ଶିକ୍ଷାର୍ଥୀମାନଙ୍କୁ ମଞ୍ଚରେ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଛଉ ନୃତ୍ୟର ମୌଳିକ ଅଙ୍ଗଭଙ୍ଗୀ ଏବଂ ବ୍ୟାୟାମ ଶିକ୍ଷା ଦିଆଯିବା ସାଙ୍ଗକୁ ସକାଳ ୮ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ପ୍ରତିଦିନ ଜଣେ ଜଣେ ବିଶେଷ ପାରଙ୍ଗମ ବ୍ୟକ୍ତିତ୍ୱଙ୍କ ଦ୍ୱାରା ଶିକ୍ଷାର୍ଥୀଙ୍କୁ ଜ୍ଞାନ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍ତରସାହି ଛଉ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଛୋଟ ଓ ବଡ଼ କଳାକାର ତଥା ଅନେକ ଅଭିଭାବକ ଉପସ୍ଥିତ ଥିଲେ।

## ପିଏନ୍‌ବି ଶାଖା ପକ୍ଷରୁ କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ

**କୁଳିଅଣା, ୨।୬(ସମିସ):** ପଞ୍ଜାବ ନେସନାଲ ବ୍ୟାଙ୍କ (ପିଏନ୍‌ବି) ନୋଧନା ଶାଖା ପକ୍ଷରୁ କୁଳିଅଣା କାଳୀ ମଣ୍ଡପ ପଡ଼ିଆରେ ସ୍ୱୟଂ ସହାୟକ ଗୋଷ୍ଠୀ କୈନ୍ଦ୍ରିକ କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମିଲ କରି ଆତ୍ମନିର୍ଭରଶୀଳ ହେବା ସହିତ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିପାଇଁ ବ୍ୟାଙ୍କ ଏ ଦିଗରେ ଅଧିକ ଋଣ ଯୋଗାଇ ଦେବ ବୋଲି ସେ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଶାଖା



କୃଷି ମ୍ୟାନେଜର ବଳରାମ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପିଏନବି ମଣ୍ଡଳ ମୁଖ୍ୟ ବିଶ୍ୱଜିତ୍ ବିଶ୍ୱାଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେମୁଖ୍ୟ ଅତିଥି ଭାବେ ଡେପୁଟି ଜେନେରାଲ ମ୍ୟାନେଜର, ଭୁବନେଶ୍ୱର କ୍ଷେତ୍ରବାସୀ ମିଶ୍ର, ବାଲେଶ୍ୱର ପିଏନ୍‌ବି ମୁଖ୍ୟ ପରିଚାଳକ ନଳିନୀକାନ୍ତ ଦାସ ଯୋଗ ଦେଇ କୃଷି କ୍ଷେତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନିଜକୁ ପରିଚାଳକ କମଳେନ୍ଦୁ ବେହେରା, ବାରିପଦା ଶାଖା ପରିଚାଳକ ସୁକାନ୍ତ ମହାରଣା, ଚାନ୍ଦୁଆ ଶାଖା ପରିଚାଳକ ସୁଦର୍ଶନ ଘଗରାଇ, ଦେଉଳି ଶାଖା ପରିଚାଳକ ପରମେଶ୍ୱର ହାଁସଦା, ଗାଡିଆ ଶାଖା ପରିଚାଳକ ରାଜେନ୍ଦ୍ର ନାରାୟଣ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୧୫ଟି ଏସଏସଜି ଗ୍ରୁପ୍‌ଙ୍କୁ ୨ କୋଟି ଟଙ୍କାର ଋଣ ଏବଂ ଏକ ଟ୍ରାକ୍ଟର ଓ ଗୋଟିଏ ଧାନକଟା ମେସିନ୍ ପ୍ରଦାନ କରାଯାଇଥିଲା।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଉଦଳା, ୨।୬(ସମିସ):** ଉଦଳା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର, ମୁଖ୍ୟ ବକ୍ତା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆରତ କୁମାର ପରିଡ଼ା, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ବେହେରା, ସମ୍ପାଦକ ଲଳିତ କୁମାର ବେହେରା, ବ୍ଲକ କାର୍ଯ୍ୟକାରୀ ସଭାପତି ଦୁଲାରାମ ହାଁସଦା, ଉପ ସଭାପତି ମିହିର କୁମାର ଜେନା ମଞ୍ଚାସୀନ ଥିଲେ। ସଂଘର ସଭାପତି ଅନ୍ତର୍ଯ୍ୟାମୀ ବେହେରା ସଭାରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ସରକାରୀ ନିୟମାବଳୀ ଜଣେଇବା ସହ ଉପଯୁକ୍ତ ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ ପରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ ଅତିବାହିତ ପାଇଁ ପ୍ରାର୍ଥନା କରିଥିଲେ। ଜୁନ ମାସର ଶେଷ ସପ୍ତାହରେ ଉଦଳା ପ୍ରାଥମିକ ଶିକ୍ଷକ ସଂଘକୁ ପୁନର୍ଗଠନ କରିବା ପାଇଁ ସଂଘର ସଭାପତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ଆଦି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟୀ ଶିକ୍ଷକଙ୍କ ମଧ୍ୟରେ ମନୋଜ କୁମାର ଖୁଣ୍ଟିଆ, ପ୍ରଧାନଶିକ୍ଷକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶାଳମୁଣ୍ଡଳି, ମିହିର କୁମାର ଜେନା, ସହକାରୀ ଶିକ୍ଷକ (ଏକ୍ସ କ୍ୟାଡ଼ର୍) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଠଣଗାଁ, ଶିକ୍ଷୟିତ୍ରୀ ମନୋରମା ଦାସ, ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ନାଇକସାହି, ରଡୋ। କାର୍ଯ୍ୟକ୍ରମରେ ସଂଘର କୋଷାଧ୍ୟକ୍ଷ ପ୍ରମୋଦ କୁମାର ମହାନ୍ତି, ସଂଗଠନ ସମ୍ପାଦକ ପାର୍ବତୀ ମୁର୍ମୁ, ଏକ୍ସ କ୍ୟାଡର ସମ୍ପାଦକ ସୂର୍ଯ୍ୟମଣି ଡାକୁଆ, ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ରାଜ କିଶୋର ବିନ୍ଧାଣୀ, ବ୍ରଜ କିଶୋର ବିନ୍ଧାଣୀ, ମାଳତୀ ବେହେରା, ରାଧା ମଣି ମହାପାତ୍ର, ଲୋପା ମୁଦ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଘର ସଂଗଠନ ସମ୍ପାଦକ ସତ୍ୟେନ୍ଦୁ କୁମାର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନିମ୍ନମାନର ଷ୍ଟ୍ରିଟ୍ ଲାଇଟ୍ ଲଗାଇଥିବା ସଂସ୍ଥା ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି

**ମୋରଡ଼ା, ୨।୬(ସମିସ):** ମୋରଡ଼ା ବ୍ଲକର ୮ଟି ପଞ୍ଚାୟତର ମୁଖ୍ୟ ଛକଗୁଡିକର ଆଲୋକୀକରଣ କରିବା ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପରିଷଦ ତରଫରୁ ବ୍ୟବସ୍ଥା କରାଯାଇଛି। ଏହି ଷ୍ଟ୍ରିଟ ଲାଇଟ ଲଗାଇବା ନିମନ୍ତେ ଟିଟିଲାଗଡ଼ର ଆରିହାଣ୍ଟ ଇଲେକ୍ଟ୍ରିକାଲ ଏଣ୍ଡ ଇଞ୍ଜିନିୟରକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଚିକିଟାମାଟିଆ, ଚିତ୍ରଡା, ଧଡ଼ାସାହି, ଦୁର୍ଗାପୁର, କୋହି, ନୂଆଗାଁ, ନୂଆଝିଳିଆ ଏବଂ ସାନମୁଣ୍ଡାବଣି ପଞ୍ଚାୟତର ନିର୍ଦ୍ଦିଷ୍ଟ ସ୍ଥାନରୁ ଅନ୍ୟ ଏକ ସ୍ଥାନ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ ଲଗାଯିବା ନିର୍ଦ୍ଦେଶ ରହିଥିବା ବେଳେ ଅଳ୍ପ କିଛି ଲାଇଟ ଲଗାଇ ଠିକାଦାର ଛୁ ହୋଇଯାଇଛି। ଏଥିସହିତ ନିମ୍ନମାନର ଲାଇଟ ଲଗାଇବା ପରେ ଦୁଇଦିନ ଜଳିବା ପରେ ପୁଣି ଅଚଳ ହୋଇଯାଇଛି। ଫଳରେ ସରକାରଙ୍କ ଗ୍ରାମାଞ୍ଚଳକୁ ଆଲୋକୀକରଣ କରିବା ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ୮ଟି ପଞ୍ଚାୟତରେ ଲଗାଯାଇଥିବା ବିଦ୍ୟୁତ ଲାଇଟ ଜଳୁନାହିଁ କି ସଜଡା ଯାଉ ନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳ ଅନ୍ଧାର ରହୁଛି। ଏ ନେଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ବ୍ୟାପକ ଆର୍ଥିକ ହେରଫେର ହୋଇଥିବା ଅଭିଯୋଗ କରି ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରିବାକୁ ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି। ଏ ନେଇ ଟାଟା ପାୱାର ଏସଡିଓ ନାରାୟଣ ବେହେରାଙ୍କୁ ପଚାରିବାରୁ ଆମକୁ ଲାଇଟଗୁଡିକ ହସ୍ତାନ୍ତର କରାଯାଇନାହିଁ। ତେଣୁ ବର୍ତ୍ତମାନ ସେ ସଂସ୍ଥାକୁ ଅଚଳ ଲାଇଟଗୁଡିକ ସଜାଡ଼ିବା ପାଇଁ କୁହାଯିବ ବୋଲି ସେ କହିଛନ୍ତି।

## ୩ ବିଦ୍ୟାର୍ଥୀଙ୍କୁ ମାଟ୍ରିକ୍ ଉତ୍କର୍ଷ ସମ୍ମାନ



**ବାରିପଦା, ୨।୬(ସମିସ):** ମୟୂରଭଞ୍ଜ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୫ ପୁରସ୍କାର ବିତରଣ ସଭା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ବାରିପଦା ବ୍ଲକ ତଥା ପୌରପାଳିକା ଅଧୀନରେ ଥିବା ବାରିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଭୂମିକା ପ୍ରିୟଦର୍ଶିନୀ ୫୭୫ ନମ୍ବର ରଖି ପ୍ରଥମ ଓ ଭବ୍ୟ ସ୍ୱାଗତ ଖିଲାର ୫୭୩ ନମ୍ବର ରଖି ଦ୍ୱିତୀୟ ଏବଂ ରାଜାବସା ହାଇସ୍କୁର ଛାତ୍ରୀ ଦିବ୍ୟଜ୍ୟୋତ୍ସ୍ନା ରାଉତ ୫୬୫ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଏହି ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ସଂଘ ପକ୍ଷରୁ ପ୍ରୋତ୍ସାହନ ରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ରାମେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡ ବିଜୟ କୁମାର ଅଗ୍ରୱାଲା, ମୁଖ୍ୟବକ୍ତା ଭାବେ ଡ. ପ୍ରମଥନାଥ ଭୂୟାଁ ଓ ସମ୍ମାନିତ ଅତିଥି ଭାବେ ମେଜର ରବୀନ୍ଦ୍ରନାଥ ପରିଡ଼ା ଯୋଗଦେଇ ଗଠନ ମୂଳକ ବିଚାରଧାରା ରଖି ଜୀବନରେ ଆଗକୁ ଯିବା ପାଇଁ ୩ କୃତୀ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ସଭ୍ୟ ସନ୍ତୋଷ କୁମାର କାସ୍ତ ମଞ୍ଚ ପରିଚାଳନା ଓ ସମ୍ପାଦକ ବିଜୟ କୁମାର ମହାପାତ୍ର, ସହ ସମ୍ପାଦକ ପ୍ରଦୀପ କୁମାର ପାଣି ଓ ସଂଘର ସମସ୍ତ ସଭ୍ୟସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବାରିପଦା, ୨।୬(ସମିସ):** ଶଙ୍ଖାଭଙ୍ଗାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବ୍ରତ କୁମାର ବସାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନୂତନ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ନାୟକଙ୍କ ପୌରୋହିତ୍ୟରେ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମେଘରାୟ ସୋରେନ୍ ଏବଂ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଗୀତିକା ବେହେରା ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ବସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସିଲେଇ ତାଲିମ ଶିବିର ଓ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

**ବିଶୋଇ, ୨।୬(ସମିସ):** ସିଟିଜେନ୍ସ ଫୋରମ ଫୋର ପ୍ରୋଗ୍ରେସିବ ଓଡ଼ିଶା (ସିଏଫପିଓ) ତରଫରୁ ବିଶୋଇରେ ଏକ ସିଲାଇ ପ୍ରଶିକ୍ଷଣ ଓ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କୁଆପଥର ମାଡରେ ପ୍ରଭାବିତ ହୋଇଥିବା ପରିବାରା ଅର୍ଥନୈତିକ ଥଇଥାନ ପାଇଁ ପରିବାରର ମହିଳାଙ୍କୁ ୩ ମାସିହା ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି। ଏଥିସହିତ ଆଗରୁ ପ୍ରଶିକ୍ଷିତ ମହିଳାଙ୍କୁ ବିଭିନ୍ନ ସିଲେଇ କାର୍ଯ୍ୟ ଯୋଗାଇ ଦିଆଯିବ। ସଲେଇ ସହିତ ବିଭିନ୍ନ ପ୍ରକାର ଚାଷ ମାଧ୍ୟମରେ ପ୍ରଭାବିତ ଲୋକଙ୍କ ଥଇଥାନ ପାଇଁ ସିଏଫପିଓ ବିଭିନ୍ନ ସ୍ତରରେ ଚେଷ୍ଟା କରି ଆସୁଛି। କେନ୍ଦ୍ରର ଉନ୍ନତି ପାଇଁ, ସିଏଫପିଓର ଚେୟାରମ୍ୟାନ ଡ଼. ଅମିତାଭ ନନ୍ଦୀ, ସଭାପତି ପ୍ରିତୀଶ ବସା, ମୁଖ୍ୟ ପରାମର୍ଶଦାତା ଦେବବ୍ରତ ସ୍ୱାଇଁ,



ସାଧାରଣ ସମ୍ପାଦକ ଦେବ ହୋତା, ବରିଷ୍ଠ ସଦସ୍ୟ ଜଗଦୀଶ ମିଶ୍ର, ଆଦିତ୍ୟ ପାଣିଗ୍ରାହୀ, ରଞ୍ଜନ ବାନାର୍ଜୀ, ହେମନ୍ତ ମିଶ୍ର, ଦିଲ୍ଲୀପ ରଥ, ଶଶୀପ୍ରଭା ବିନ୍ଧାଣି, ଜୟନ୍ତ ପାଳ, ଅଶୋକ ବେହେରା, କାନନବାଳା ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

# କପ୍ତିପଦାରେ ବିକଶିତ କୃଷି ସଂକଳ୍ପ ଅଭିଯାନ



**କପ୍ତିପଦା, ୨।୬(ସମିସ):** କପ୍ତିପଦା ବ୍ଲକରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରିଣୀ ନମିତା ସିଂ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ପରିଚାଳିକା ବରିଷ୍ଠ କୃଷି ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ, ବିଶିଷ୍ଟ ଅତିଥି ଆଇସିଏଆରସିଫା, କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନର ବିଭାଗୀୟ ମୁଖ୍ୟ ବୈଷୟିକ ଅଧିକାରୀ ଡ. ଧନଞ୍ଜୟ କୁମାର ବର୍ମା, କୃଷି ବୈଜ୍ଞାନିକ ଝୁନିଲତା ଭୂୟାଁ, ସହକାରୀ କୃଷିଅଧିକାରିଣୀ ଅଙ୍କିତା ରୂପ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତିପ୍ରକାଶ ମହାପାତ୍ର, ଅ।।ର ଅଧକ୍ଷ ନବ କିଶୋର ଗିରି, ନାଏବ ସରପଞ୍ଚ ଦେବେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇ କୃଷି ଓ କୃଷକ ସଶକ୍ତି କାରଣ ବିଭାଗର ପ୍ରମୁଖ ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ସମ୍ପର୍କରେ ଚାଷୀଙ୍କ ଅବଗତ କରିଥିଲେ। ଏହି ଯୋଜନା ଅନ୍ତର୍ଗତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ପିଏମକିଶାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କୃଷକ ପଞ୍ଜିକରଣ, ସମୃଦ୍ଧ କୃଷକ ଯୋଜନା, ସିଏମ କିସାନ, କୃଷି ବିଦ୍ୟାନିଧି ଯୋଜନା, ଶ୍ରୀଅନ୍ନ ଅଭିଯାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଯାନ୍ତ୍ରିକରଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଧାନ ଫସଲ ଅମଳ ପରବର୍ତ୍ତୀ ଜମିର ପରିଚାଳନା, ଉଦ୍ୟାନ କୃଷି ଓ ମତ୍ସ୍ୟ ଚାଷ ସମ୍ପର୍କରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ଆଶିଷ କୁମାର ମଲ୍ଲିକ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୭୦ ଜଣ ପୁରୁଷ, ମହିଳା ଯୋଗ ଦେଇଥିଲେ।

## ଶାସ୍ତ୍ରୀୟ ପଣ୍ଡିତ ପ୍ରମୋଥ ଶର୍ମାଙ୍କ ପରଲୋକ

**ରାଇରଙ୍ଗପୁର, ୨।୬(ସମିସ):** ଉତ୍କଳ ବ୍ରାହ୍ମଣ ସମାଜ, ଝାରଖଣ୍ଡ ରାଜ୍ୟ ଉପଦେଷ୍ଟା ତଥା ଶ୍ୟାମାପ୍ରସାଦ ମଧ ବିଦ୍ୟାଳୟ ଖାସମହଲର ପ୍ରଧାନ ଶିକ୍ଷକ ପ୍ରମୋଥ ଶର୍ମା (୯୩)ଙ୍କ ହଳଦୀପୋଖରି ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କର ବିୟୋଗ ଓଡ଼ିଆ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ଘଟାଇଛି। ତାଙ୍କ ବିୟୋଗରେ ପୋଟକା ବ୍ଲକର ସଭାପତି ଉତ୍କଳ ବ୍ରାହ୍ମଣ ସମାଜ, ସୂର୍ଯ୍ୟ କୁମାର କର, ସଚିବ ରଜନୀ ସାରଙ୍ଗୀ, ରଙ୍ଗା ମିଶ୍ର, ମୁରଲିଧର ମିଶ୍ର, ସୂର୍ଯ୍ୟ କାନ୍ତ ଦାଶ, କେନ୍ଦ୍ରୀୟ କମିଟି ସଭାପତି ସୁଦର୍ଶନ ଶେଖର ମିଶ୍ର, ସଚିବ ଅନିଲ ମିଶ୍ର, ଭୀମସେନ କର ଗଭୀର ଶୋକ ପ୍ରକାଶ କରିଛନ୍ତି। ହଳଦୀପୋଖରୀ ଏବଂ ଏହାର ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ଦେବରାଜନ୍ ଶର୍ମା ଶେଷ ରୀତିନୀତି କରିଥିଲେ। ସେ ଜଣେ ଶାସ୍ତ୍ରୀୟ ପଣ୍ଡିତ, ଭଲ ବକ୍ତା ତଥା ସାମାଜିକ କର୍ମୀ ଥିଲେ।

# ନବପଲ୍ଲବ ନାଟ୍ୟ ପରିଷଦର ଶିଳ୍ପୀ ସମ୍ବର୍ଦ୍ଧିତ

**ରାଇରଙ୍ଗପୁର, ୨।୬(ସମିସ):** ରାଇରଙ୍ଗପୁର କଲେଜ ଆନୁକୂଲ୍ୟରେ ଗଠିତ 'ନବପଲ୍ଲବ ନାଟ୍ୟ ପରିଷଦ'ର କଳାକାର, ଯନ୍ତ୍ରସଙ୍ଗୀତ ଶିଳ୍ପୀ, ନାଟ୍ୟକାର ଓ ନିର୍ଦ୍ଦେଶକଙ୍କୁ ବନଖଣ୍ଡ ଅଧିକାରୀ ଶିବପ୍ରସାଦ ମିଶ୍ର ସାର୍ଟିଫିକେଟ, ଟ୍ରଫି ଓ ନଗଦ ପ୍ରୋତ୍ସାହନ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏଥିପାଇଁ ରାଇରଙ୍ଗପୁର ବନଖଣ୍ଡ କାର୍ଯ୍ୟାଳୟ ପରିସରସ୍ଥିତ ସଭାକକ୍ଷ ମଧ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ବନଖଣ୍ଡ ଅଧୀନସ୍ଥ ଓଡ଼ିଶା ବନାଞ୍ଚଳ ପ୍ରକଳ୍ପର ସମସ୍ତ କର୍ମକର୍ତ୍ତା, ଏ.ସି.ଏଫ, ସମସ୍ତ ବନାଞ୍ଚଳ ଅଧିକାରୀ ଓ ବନପାଳବୃନ୍ଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରାଇଙ୍ଗପୁର ବନଖଣ୍ଡ ଅଧିକାରୀ ଶ୍ରୀ ରଥଙ୍କ ପ୍ରଯୋଜନା ଓ ସମସ୍ତ ବନାଞ୍ଚଳ ଅଧିକାରୀଙ୍କ ସହ-ପ୍ରଯୋଜନାକ୍ରମେ ରାଇରଙ୍ଗପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡକ୍ଟର ମିଳନ ମହାନ୍ତଙ୍କ ରଚିତ ଓ ବିଶିଷ୍ଟ ପରିବେଶବିତ ଲଳିତ ମହାନ୍ତଙ୍କ ନିର୍ଦ୍ଦେଶିତ ପଥପ୍ରାନ୍ତ ନାଟକ 'ଦେବତା ଆଖିରେ ଲୁହ' ବିଶୋଇ, ମଣଦା, ବହଳଦା, ବାଦାମପାହାଡ଼ ଓ ରାଇରଙ୍ଗପୁର



ବନାଞ୍ଚଳ ଅନ୍ତର୍ଗତ ଚଢ଼େଇପାହାଡ଼ି, ଝୁମକାପାହାଡି, ପାଣ୍ଡରଶିଳା, ବାଡୁଆକଚା, ମଧୁପୁର, କୂଆଝରି, ନୂଆଗାଁ, ତାମଳବନ୍ଧ, ବଡ଼କେଡମ, ପାହାଡ଼ପୁର (ଜାମଦା), ପାତେଝରି, ପାହାଡ଼ପୁର (କୁସୁମି), ଏଦେଲବେଡା, ଆନନ୍ଦପୁର, ବଡ଼ଝାରି ଓ ରାଇରଙ୍ଗପୁର କଲେଜ ପରିସର ଆଦି ୧୬ଟି ସ୍ଥାନରେ ଗୋଟି ସ୍ଥାନରେ ମଞ୍ଚସ୍ଥ ହୋଇଥିଲା। ବନାଗ୍ନି ନିୟନ୍ତ୍ରଣ, ବନ୍ୟଜୀବ ଓ ମନୁଷ୍ୟର ସୁସ୍ଥ ସହାବସ୍ଥାନ ଏବଂ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହାୟତାକ୍ରମେ ସୁସ୍ଥ ପରିବେଶ ନିର୍ମାଣ ଆଦି ବିଷୟ ଥିଲା ଏହି ନାଟକର ମୂଳ ବାର୍ତ୍ତା। ଏଥିରେ ଅଭିନୟ କରିଥିଲେ ଅଲିଭା ମହାନ୍ତ, ବିନତି ମହାନ୍ତ, ପ୍ରିୟା ସୋରେନ, ନିଶା ମହାନ୍ତ, ଶଚିକାନ୍ତ ବାରିକ, ବିବେକ ମାରାଣ୍ଡି, ମଧୁସୂଦନ ଟୁଡୁ, ଜଗନ୍ନାଥ ବିନ୍ଧାଣି ଓ ସତ୍ୟମ ଗୁପ୍ତା।

# ସମ୍ପାଦକୀୟ



ମୁଁ ଯେଉଁ 'ୱେବ୍ ଦୁନିଆ' ର ପରିକଳ୍ପନା କରିଥିଲି, ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏବେ ମଧ୍ୟ ଆମର ଭବିଷ୍ୟତ ଆମର ଅତୀତ ଅପେକ୍ଷା ବୃହଦାକାର ରୂପେ ଉଭା ହୋଇ ରହିଛି।
-ଟିମ୍ ବର୍ଣର୍ସ ଲୀ

ସକାଳ
THE SAKALA

## ଅର୍ଥନୀତି, ମନ୍ଥର ନା ପ୍ରଖର

ସମୟ ବଦଳିଛି। ବଦଳିଛି ଆମ ବ୍ୟବସ୍ଥା। ଆନୁଗତ୍ୟ ଓ ଅନୁଶୀଳନ ମଧ୍ୟରେ ସଂପର୍କ ଏମିତି ଯୋଡ଼ି. ହୋଇଗଲାଣି ଯେ ସତ ଓ ମିଛକୁ ବାରି ହେଉନି। ଭଲ ଓ ମନ୍ଦ ନିର୍ବିଶେଷର ଏବେ କୁହୁଡ଼ି ପହଁରିବାକୁ ଆମେ ଆଦରି ନେଇଛେ। ସବୁ ବ୍ୟବସ୍ଥିତ ପ୍ରଚାରତନ୍ତ୍ର ସତକୁ ମିଛ ଓ ମିଛକୁ ସତ କହିଲେ ବି କିଛି ଫରକ ପଡୁନି। ଆମ ଆନୁଗତ୍ୟ ତାହାକୁ ବିଶ୍ୱାସ କରିବା ପାଇଁ ବାଧ୍ୟ କରୁଛି। ଏକଥା ସତ ଯେ ସବୁକଥା ଘୂରେଇ ଫେରେଇ କହି ଜାଣିଲେ ଜଗତ ଜିତା ହେବ। ଖୋଲୁ ଗୁମର, ତା'କୁ ପୁଣି ଲିପାପୋଛା କରି ଚହଟ ଚିକ୍କଣ କରିଦେବାନି। ଏଇ ଯେମିତି ଆମ ଅର୍ଥନୀତି ଦୌଡୁଛି। ଅତିକ୍ରମଣ ଆମ ସହଜାତ ପ୍ରବୃତ୍ତି। ଜାପାନ୍‌କୁ ପଛରେ ପକାଇ ଆମେ ଏବେ ବିଶ୍ୱର ଚତୁର୍ଥ ଅର୍ଥନୀତି। ଅଥଚ ଆମ ଅଭିବୃଦ୍ଧି ହାର ଗତ ୪ ବର୍ଷ ମଧ୍ୟରେ ସବୁଠାରୁ ନିମ୍ନସ୍ତରରେ ପହଞ୍ଚିଛି। ଜାତୀୟ ପରିସଂଖ୍ୟାନ ବିଭାଗର ଏହି ତଥ୍ୟକୁ ଆମେ ଅସ୍ୱୀକାର କରିପାରିବାନି। ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ରିପୋର୍ଟରେ ଆଶାଠାରୁ ଅଧିକ ସଫଳତା ମିଳିଥିବାରୁ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ହୋଇଛି।

ଗତ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ କ୍ରମାଗତ ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କର ସୁଧ କମିଥିବାରୁ ଅର୍ଥନୀତିରେ ଚଳଚଞ୍ଚଳ ଅନୁଭୂତ ହୋଇଛି। ଅର୍ଥନୈତିକ ବିଚାର ଦୃଷ୍ଟିରୁ କହିଲେ ରିଜର୍ଭ ବ୍ୟାଙ୍କ ମୁଦ୍ରା ପ୍ରଚଳନକୁ କିଛିଟା କଟକଣା ମୁକ୍ତ କରିଛନ୍ତି। ଏକଥା ସତ ଯେ ମୁଦ୍ରାସ୍ଫୀତି ହ୍ରାସ ଯୋଗୁଁ ଏହା ସମ୍ଭବ ହୋଇଛି। ଚତୁର୍ଥ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ଦେଶର ଅଭିବୃଦ୍ଧି ହାର ୭.୪ ପ୍ରତିଶତ ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୯.୨ ପ୍ରତିଶତ ଥିବାବେଳେ ତାହା ଏବର୍ଷ. ୬.୫ ପ୍ରତିଶତକୁ ହ୍ରାସ ପାଇଛି। କରୋନା ମହାମାରୀ ପରବର୍ତ୍ତୀ ଆର୍ଥିକ ବର୍ଷଗୁଡ଼ିକରେ ଦେଶର ଅର୍ଥନୀତି ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରିଥିବା ବେଳେ ଚଳିତ ବର୍ଷର ମନ୍ଥରତା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ଏକଥା ସତ ଯେ ଆର୍ଥିକବର୍ଷ ଆରମ୍ଭରୁ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଓ କଟକଣା ମଧ୍ୟରେ ପୁଞ୍ଜି ବିନିଯୋଗ ଓ କାର୍ଯ୍ୟାନ୍ୱୟନରେ ତାଳମେଳ ରହିଲାନି, ଯାହାର ପ୍ରତିକୂଳ ପ୍ରଭାବ ପଡ଼ିଥିଲା ଅର୍ଥନୀତି ଉପରେ। ବିଜେପିରୁ ପରିବର୍ତ୍ତିତ ହୋଇଥିବା ଏନ୍‌ଡିଏ ସରକାରଙ୍କ ପ୍ରାରମ୍ଭିକ ନୀତି ନିର୍ଦ୍ଧାରଣ ଆବଶ୍ୟକ ଗତିଶୀଳତା. ମଧ୍ୟ ହରାଇଥିଲା। ତେବେ ଶେଷ ପର୍ଯ୍ୟାୟରୁ ଅର୍ଥନୀତିର ଯେଉଁ ସକ୍ରିୟତା ପରିଲକ୍ଷିତ ହୋଇଛି ତାହା ଆଗକୁ ଅଧିକ ଗତିଶୀଳ ହେବ ବୋଲି ଆଶା କରାଯାଇଛି। ପୂର୍ବ ତିନିବର୍ଷର ଅଭିବୃଦ୍ଧି ରିପୋର୍ଟ ବେଶ ଉତ୍ସାହଜନକ ଥିଲା। ୨୦୨୧-୨୨ ରେ ୯.୭ ପ୍ରତିଶତ, ୨୦୨୨ – ୨୩ ରେ ୭.୯ ପ୍ରତିଶତ ଓ ୨୦୨୩-୨୪ ରେ ୯.୨୭ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯାଇଥିବାରୁ ଆମ ଅର୍ଥନୀତି ଦ୍ରୁତଗତିରେ ଦୌଡୁଛି ଦାବି କରୁଥିବା ନେତାଙ୍କୁ ଏବର ରିପୋର୍ଟ ଏକ ଶକ୍ତି ପ୍ରହାର କହିଲେ ଭୁଲ ହେବନି।

ଏହି ଆର୍ଥିକ ଅଭିବୃଦ୍ଧିର କ୍ଷେତ୍ରୀୟ ସ୍ତର ସମ୍ପର୍କରେ ବିଚାର କଲେ ସ୍ପଷ୍ଟ ମନେ ହୁଏ ଯେ ଶିଳ୍ପ ଓ ବିନିର୍ମାଣ ସ୍ତରରେ ପରିଲକ୍ଷିତ ଶିଥିଳତା ଏହି ଦୁର୍ଗତିର ମୁଖ୍ୟକାରଣ। ଗ୍ରାମାଞ୍ଚଳରେ ଘରୋଇ ବ୍ୟବହାର କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ବେଶ ଉତ୍ସାହପ୍ରଦ ହେଇଛି। ଏ କ୍ଷେତ୍ରରେ ୭.୨ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ। ଅଥଚ ପୂର୍ବବର୍ଷ ଏହି ହାର ଥିଲା ୫.୬ ପ୍ରତିଶତ। ସେହିଭଳି କୃଷି ଉତ୍ପାଦନ ମଧ୍ୟ ବେଶ ବଢ଼ିଛି, ଯାହାକୁ କି ସରକାର କ୍ରମାଗତ ଭାବେ ଅବହେଳା କରିଚାଲିଛନ୍ତି। ପୂର୍ବବର୍ଷର ଅଭିବୃଦ୍ଧି ହାର ୨.୭ ପ୍ରତିଶତ ଥିବାବେଳେ ତାହା ୪.୬ ପ୍ରତିଶତକୁ ବୃଦ୍ଧିପାଇଛି। ଖାଉଟି ମୂଲ୍ୟସୂଚୀ ହ୍ରାସ ଘଟାଇବାରେ ଏହି ବର୍ଦ୍ଧିତ କୃଷି ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରିଜର୍ଭବ୍ୟାଙ୍କ ଏହି ମୁଦ୍ରାସ୍ଫୀତି ହ୍ରାସ ଭିତ୍ତିରେ ହିଁ ସୁଧହାର ହ୍ରାସ କରିଛନ୍ତି। ସରକାର ନିକଟରେ ବିଭନ୍ନ କୃଷି ଉତ୍ପାଦର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରଛନ୍ତି। ଏହାକୁ ଆଇନଗତ ସ୍ୱୀକୃତି ପ୍ରଦାନ ସକାଶେ କୃଷକଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତି ସରକାରଙ୍କ ଅବଜ୍ଞାସୂଚକ ମନୋଭାବ ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ଜିଡିପି ବୃଦ୍ଧିରେ . କୃଷିର ଅବଦାନ କ୍ରମେ ନିର୍ଣ୍ଣାୟକ ହେଉଥିଲେ ମଧ୍ୟ ସରକାରଙ୍କ ଶିଳ୍ପ ପ୍ରତି ପ୍ରାଧାନ୍ୟ ଅତୁଟ ରହିଛି। ଜିଡିପିରେ ଶିଳ୍ପ ଓ ବିନିର୍ମାଣ କ୍ଷେତ୍ରରେ ଅବଦାନ ମାତ୍ର ୪.୫ ପ୍ରତିଶତରେ ସୀମିତ ରହିଛି। ଅଥଚ ପୂର୍ବ ଆର୍ଥିକ ବର୍ଷରେ ଏହି ହାର ଥିଲା ୧୨.୩ ପ୍ରତିଶତ। ସରକାର ବୃହତ୍ ଶିଳ୍ପ ସଂସ୍ଥା ହସ୍ତୀମାନଙ୍କୁ ୧୬ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିବା ସହ କର୍ପୋରେଟ୍ ଟିକସ ମଧ୍ୟ ହ୍ରାସ କରିଛନ୍ତି। ବିନିମୟରେ ସମ୍ପ୍ରସାରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରତି ଧ୍ୟାନ ନ ଦେଇ କର୍ପୋରେଟ୍ ସଂସ୍ଥା ନିଜର ଉପାର୍ଜନ ବଢ଼ାଇ ଚାଲିଛନ୍ତି। ଅଥଚ ଋଣଜାଲରେ ହନ୍ତସନ୍ତ ହୋଇ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପ୍ରତି ସରକାର ନିର୍ଦ୍ଦୟ ଓ ନିଷ୍କରୁଣ। ଦେଶର ଅର୍ଥନୀତି କାୟାବିସ୍ତାର କରିବା ପଛରେ ଯଦି ସରକାରଙ୍କ ନିର୍ଭରଶୀଳତା କେବେଳ କର୍ପୋରେଟ୍ ସଂସ୍ଥା ହୁଏ, ତେବେ ଏଥିରୁ ଦେଶର ବୃହତ୍ତର ବର୍ଗ କି ଫାଇଦା ପାଇବେ? ଏ ପ୍ରକାର ଅର୍ଥନୀତି କେବଳ ନିପୀଡ଼ନ ଓ ଶୋଷଣକୁ ପ୍ରୋତ୍ସାହିତ କରିବ।

ପ୍ରତିଦ୍ୱନ୍ଦ୍ୱୀ ବା ପ୍ରତିଯୋଗୀର ଆର୍ଥିକ ଅବନତି ଓ ଦୁର୍ଗତିରୁ ସୁଯୋଗ ନେବା ଅପେକ୍ଷା ନିଜର ଅର୍ଥନୀତିକୁ ଗତି ଦେଇ ଅଧିକ ଶକ୍ତିଶାଳୀ ବା ସମୃଦ୍ଧି କରିବା ଜରୁରୀ। ଆମ ଅର୍ଥନୀତି ୪ ଟ୍ରିଲିୟନ ଡଲାର ଅତିକ୍ରମ କରି ବିଶ୍ୱର ଚତୁର୍ଥ ଅର୍ଥନୀତି ହୋଇଛି। ସମସାମୟିକ ବିଶ୍ୱାର୍ଥନୀତିକୁ ତର୍ଜମା କଲେ ସ୍ପଷ୍ଟ ମନେ ହୁଏ ଯେ ଜାପାନ୍ ଅର୍ଥନୀତି ଗତ ତିନିବର୍ଷ ଧରି ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଛି। ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅର୍ଥନୀତି ବିଗୁଡୁ ଥିବାରୁ ଜାପାନ ଚତୁର୍ଥ ସ୍ଥାନରୁ ତଳକୁ ଖସିଆସିବା ସ୍ୱାଭାବିକ। ଏହି ପରିସ୍ଥିତି ଆମ ପାଇଁ ଚତୁର୍ଥ ସ୍ଥାନ ହାସଲ କରିବାକୁ ସୁଯୋଗ ସୃଷ୍ଟି କରିଛି। ଏହା ପଛରେ କୌଣସି ପ୍ରତିଯୋଗିତା ବା ପ୍ରତିଦ୍ୱନ୍ଦ୍ୱିତା ନଥିଲା। ତିନିବର୍ଷରେ ଆମେ ଜର୍ମାନୀକୁ ଅତିକ୍ରମ କରି ତୃତୀୟ ସ୍ଥାନ ହାସଲର ଯେଉଁ ଆସ୍ଫାଳନ କରାଯାଉଛି ସେଥିପାଇଁ ଆମର ପ୍ରାକ୍ ପ୍ରସ୍ତୁତି କ'ଣ? ସେ ଦିଗରେ ଅଗ୍ରଗତି ବିନା ନକ୍ସାରେ ହାସଲ କରିବା ଏତେ ସହଜ ନୁହେଁ। କେବଳ କର୍ପୋରେଟ ସଂସ୍ଥା ଆମକୁ ସେ ସ୍ଥିତିରେ ପହଞ୍ଚାଇ ଦେଇ ପାରିବେ ନି।

## ଶ୍ରୀଜଗନ୍ନାଥ ଧାମର ବୈଶିଷ୍ଟ୍ୟ ଓ ଶାସ୍ତ୍ରୀୟ ପ୍ରମାଣ

ଡ. ଭାରତ ଭୂଷଣ ରଥ

ଶ୍ରୀଜଗନ୍ନାଥ ସତ୍ୟ ଯୁଗର ଦେବତା। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ବାମଦେବ ସଂହିତା ପ୍ରଭୃତି ପ୍ରାଚୀନ ଶାସ୍ତ୍ରାନୁଯାୟୀ, କୃତଯୁଗ ଅର୍ଥାତ୍ ସତ୍ୟଯୁଗରେ ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ରାଜା ପୁରୁଷୋତ୍ତମ ଧାମରେ ଶ୍ରୀଜଗନ୍ନାଥଙ୍କୁ ପୂଜା କରିଥିଲେ। ମାଳବପ୍ରଦେଶରୁ ଶ୍ରୀବିଷ୍ଣୁଙ୍କର ଅନ୍ୱେଷଣରେ ଆସି ଇନ୍ଦ୍ରଦ୍ୟୁମ୍ନଙ୍କର ରାଜପୁରୋହିତଙ୍କର ଭ୍ରାତା ବିଦ୍ୟାପତି ପ୍ରଥମେ ଶବର ଭକ୍ତ ବିଶ୍ୱାବସୁଙ୍କ ସାହାଯ୍ୟରେ ନୀଳମାଧବଙ୍କୁ ଦର୍ଶନ କଲେ। କିନ୍ତୁ ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ଦର୍ଶନ କରିବା ପାଇଁ ଆସିଲେ ସେତେବେଳେ ନୀଳମାଧବ ଅନ୍ତର୍ଦ୍ଧାନ ହୋଇଗଲେ। ଏହାପରେ ଦେବର୍ଷି ନାରଦଙ୍କର ଉପଦେଶକ୍ରମେ ରାଜା ଇନ୍ଦ୍ରଦ୍ୟୁମ୍ନ ମହୋଦଧି କୂଳରେ ନୃସିଂହଙ୍କର ଉପାସନା ଓ ଯଜ୍ଞ ଆୟୋଜନ କଲେ। ଫଳତଃ ଶ୍ରୀବିଷ୍ଣୁ ସନ୍ତୁଷ୍ଟ ହୋଇ ଦାରୁବ୍ରହ୍ମ ରୂପରେ ଶ୍ରୀକ୍ଷେତ୍ରରେ ବିରାଜମାନ କଲେ।

ଏହି ପୁରୁଷୋତ୍ତମ କ୍ଷେତ୍ର ଦଶଯୋଜନ ବିସ୍ତୀର୍ଣ୍ଣ ଅଟନ୍ତି। ଏକ ଯୋଜନ ପ୍ରାୟତଃ ବାର କିଲୋମିଟର। ଅତଃ ଦଶଯୋଜନ ବିସ୍ତୀର୍ଣ୍ଣ ପୁରୁଷୋତ୍ତମ କ୍ଷେତ୍ର ପ୍ରାୟ ଏକ ଶହ କୋଡ଼ିଏ କିଲୋମିଟର ପରିବ୍ୟାପ୍ତ। ଶାସ୍ତ୍ର ଅନୁସାରେ ଏହି ଦଶ ଯୋଜନ ଭିତରେ ଅନେକ ପ୍ରସିଦ୍ଧ ତୀର୍ଥ ସ୍ଥାନ ମଧ୍ୟରୁ ଏକାମ୍ର କାନନର ଶ୍ରୀଲିଙ୍ଗରାଜ, ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ଚର୍ଚ୍ଚିକା, କଣ୍ଟିଲୋର ନୀଳମାଧବ, ଯାଜପୁର ବିରଜା, ରଣପୁର ମଣିନାଗ, ମହାନଦୀ ଓ ଚିତ୍ରୋତ୍ପଳା ପ୍ରଭୃତି ପବିତ୍ର ନଦୀ ଅନ୍ତର୍ଭୁକ୍ତ। ଏହି କ୍ଷେତ୍ରରେ ଯେତେବେଳେ ଯମଙ୍କ ଆଖି ଆଗରେ ଏକ କାକପକ୍ଷୀ ମୁକ୍ତି ପାଇଗଲେ ସେତେବେଳେ ଯମ ଶ୍ରୀବିଷ୍ଣୁଙ୍କ ପାଖକୁ ଯାଇ ଅନୁରୋଧ କରି କହିଲେ, ପ୍ରଭୁ! ମୁଁ ମୃତ୍ୟୁର ଦେବତା ଥାଉଥାଉ କାକପକ୍ଷୀ ମୋ ବିନା ସୂଚନାରେ ଏଠାରେ ମୁକ୍ତି ପାଇଗଲା। ଏହା ଶୁଣି ଭଗବାନ୍ ବିଷ୍ଣୁଙ୍କର ଇଙ୍ଗିତରେ ମା' ଲକ୍ଷ୍ମୀ ଯମଙ୍କୁ ବୁଝେଇ କହିଲେ, ହେ ଯମ! ଏହି ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀବିଷ୍ଣୁ ଏବଂ ତାଙ୍କ ବକ୍ଷ ସ୍ଥଳରେ ମୁଁ ଚିରନିବାସ କରୁ। କଳ୍ପର ଅନ୍ତ ହୋଇଗଲେ ମଧ୍ୟ ଏହି ସ୍ଥାନ ଛାଡ଼ି ଆମ୍ଭେ ଯାଉନାହୁଁ। ତେଣୁ ସ୍କନ୍ଦ ପୁରାଣ କୁହନ୍ତି, 'ଅତ୍ୟାଜ୍ୟମାବୟୋରେତତ୍ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମମ୍। କଳ୍ପାବସାନେପ୍ୟାବାଂ ବୈଧ୍ରୀୟତେ ପରମେଷ୍ଠିନା।' ଏହି କ୍ଷେତ୍ରର ବର୍ଣ୍ଣନା ଓ ମହତ୍ତ୍ୱ ସତ୍ୟଯୁଗରୁ ବିଦ୍ୟମାନ ଅଛି। ଯୁଗ ଆରମ୍ଭ ପୂର୍ବରୁ ପ୍ରତି କଳ୍ପରେ ମା'ଲକ୍ଷ୍ମୀଙ୍କ ସହିତ ବିଷ୍ଣୁଙ୍କର ନିବାସ ଏହି କ୍ଷେତ୍ରକୁ ଏକ 'ଧାମ'ର ମାନ୍ୟତା ଦେଇଛି। ଏ ସବୁ ଦିବ୍ୟରହସ୍ୟକୁ ଜାଣିବା ପରେ ତ୍ରେତୟା ଯୁଗ, ଦ୍ୱାପର ଯୁଗ ଓ କଳି ଯୁଗରେ ଶ୍ରୀଜଗନ୍ନାଥଙ୍କର ପୂଜା ହୋଇଆସିଛି 'ପୁରୁଷୋତ୍ତମଧାମ'ରେ।

ଆମେ ଜାଣୁ ଆର୍ଯ୍ୟାବର୍ତ୍ତ ଭାରତରେ ଏକଦା ସନାତନ ହିନ୍ଦୁ ଧର୍ମ ଉପରେ ଅନାର୍ଯ୍ୟମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିଥିଲା। ତେଣୁ ସପ୍ତମ ଶତକର ଏକ ପରମପବିତ୍ର ମୁହୂର୍ତ୍ତରେ ଜନ୍ମ ନେଲେ ସିଦ୍ଧ ସାଧକ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ। ସେ ଜାଣିଥିଲେ ଧର୍ମର ହାନି ହେଲେ ଜନସାଧାରଣ କେହି କାହାକୁ ମାନିବେ ନାହିଁ। ନିୟମ ବୋଲି କିଛି ରହିବ ନାହିଁ। ଦେବତା, ଦିବ୍ୟକ୍ଷେତ୍ର, ଗୁରୁ, ପିତାମାତା ଏ ଦିବ୍ୟସତ୍ତା ବୁଡ଼ିଯିବ। ଶୃଙ୍ଖଳାବିହୀନ ସମାଜ ଭୁଶୁଡ଼ି ପଡ଼ିବ। ତେଣୁ ସେ ସମଗ୍ର ଭାରତ ବୁଲିବୁଲି ସନାତନ ଧର୍ମର ସୁରକ୍ଷା ପାଇଁ ନିଜର ତପୋବଳ ଏବଂ ସାଧନା ମାଧ୍ୟମରେ ଅନେକ ସଂସ୍କାର ଆଣିପାରିଲେ। ଭାରତରେ ଯେଉଁ ପ୍ରସିଦ୍ଧ ଧାମଗୁଡ଼ିକ ଚାରି ଯୁଗକୁ ପ୍ରତିନିଧିତ୍ୱ କରନ୍ତି ସେହି ଧାମଗୁଡ଼ିକରେ ବିଶେଷ ସଂସ୍କାର ଆଣିଲେ ଆଦି ଶଙ୍କରାଚାର୍ଯ୍ୟ। ତାଙ୍କର ପ୍ରେରଣା ଓ ପ୍ରଚେଷ୍ଟାରେ ଭାରତରେ ଚାରିଗୋଟି ଧାମ ବିଶେଷ ପରିଚୟ ପାଇଲେ।

ସତ୍ୟ ଯୁଗର ପ୍ରତିନିଧିତ୍ୱ କରୁଥିବା ବଦ୍ରିନାଥ ଭାରତର ଉତ୍ତରରେ ହିମାଳୟଶିଖର ନରନାରାୟଣ ପର୍ବତ ମଧ୍ୟରେ ଅବସ୍ଥିତ। ଏହିଠାରେ ଏକ ବଦରି ବୃକ୍ଷ ଅର୍ଥାତ୍ ବରକୋଳି ବୃକ୍ଷ ତଳେ ଭଗବାନ୍ ବିଷ୍ଣୁ ତପସ୍ୟାରତ ଥିଲେ। ଆଦି ଶଙ୍କରାଚାର୍ଯ୍ୟ ବଦ୍ରିନାଥରେ ପହଞ୍ଚି କଳାମୁଗୁନି ପ୍ରସ୍ତର ଶାଳଗ୍ରାମ ମୂର୍ତ୍ତି ବଦ୍ରିନାରାୟଣଙ୍କୁ ଅଳକାନନ୍ଦା ନଦୀଗର୍ଭରୁ ଉଦ୍ଧାର କରି ଅଳକାନନ୍ଦା ନଦୀ ସମୀପ ତପ୍ତକୁଣ୍ଡ ସ୍ଥିତ ଗୁମ୍ଫାରେ ପ୍ରତିଷ୍ଠା କଲେ। ଏହି ସ୍ଥାନରେ ଭଗବାନ୍ ବିଷ୍ଣୁ ସର୍ବଦା ତପସ୍ୟାରତ। ତ୍ରେତୟା ଯୁଗର ପ୍ରତିନିଧିତ୍ୱ କରୁଥିବା ରାମେଶ୍ୱର ଭାରତର ଦକ୍ଷିଣରେ ଅବସ୍ଥିତ। ଏହିଠାରେ ଶ୍ରୀରାମଙ୍କ ଦ୍ୱାରା ଭଗବାନ୍ ଶିବଙ୍କର ଲିଙ୍ଗ ପୂଜିତ ହୋଇଥିଲେ। ଆଦିଶଙ୍କର ଏହି ଧାମର ବୈଶିଷ୍ଟ୍ୟକୁ ଲୋକଲୋଚନକୁ ବିଶେଷଭାବରେ ଆଣିଲେ। ପଶ୍ଚିମରେ ଦ୍ୱାରକା ଧାମ, ଯାହା ଦ୍ୱାପର ଯୁଗର ପ୍ରତିନିଧିତ୍ୱ କରେ। ଭଗବାନ୍ ଶ୍ରୀକୃଷ୍ଣ ଦ୍ୱାରକାର ରାଜା ଥିଲେ। ପରବର୍ତ୍ତୀ ସମୟରେ ପଶ୍ଚିମ ସମୁଦ୍ର କୂଳରେ ଦ୍ୱାରକାଧୀଶଙ୍କର ଦିବ୍ୟ ବିଗ୍ରହ ପୂଜିତ ହେଉଛନ୍ତି। ପୂର୍ବରେ ପୁରୁଷୋତ୍ତମଧାମ, ଯାହା କଳି ଯୁଗର ପ୍ରତିନିଧିତ୍ୱ କରେ। ଏହିଠାରେ ଭଗବାନ୍ ନାରାୟଣ ଏବଂ ମା'ଲକ୍ଷ୍ମୀ ସର୍ବଦା ବିରାଜମାନ କରନ୍ତି। ଏହିଠାରେ ଥିବା ସମୁଦ୍ର ମହୋଦଧିର ମାନ୍ୟତା ପାଇଛି। ଶ୍ରୀବିଗ୍ରହଙ୍କର ଦାରୁ ଏହି ଉଦଧିରେ ଭାସୁଥିବାର ଦର୍ଶନ କରିଥିଲେ ରାଜା ଇନ୍ଦ୍ରଦ୍ୟୁମ୍ନ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁଙ୍କୁ ସଂଗ୍ରହ କଲେ ଏବଂ ସ୍ୱୟଂ ନାରାୟଣ ବୃଦ୍ଧବଢ଼େଇ ବେଶରେ ଆସି ନିଜ ବିଗ୍ରହ ନିଜେ ନିର୍ମାଣ କରି ଅନ୍ତର୍ଦ୍ଧାନ ହୋଇଗଲେ। ସେହି ଦିବ୍ୟବିଗ୍ରହଙ୍କୁ ଆମ୍ଭେ ପୁରୀରେ ଦର୍ଶନ କରୁଛେ।

ଯେଉଁ ବିଗ୍ରହ ଧର୍ମ-ଅର୍ଥ-କାମ-ମୋକ୍ଷ ସ୍ୱରୂପ ଚତୁର୍ବର୍ଗ ପୁରୁଷାର୍ଥ ପ୍ରଦାନ କରନ୍ତି ସେ ହେଉଛନ୍ତି ଶ୍ରୀମନ୍ଦିରରେ ବିରାଜିତ ଚତୁର୍ଦ୍ଧା ବିଗ୍ରହ। ଏହି ଦିବ୍ୟରହସ୍ୟକୁ ଅନୁଭବ କରି ଆଦି ଶଙ୍କରାଚାର୍ଯ୍ୟ ପୁରୀ ପୁରୁଷୋତ୍ତମ ଧାମରେ ଏକ ମଠ ସ୍ଥାପନା କରି ସାଧନା କଲେ। ଏହିଭଳି ଅନେକ ଶାସ୍ତ୍ରୀୟ ପ୍ରମାଣ ସୂଚେଇ ଦିଅନ୍ତି ଶ୍ରୀପୁରୁଷୋତ୍ତମ ଧାମ ସ୍ୱତଃ ସୃଷ୍ଟି ହୋଇଥିବା ଏକ ପରମ ପବିତ୍ର କ୍ଷେତ୍ର। ବିଶେଷକରି ପ୍ରାୟ ଅଠର ଶହ ବର୍ଷ ତଳୁ ଆଦି ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ ପରଠାରୁ ଏହି ଧାମ ଭାରତର ଚତୁର୍ଦ୍ଧାମ ସହିତ ଯୋଡ଼ି ହୋଇ ଅନ୍ୟ ତିନିଗୋଟି ଧାମର ଗୁରୁତ୍ୱ ସହିତ ନିଜ ଗୁରୁତ୍ୱକୁ ବର୍ଦ୍ଧନ କରିଆସୁଛନ୍ତି।

ଏହି ଧାମର ମହତ୍ତ୍ୱ କାରଣରୁ ସମୁଦ୍ରର ଅତି ସମୀପରେ ଥାଇ ମଧ୍ୟ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିର ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଓ ସୁରକ୍ଷିତ। ଏହି ଭବ୍ୟମନ୍ଦିର ନିର୍ମାଣ ହେବା ପୂର୍ବରୁ ଏଠାରେ ଅନେକ ମନ୍ଦିର ନିର୍ମାଣ ହୋଇଛନ୍ତି ଏବଂ ଶ୍ରୀଜଗନ୍ନାଥ ପୂଜା ପାଇ ଆସୁଛନ୍ତି। ଶ୍ରୀମନ୍ଦିରରେ ଅନ୍ୟ ଏକ ପ୍ରମୁଖ ରହସ୍ୟ ହେଉଛନ୍ତି ଦାରୁବିଗ୍ରହ। ବିଶ୍ୱର ସମସ୍ତ ଦେବତାଙ୍କର ବିଗ୍ରହ ପ୍ରସ୍ତର କିମ୍ବା ଧାତୁ ନିର୍ମିତ ହୋଇଥିବା ବେଳେ ପୁରୀ ଶ୍ରୀଜଗନ୍ନାଥ ଦାରୁ ନିର୍ମିତ। ଶ୍ରୀଜଗନ୍ନାଥଙ୍କର ନବକଳେବର ବିଶ୍ୱ ଧାର୍ମିକ ଇତିହାସରେ ଏକମାତ୍ର ବିରଳ ଐତିହ୍ୟ। ଶ୍ରୀକ୍ଷେତ୍ରରେ ପୂଜିତ ଶ୍ରୀଜଗନ୍ନାଥଙ୍କର ଶ୍ରୀବିଗ୍ରହରେ ବ୍ରହ୍ମ ରହିଛନ୍ତି। ଏହି ବ୍ରହ୍ମ ଏକ ରହସ୍ୟ। ସେଥିପାଇଁ ସେ ଦେବତା ଏତେ ଶକ୍ତିଶାଳୀ ଏବଂ ଏହି ଧାମ ଏତେ ଦିବ୍ୟ। ମହାପ୍ରସାଦ ପୁରୁଷୋତ୍ତମ ଧାମର ଅପର ବୈଶିଷ୍ଟ୍ୟ, ଯାହା ମୁକ୍ତି ପ୍ରଦାନ କରନ୍ତି। ମହାପ୍ରସାଦ ନିର୍ମାଣ ଶୈଳୀ ତଥା ପ୍ରସାଦରୁ ମହାପ୍ରସାଦ ହେବାରେ ଶ୍ରୀମନ୍ଦିରରେ ଯେଉଁ ପ୍ରକ୍ରିୟା, ତାହା ନିଶ୍ଚୟ ବିଶେଷତ୍ୱକୁ ଧାରଣ କରିଛି। ରଥଯାତ୍ରା ପୁରୀର ଅନ୍ୟ ଏକ ବିଶ୍ୱଐତିହ୍ୟ, ଯାହା ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ମନୁଷ୍ୟ ତଥା ସମସ୍ତ ପ୍ରାଣୀମାନଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀଜଗନ୍ନାଥଙ୍କର ସ୍ୱୟଂଲୀଳା।

ପୁରୀକୁ ଆସିଛନ୍ତି ବିଶ୍ୱର ଅନେକ ବିଶିଷ୍ଟ ସାଧୁସନ୍ଥ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିଶ୍ୱଜନତା ସ୍ତବ୍ଧ ହୋଇଛନ୍ତି। ଏଠାରେ ଜ୍ଞାନ ଓ ଭକ୍ତି ଉଭୟ ତତ୍ତ୍ୱର ପରମ ନିଦର୍ଶନ ଦୃଷ୍ଟିଗୋଚର ହୁଏ। ଏଠାରେ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ବୌଦ୍ଧ ପ୍ରଭୃତି ଅନେକ ପରମ୍ପରା ଏବଂ ନାନାବିଧ ମତ ଏକ ହୋଇଯାଏ। ଏ ଧାମ ସ୍ୱତନ୍ତ୍ର। ଏହି ଧାମକୁ ନେଇ ଯଦି କେହି ପ୍ରତିଯୋଗିତା କରେ ତେବେ ହାସ୍ୟାସ୍ପଦ ବିନା ଅନ୍ୟ କିଛି ନୁହେଁ।

ଆଜି ଆମ୍ଭେ ଦେଖୁ ଶ୍ରୀମନ୍ଦିରକୁ ଛାଡ଼ି ଅନ୍ୟ କିଛି ଧାର୍ମିକ ସଂସ୍ଥା ମହାପ୍ରସାଦ ନାମ ଦେଇ ପ୍ରସାଦ ବିକ୍ରି କରୁଛନ୍ତି। କିନ୍ତୁ ସେମାନେ ଜାଣିବା ଆବଶ୍ୟକ ପୃଥିବୀରେ କେବଳ ପୁରୀ ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କେଉଁଠି ମହାପ୍ରସାଦ ନାହିଁ। ଏହାପଛରେ ଶାସ୍ତ୍ରୀୟ ରହସ୍ୟ ରହିଛି। ବେଳେବେଳେ ଦେଖାଯାଉଛି ଅଦିନିଆ ଜଗନ୍ନାଥ ରଥଯାତ୍ରା ପାଇଁ ପ୍ରସ୍ତୁତିକରଣ। ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା କେବେ ଅନୁଷ୍ଠିତ ହେବ ଏହା ସ୍ୱୟଂ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। ତାହା ହେଲା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି। ଠିକ୍ ସେହିଭଳି ଜଗନ୍ନାଥଧାମ ବିଶ୍ୱରେ ଗୋଟିଏ। ତାହା ହେଲା ଓଡ଼ିଶା ରାଜ୍ୟର ପୁରୀ ଶ୍ରୀଜଗନ୍ନାଥ ଧାମ। ଅନ୍ୟ କେଉଁଠାରେ ଏହିସବୁ ଧାର୍ମିକ ଶୃଙ୍ଖଳାର ବ୍ୟତିକ୍ରମ ଅଶୋଭନୀୟ ଆଚରଣ। ଏହାର ଫଳ ବିନାଶଶୀଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ।

(ଉପନିର୍ଦ୍ଦେଶକ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି)
ମୋ: ୮୮୯୭୪୨୬୨୪୩

## ଏଆଇ ଆଧାରିତ ସାମ୍ବାଦିକତା

ଅଜିତ କୁମାର ପ୍ରଧାନ



ସୂଚନା ଓ ସାମ୍ବାଦିକତା ବର୍ତ୍ତମାନ ଦୁନିଆର ଅତ୍ୟନ୍ତ ଜରୁରୀ ଦିଗ। ଏହା ମଧ୍ୟ ଆଜିର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେ ସାମ୍ବାଦିକତା ମାନବ ଜୀବନର ଦୈନନ୍ଦିନ ଅଂଶ ହୋଇପାରିଛି। ଆଜି ବିଶ୍ୱ ଯେଉଁ ଗତିରେ ଆଗକୁ ବଢୁଛି, ତାହା ତଥ୍ୟପ୍ରାପ୍ତିର ଆବଶ୍ୟକତା ବଢ଼ାଇଛି। ଏହି ପୃଷ୍ଠଭୂମିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ପ୍ରୟୋଗ ସାମ୍ବାଦିକତାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି।

ସରଳ ଅର୍ଥରେ ବୁଝିବାକୁ ଗଲେ ଏଆଇ ହେଉଛି ଏକ ବୈଜ୍ଞାନିକ ପ୍ରକ୍ରିୟା ବା କମ୍ପ୍ୟୁଟର ବିଦ୍ୟା, ଯାହା ମଣିଷଙ୍କ ଭଳି ଭାବିପାରିବ, କରିପାରିବ ଓ ନିଷ୍ପତ୍ତି ନେଇପାରିବ। ଏହି ବୈଷୟିକ ଜ୍ଞାନକୌଶଳ ସାମ୍ବାଦିକତାରେ ଖବରସଂଗ୍ରହ, ବିଶ୍ଳେଷଣ ଓ ପ୍ରସ୍ତୁତିକୁ ସହଜ, ଦ୍ରୁତ ଓ ଦୃଢ଼ କରିଛି। ଏଆଇ ଆଧାରିତ ସାମ୍ବାଦିକତାର ଅନେକ ସୁବିଧା ରହିଛି। ପ୍ରଥମେ, ଏହାଦ୍ୱାରା ଖବର ବହୁତ ଦ୍ରୁତ ଭାବେ ପ୍ରସ୍ତୁତ କରାଯାଇପାରୁଛି। ଏଆଇ ସହାୟତାରେ ସଂସାରର ଅନେକ ଘଟଣାର ଖବରର ବୈଧତା ମଧ୍ୟ ସଠିକ୍ ଭାବେ ନିର୍ଣ୍ଣୟ ହୋଇପାରୁଛି। ମଣିଷର କାର୍ଯ୍ୟକାରିତା ତୁଳନାରେ ଏହାର ଦକ୍ଷତା ଅଧିକ ଥିବାରୁ ଶ୍ରମ ଓ ସମୟ ସଞ୍ଚୟ ହୋଇପାରୁଛି। ଦ୍ୱିତୀୟତଃ, ଏଆଇର ବିଶ୍ଳେଷଣ ଦକ୍ଷତା ବ୍ୟାପକ ଓ ନିର୍ଭୁଲ୍। ସାଧାରଣ ମଣିଷଙ୍କ ପାଇଁ ଯେଉଁ ତଥ୍ୟକୁ ବୁଝିବାରେ ଅସୁବିଧା ହୁଏ, ସେଗୁଡ଼ିକୁ ଏଆଇ ଦ୍ୱାରା ଖୁବ ଦ୍ରୁତ ଓ ସଠିକ୍ ଭାବରେ କରାଯାଇପାରେ। ତୃତୀୟରେ, ଯଦି ସଠିକ୍ ନୀତି ଓ ନିୟମ ରହିଥାଏ, ତେବେ ଏଆଇ ଭୁଲ ଓ ଭ୍ରମରହିତ ଖବର ପ୍ରସାରଣ ଓ ପ୍ରସ୍ତୁତ କରିପାରେ। ଏହା ଫଳରେ ଖବର ଅଧିକ ପ୍ରାମାଣିକ, ଗ୍ରହଣୀୟ ଓ ନିର୍ଭରଶୀଳ ହୁଏ।

ଏହାସତ୍ତ୍ୱେ କେବଳ ପ୍ରଦତ୍ତ ଓ ବା ଉପଲବ୍ଧ ତଥ୍ୟ ଉପରେ ଭିତ୍ତିକରି ଏଆଇ ଖବର ପ୍ରସ୍ତୁତ କରୁଥିବାରୁ ବେଳେବେଳେ ଏହା ପ୍ରମାଦ ସୃଷ୍ଟି କରେ। ଲୋକମାନେ ଭୁଲ ସୂଚନା ଆଧାରରେ ନିଷ୍ପତ୍ତି ନେବା ଫଳରେ ସମସ୍ୟା ବୃଦ୍ଧି ହୁଏ। ସେହିପରି ଏଆଇ ଯନ୍ତ୍ର ହୋଇଥିବାରୁ ଏକାରେ ମାନବୀୟ ଭାବନା, ସମ୍ବେଦନା ଓ ନୀତି ନାହିଁ। ଯେତେବେଳେ କୌଣସି ଦୁଃଖଦ କିମ୍ବା ସମ୍ବେଦନଶୀଳ ବିଷୟ ଉପରେ ସୂଚନା ଦେବା ଏବଂ ବିଶ୍ଳେଷଣ କରିବା ଆବଶ୍ୟକ ସେ କ୍ଷେତ୍ରରେ ଏଆଇଠାରୁ ମାନବ ସୁଲଭ ଗୁଣ ଓ ପ୍ରତିକ୍ରିୟା ଆଶା କରାଯାଇପାରିବ ନାହିଁ। ଫଳରେ ସମ୍ବାଦ ପରିବେଷଣର ଭାବାତ୍ମକ ଉପସ୍ଥାପନ ହୋଇପାରେ ନାହିଁ। ସାମ୍ବାଦିକତାରେ ଏଆଇ ବ୍ୟବହାର ପାଇଁ ଜଣାପଡୁଥିବା ନୀତି ଓ ନିୟମ ଯଦି ନଥାଏ, ତେବେ ଏହା ଅନ୍ୟାୟ ଓ ଦୁରୁପଯୋଗର ପରିବେଶ ସୃଷ୍ଟିର କାରଣ ହୋଇଥାଏ। ଏହା ମଧ୍ୟ ସାମାଜିକ ନ୍ୟାୟିକ ପ୍ରକ୍ରିୟାରେ ବିସଙ୍ଗତି ଆଣିପାରେ।

ତେଣୁ ସାମ୍ବାଦିକତାରେ ଏଆଇ ଓ ମଣିଷ ଭାବନା ଓ କାର୍ଯ୍ୟକଳାପର ସମନ୍ୱୟ ଓ ଉଚିତ ସକ୍ରିୟତା ରହିଲେ ଫଳାଫଳ ଉନ୍ନତ ହୁଏ। ଏ କ୍ଷେତ୍ରରେ ସମ୍ପାଦକମାନଙ୍କ ଭୂମିକା ହେଉଛି ତଥ୍ୟ ଓ ଖବରର ନୀତିଗତ ମୂଲ୍ୟାଙ୍କନ, ସମୟୋଚିତ ତଥ୍ୟ ପ୍ରଦାନ ଏବଂ ତ୍ରୁଟିପୂର୍ଣ୍ଣ ସୂଚନାରୁ ଲୋକଙ୍କୁ ସୁରକ୍ଷା ଓ ସଚେତନ ସୃଷ୍ଟି କରିବା। ଏଆଇର ଏହି ଦୁର୍ବଳତାକୁ ଦୂର କରିପାରିଲେ ସାମ୍ବାଦିକତା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ସମ୍ଭବ। ଏଆଇ ଆଧାରିତ ସାମ୍ବାଦିକତା ପାଇଁ ମଧ୍ୟ ସଠିକ ନୀତି ଓ ନିୟମ ପ୍ରସ୍ତୁତ ହେବା ଦରକାର। ଯାହା ଏଆଇ ଆଧାରିତ ଖବରର ସତ୍ୟତା, ନ୍ୟାୟସଙ୍ଗତା ଓ ସକାରାତ୍ମକତାକୁ ସୁନିଶ୍ଚିତ କରି ସାମାଜିକ ସୁରକ୍ଷା ଓ ନ୍ୟାୟ ପ୍ରତି ଭରସା ବଢ଼ାଇବ। ଏଆଇ ଆଧାରିତ ସାମ୍ବାଦିକତା ଏକପକ୍ଷରେ ଦୃଢ଼, ଦ୍ରୁତ ଓ ସଠିକ ତଥ୍ୟ ପ୍ରଦାନ କରି ସାମାଜିକ ଜୀବନକୁ ସୁବିଧାଜନକ କରିପାରିଥିବା ବେଳେ ସାମାନ୍ୟ ଦୁର୍ବଳତା ଓ ଅସୁବିଧା ଯୋଗୁଁ ଜନମତକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସଭ୍ୟତାର ବିକାଶ ସହିତ ସାମାଜିକ ଜନଜୀବନକୁ ଅଧିକ ସରସ କରିବା ପାଇଁ ଏ ଦିଗରେ ସମନ୍ୱୟ ଲାଗି ସୁଚିନ୍ତିତ ସକାରାତ୍ମକ ଚିନ୍ତନ ଆବଶ୍ୟକ।

ନୀଳଗିରି(ବାଲେଶ୍ୱର), ମୋ: ୯୭୭୭୮୧୪୫୪୧

## ହ୍ରାସ ପାଉଛି କି ମଣିଷର ବୁଦ୍ଧିମତ୍ତା!

ଶ୍ରୀନନ

**ବିଜ୍ଞାନ ବାର୍ତ୍ତା**

ନୃତତ୍ତ୍ୱବିତ୍‌ଙ୍କ ମତରେ ଆଜକୁ ପ୍ରାୟ ୨ ଲକ୍ଷ ବର୍ଷତଳେ ଆଧୁନିକ ମଣିଷ ପ୍ରଜାତିର ବିକାଶ ଘଟିଲା। ସେ ସମୟରୁ ଧୀରେ ଧୀରେ ବଢ଼ିବାକୁ ଲାଗିଲା ତାର ବୁଦ୍ଧିମତ୍ତା। ତେବେ ତା' ମସ୍ତିଷ୍କ ଆଧୁନିକ ରୂପନେଲା ବର୍ତ୍ତମାନଠାରୁ ପ୍ରାୟ ୧ ଲକ୍ଷ ବର୍ଷ ପୂର୍ବେ। ଏହା ଫଳରେ ତା'ଠାରେ ଜଟିଳ ବୋଧଶକ୍ତି ଓ ସୁସଙ୍ଗତ ଆଚରଣ ଶକ୍ତି ଜାତ ହେବାକୁ ଲାଗିଲା, ଯାହାକି ପ୍ରାୟ ୫୦ ହଜାରରୁ ୬୫ ହଜାର ବର୍ଷ ତଳେ ତା'କୁ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବା ବୁଦ୍ଧିମାନ ତଥା ଚିନ୍ତାଶକ୍ତି ସଂପନ୍ନ ଜୀବରେ ପରିଣତ କଲା।

ଏହାପରେ ତା'ର ସାମାଜିକ ଜୀବନ ଦୃଢ଼ୀଭୂତ ହେବା ସଙ୍ଗେ ସଙ୍ଗେ ଜୀବନଧାରା ସମୁନ୍ନତ ହୋଇ ତା'ଠାରେ ଉନ୍ନତ ବୁଦ୍ଧିମତ୍ତାର ଉଦ୍ରେକ ଘଟାଇଲା। ଫଳରେ ସେ ନୂଆ ନୂଆ କଥା ଚିନ୍ତା କରିପାରିଲା ଏବଂ ତାହା ତା'କୁ ଆଜି ରୂପାନ୍ତରିତ କରିଛି 'ବୈଜ୍ଞାନିକ ମଣିଷ'ରେ। ଇତିମଧ୍ୟରେ ପରିବର୍ତ୍ତିତ ପରିବେଶ ଏବଂ ବିବର୍ତ୍ତନର ପ୍ରଭାବରେ ତା'ର 'ଫ୍ରଣ୍ଟାଲ୍ ଏବଂ ପେରିଏଟାଲ୍ ଲୋବ୍' ସମେତ ମସ୍ତିଷ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଅଂଶ ବୃଦ୍ଧିପ୍ରାପ୍ତ ହେଲା ଏବଂ ତନ୍ମଧ୍ୟରେ ସ୍ନାୟୁକୋଷମାନଙ୍କ ବାହକ ସଂପ୍ରସାରିତ ଓ ଘନ ହେଲା। ତା'ଠାରେ କେତେକ ଜିନୀୟ ପରିବର୍ତ୍ତନ ହେତୁ ଏ ପ୍ରକ୍ରିୟା ଅବ୍ୟାହତ ରହିଲା ବୋଲି ମତ ଦିଅନ୍ତି ବ୍ରିଟିଶ୍ ନୃତତ୍ତ୍ୱବିତ୍ ରବିନ୍ ଡୁନ୍‌ବାର। ତେବେ ବର୍ତ୍ତମାନ ମଣିଷର ବୁଦ୍ଧିମତ୍ତା ନିମ୍ନଗାମୀ ହେଉଥିବାର ଲକ୍ଷ୍ୟ କରାଯାଉଛି। ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏକ ସର୍ବେକ୍ଷଣର ତଥ୍ୟାଧାରିତ ୨୦୨୪ ମସିହା ମାର୍ଚ୍ଚ ମାସରେ 'ଦ ଫାଇନାନ୍ସିଆଲ୍ ଟାଇମସ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ପ୍ରାୟ ସବୁବର୍ଗର ଲୋକଙ୍କଠାରେ ଏହା ଅକ୍ଷେବହୁତ ପରିଲକ୍ଷିତ ହେଉଛି। ଫଳରେ ସେମାନେ ପଠନ କିମ୍ବା ଅନ୍ୟ କୌଣସି ଶିକ୍ଷା କରିବାରେ ମନୋନିବେଶ କରିବା କଷ୍ଟକର ହେଉଛି। ବିଶେଷକରି, ଯୁବଗୋଷ୍ଠୀ ମଧ୍ୟରେ ଏହା ଅଧିକ ପରିଲକ୍ଷିତ ହେଉଛି। ଏଥିରେ ୧୫ ୧୮ ବର୍ଷ ବୟସ୍କ କିଛି ଆମେରିକୀୟ ତଥା ଅନ୍ୟାନ୍ୟ ଦେଶର ଛାତ୍ରଛାତ୍ରୀମାନଙ୍କୁ ନିଆଯାଇଥିଲା। ୨୦୧୦ ମସିହାରୁ ଆରମ୍ଭ ହୋଇଥିବା ଏହି 'ପ୍ରୋଗ୍ରାମ୍ ଫର୍ ଇଣ୍ଟରନ୍ୟାସନାଲ୍ ଷ୍ଟୁଡେଣ୍ଟ୍ ଆସେସମେଣ୍ଟ' ପ୍ରକଳ୍ପରୁ ଜଣାପଡ଼ିଲା ଯେ ସେମାନଙ୍କଠାରେ ଅଧିକ ସମୟ ଧରି କୌଣସି କାର୍ଯ୍ୟରେ ମନୋନିବେଶ କରିବା ଏବଂ କୌଣସି ବିଷୟରେ ଗଭୀର ଭାବେ ଚିନ୍ତା କରିବାର କ୍ଷମତା ହ୍ରାସ ପାଇଛି।

ଏପରି ଘଟିବାର କାରଣ କଦାପି ଗୋଟିଏ ହୋଇ ନ ପାରେ ବୋଲି ମତ ଦିଅନ୍ତି ଏହି ଅଧ୍ୟୟନର ଗବେଷକମାନେ। ପଠନ ଅଭ୍ୟାସ ହ୍ରାସ ପାଇବା, ସୃଜନାତ୍ମକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା, କୌଣସି ନୂଆ ବିଷୟ ନିଜେ ନିଜେ ବୁଝିବାର ପ୍ରବୃତ୍ତି ତଥା ଅଭ୍ୟାସ କମ୍ ହେବା, ମାନସିକ ଶ୍ରମ ପ୍ରତି ନିରୁତ୍ସାହିତ ହେବା ଇତ୍ୟାଦି ସାମଗ୍ରିକ ଭାବେ ଏଥିପାଇଁ ଦାୟୀ ବୋଲି ସେମାନେ ଅନୁଭବ କରନ୍ତି। ଆମେରିକାର 'ନ୍ୟାସନାଲ୍ ଏଣ୍ଡୱାମେଣ୍ଟ ଫର୍ ଆର୍ଟସ୍' ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୨୦୧୨ ମସିହାରେ ୪୫.୨ ଶତାଂଶ ଏବଂ ୨୦୧୭ ମସିହାରେ ୪୧.୫ ଶତାଂଶ ଆମେରିକୀୟ ଯୁବଗୋଷ୍ଠୀ କ୍ଷୁଦ୍ରଗଳ୍ପ ବା ଉପନ୍ୟାସ ଆଦି ପଢ଼ିବାକୁ ଆଗ୍ରହୀ ହେଉଥିବା ବେଳେ ୨୦୨୨ ମସିହା ବେଳକୁ ତାହା ହ୍ରାସ ପାଇଥିଲା ୩୭.୬ ଶତାଂଶକୁ। ୨୦୨୩ରେ ପ୍ରକାଶିତ 'ଦ ଅର୍ଗାନାଇଜେସନ୍ ଫର୍ ଇକୋନୋମିକ୍ କୋ-ଅପରେସନ ଆଣ୍ଡ ଡେଭେଲପମେଣ୍ଟ' ସଂସ୍ଥାର ସର୍ବେକ୍ଷଣ ଫଳାଫଳରେ ପ୍ରାପ୍ତବୟସ୍କଙ୍କର ଗାଣିତିକ ପ୍ରଶ୍ନ ସମାଧାନ କରିବାର ସାମର୍ଥ୍ୟ ହାନି ବାର୍ଷିକ ୨୭ ରୁ ୩୭ ଶତାଂଶ ଅଧିକ। ପଠନ ଅଭ୍ୟାସ ହାନି, ଗଭୀର ଭାବେ ଚିନ୍ତା କଲା ଭଳି ମାନସିକ ବ୍ୟାୟାମ ଆଦିର ଅଭାବ ସହିତ ଦୀର୍ଘସମୟ ଧରି ମୋବାଇଲ୍, ଟିଭି କିମ୍ବା କମ୍ପ୍ୟୁଟର ପରଦାକୁ ଦେଖିବା ଏହାର କାରଣ ହୋଇପାରେ।

ତେବେ ଏ କ୍ଷେତ୍ରରେ ଗବେଷକମାନେ ଏକମତ ଯେ ମଣିଷର ବୁଦ୍ଧିମତ୍ତାର ଅବନତି ଜୈବିକ ଭାବେ ଘଟିନାହିଁ। ଅର୍ଥାତ୍ ମସ୍ତିଷ୍କ ବା ସ୍ନାୟୁ ବ୍ୟବସ୍ଥାରେ ଅବକ୍ଷୟ ପରିଦୃଷ୍ଟ ହୋଇନାହିଁ। କେବଳ ବୁଦ୍ଧିମତ୍ତାର ପ୍ରୟୋଗ ଯଥେଷ୍ଟ ଓ ସିଠକ୍ ଭାବେ କରାଯାଉ ନଥିବାରୁ ସେଭଳି ହେବାର ପ୍ରତୀୟମାନ ହେଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଘରକୁ ଫେରିଲେ ଇତିଶ୍ରୀଙ୍କ ଭଉଣୀ ଓ ଝିଆରୀ

# ବଖାଣିଲେ କାଳ ରାତିର ଛାତିଥରା କଥା



ବ୍ୟାସନଗର,୨।୬(ସମିସ): ସୋମବାର ସକାଳୁ ଘରକୁ ଫେରିଛନ୍ତି ସିକ୍କିମ ଦୁର୍ଘଟଣାରୁ ବର୍ତ୍ତିଥିବା ଇତିଶ୍ରୀ ନାୟକଙ୍କ ପରିବାର। ତେବେ ଘରକୁ ଫେରିବା ପରେ ଶୁକ୍ରବାର ସିକ୍କିମରେ ଘଟିଥିବା ସେହି କାଳରାତିର ଭୟାନକ ତଥା ଲୋମଟାଙ୍କୁରା କାହାଣୀ କହିଛନ୍ତି ଇତିଶ୍ରୀଙ୍କ ୨ ଭଉଣୀ।

ସିକ୍କିମ ଘାଟିରେ ଦୁର୍ଘଟଣା ଘଟିବାର ୪ ଦିନ ପରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଇତିଙ୍କ ଦୁଇ ଭଉଣୀ ମଞ୍ଜୁଲତା ଦେଓ ଓ ଝରଣା ଏବଂ ଦୁଇ ଝିଆରୀ ଭାଇ ଶିଶିରଙ୍କ ଦୁଇ ଝିଅ ଜାନୀ ଓରଫ ସ୍ମୃତିସୋହାନି ଓ ଗୁନି ଓରଫ୍ ଶ୍ୱେତାତ୍ରୁଚା ଘରକୁ ଫେରିଛନ୍ତି। ଯାଜପୁର ରୋଡ ରେଳଷ୍ଟେସନରେ ଓହ୍ଲାଇବା ପରେ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲେ। ପରିବାର ଲୋକଙ୍କୁ ପାଇ ଆତ୍ମବିଭୋର ହୋଇଉଠିଥିଲେ। ଯେତେବେଳେ ଘଟଣା ବିଷୟରେ ପଚାରି ବୁଝୁଥିଲୁ ସେ କାନ୍ଦି କାନ୍ଦି ଗୋଟି ଗୋଟି କରି ସମସ୍ତ କଥା କହିଥିଲେ।

ଘାଟିର ଜିରୋ ପଏଣ୍ଟରୁ ତଳକୁ ଓହ୍ଲାଇବା ବେଳକୁ ସମୟ ହୋଇଯାଇଥିଲା ରାତି ପ୍ରାୟ ସାଢେ ୭ଟା। ଆଗପଛ ହୋଇ ଦୁଇଟି ଗାଡ଼ିରେ ଫେରୁଥିଲେ ୧୧ ଜଣ ସଦସ୍ୟ। ମାତ୍ର କିଛି ସମୟ ପରେ ଆଉ ଇତିଙ୍କ ଗାଡିର ଲାଇଟ୍ ଦେଖାଯାଇନଥିଲା। ଏହାପରେ ସେଠାରୁ ସେମାନଙ୍କ ଗାଡ଼ି ଫେରାଇଥିଲେ। ଖୋଜୁଖୋଜୁ ରାତି ୧୦ଟା ବାଜି ଯାଇଥିଲା। ଏହାପରେ ସେଠାକାର ପୁଲିସ ସହିତ ଯୋଗାଯୋଗ କରିଥିଲେ। ରାତି ତମାମ ଖୋଜାଖୋଜି ଚାଲିଥିଲା। ରାତି ପ୍ରାୟ ତିନିଟା ବେଳେ ଦୁଇ ବାଳକଙ୍କ ସନ୍ଧାନ ମିଳିଥିଲା। ସେମାନେ ଉଦ୍ଧାର ହୋଇ ଗାଙ୍ଗଟକ୍ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏବେ ସେମାନଙ୍କ ପାଖରେ ଇତିଶ୍ରୀଙ୍କ ବଡ଼ଭାଇ ଶିଶିର ନାୟକ ଉପସ୍ଥିତ ଅଛନ୍ତି। ତେବେ ପରିବାରର ୪ ଜଣ ଏବେ ବି ନିଖୋଜ ଅଛନ୍ତି। ଦୁଇ ଭଉଣୀ ଓ ଦୁଇ ଭାଇଙ୍କ ୪ଟି ପରିବାରରୁ ୧୧ଜଣ ସଦସ୍ୟ ସିକ୍କିମ ଭ୍ରମଣରେ ଯାଇଥିଲେ।

ତେବେ ଆଜି ଓଡ଼ିଶା ସରକାର ଓ ସିକ୍କିମ ସରକାରଙ୍କ ମିଳିତ ସହଯୋଗରେ ୪ ସଦସ୍ୟ ଫେରିବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଇତିଶ୍ରୀଙ୍କ ସମେତ ବଡ଼ପୁଅ, ସାନଭାଇ ଭାଉଜ ମିଶି ୪ଜଣ ଏବେ ବି ନିଖୋଜ ଅଛନ୍ତି। ଓଡ଼ିଶା ଓ ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ମିଳିତ ସହଯୋଗରେ ସିକ୍କିମରୁ ପଶ୍ଚିମବଙ୍ଗ ନ୍ୟୁ ଜଲପାଇଗୁଡ଼ି ଜିଏଚ୍‌ୱାଇ୍‌ଏସ୍ ଏମ୍‌ଭିପି ଏକ୍ସପ୍ରେସରେ ଏଠାକୁ ପଠାଯାଇଛି। ଇତିଙ୍କ ବଡ଼ଭାଇ ସହିତ ଆହତ ଦୁଇ ବାଳକଙ୍କୁ ଏଠାକୁ ଅଣାଯିବା ସହ ୪ଜଣ ନିଖୋଜଙ୍କୁ ଉଦ୍ଧାର କରିବାକୁ ନିବେଦନ ଜଣାଇଛନ୍ତି ପରିବାର ଲୋକ। ସେପଟେ ସ୍ଥାନୀୟ ବିଧାୟକ ଆକାଶ ଦାସନାୟକ ମଞ୍ଜୁଲତାଙ୍କ ପରିବାର ନିକଟରେ ପହଞ୍ଚି ଆଲୋଚନା କରିବା ସହ ଆଶ୍ୱାସନା ଦେଇଥିଲେ। ସେପଟେ ସମସ୍ତ ପ୍ରୟାସ ସତ୍ତ୍ୱେ ଏଯାଏ ନିଖୋଜ ଚାରିଜଣଙ୍କ ସନ୍ଧାନ ମିଳୁନି। ଉଦ୍ଧାରକାରୀ ଦଳ ଦ୍ୱାରା ଖୋଜାଖୋଜି ଚାଲିଛି। ତୁରନ୍ତ ସେମାନଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି ପରିବାର ଓ ଆତ୍ମୀୟ ସ୍ୱଜନ।

■ ମା'ର ଶବ ସଂସ୍କାର ପାଇଁ ମନା କରିଦେଲେ ପୁଅ-ଝିଅ

# ଟ୍ରଲିରେ ପତ୍ନୀର ମୃତଦେହକୁ ୫ଘଣ୍ଟା ଜଗିଲେ ସ୍ୱାମୀ



ବାରିପଦା, ୨।୬(ସମିସ): ମା'ର ଶବକୁ ଅନ୍ତିମ ସଂସ୍କାର କରିବାକୁ ରୋକଠୋକ୍ ମନା କରିଦେଲେ ପୁଅ-ଝିଅ। ସ୍ୱାମୀ ପାଖେ ବଳ ନାହିଁ କି ସମ୍ବଳ ନାହିଁ। ତେଣୁ ଅନ୍ୟ ଉପାୟ ନ ପାଇ ଟ୍ରଲିରେ ସ୍ତ୍ରୀର ଶବକୁ ପକାଇ ରଖି ପାଖରେ ଜଗି ବସିଛନ୍ତି। ଘଣ୍ଟାଏ କି ଦୁଇଘଣ୍ଟା ନୁହେଁ, ଦୀର୍ଘ ୫ ଘଣ୍ଟା ଧରି ଶବ ପାଖରେ ଠିଆ ହୋଇ ମାଛି ଘଉଡ଼ାଉଛନ୍ତି। କପ୍ତିପଦା ବଜାରଠାରୁ ମାତ୍ର କେଇ ମିଟର ଦୂରରେ ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖଣାହାରୀଙ୍କୁ ବିଚଳିତ କରିଛି।

ମିଳିଥିବା ସୂଚନାନୁଯାୟୀ, କପ୍ତିପଦା ବଜାରରୁ ମାତ୍ର କେଇ ମିଟର ଦୂରରେ ରହୁଥିବା ବିଶ୍ୱନାଥ ମୁର୍ମୁଙ୍କ ସ୍ତ୍ରୀ ସୀତା ମୁର୍ମୁଙ୍କ ରବିବାର ମୃତ୍ୟୁ ଘଟିଥିଲା। ସୋମବାର ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ସୀତାଙ୍କ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଶ୍ୱନାଥ ତାଙ୍କ ଶବକୁ ଟ୍ରଲିରେ ବୋହି ବୋହି ଘରକୁ ଆଣିଥିଲେ। କିନ୍ତୁ, ଶବ ଆସି ଏଠାରେ ପହଞ୍ଚିବା ପରେ ପୁଅ-ଝିଅ ସୀତାଙ୍କ ମୃତଦେହ ସଂସ୍କାର କରିବେ ନାହିଁ ବୋଲି ରୋକଠୋକ୍ ବାପା ବିଶ୍ୱନାଥଙ୍କୁ ଶୁଣାଇ ଦେଇଥିଲେ। ଏକଥା ଶୁଣିବା ପରେ ବିଶ୍ୱନାଥଙ୍କ ଉପରେ ସତେଯେମିତି ଚଡ଼କ ପଡ଼ିଥିଲା। ଜୀବନସାରା ସୁଖଦୁଃଖର ସାଥୀ ହୋଇ ଆସିଥିବା ପତ୍ନୀର ଅନ୍ତିମ ସଂସ୍କାର କେମିତି କରିବେ, ତାଙ୍କ ମୁଣ୍ଡକୁ କିଛି ବୁଦ୍ଧିବାଟ ଦିଶିନଥିଲା। ତେଣୁ ଟ୍ରଲିରେ ପଡ଼ି ରହିଥିବା ମୃତଦେହକୁ ଘଣ୍ଟାଘଣ୍ଟା ଧରି ଜଗି ବସିଥିଲେ। ଶବ ପାଖରେ ଧୂପ, ଦୀପ ଦେବା ସହ ମାଛି ଘଉଡ଼ାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ କିଛି ସ୍ଥାନୀୟ ସମାଜସେବୀ ଓ ସାମ୍ବାଦିକ ସେଠାରେ ପହଞ୍ଚି ସୀତାଙ୍କ ଅନ୍ତିମ ସଂସ୍କାର କରାଇବାର ବ୍ୟବସ୍ଥା କରାଇଥିଲେ।

## ଆଦର୍ଶ ହେବ ୫୦୦ ପ୍ରାଥମିକ ବିଦ୍ୟାଳୟ

ଭୁବନେଶ୍ୱର,୨।୬(ସମିସ): ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୫ଶହ ପ୍ରାଥମିକ ବିଦ୍ୟାଳୟକୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ରେ ଉନ୍ନତୀକରଣ କରାଯିବ। ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଅର୍ଥାତ୍ ଆସନ୍ତା ୧୨ତାରିଖରେ ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମେ ପ୍ରତି ବ୍ଲକ୍‌ରେ ଅର୍ଥାତ୍ ୩୧୪ ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଏହି ଯୋଜନାରେ ଉନ୍ନତିକରଣ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ମଧ୍ୟ ଚୟନ କରାଯାଇଥିଲା। ହେଲେ ଏହାକୁ ୫ଶହକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛି ଗଣଶିକ୍ଷା ବିଭାଗ। ଅବଶିଷ୍ଟ ୧୮୬ଟି ବିଦ୍ୟାଳୟକୁ ଚିହ୍ନଟ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ୍ ଚିଠି ଲେଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ୪୦ଟି ବିଦ୍ୟାଳୟ ଉନ୍ନତିକରଣ ତାଲିକାରେ ସ୍ଥାନ ପାଇଥିବାବେଳେ ଜଗତସିଂହପୁର ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୩୪ଟି ବିଦ୍ୟାଳୟକୁ ଚିହ୍ନଟ କରାଯାଇଛି। ସେହିପରି ବୌଦ୍ଧ ଓ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୫ଟି ଲେଖାଏଁ ବିଦ୍ୟାଳୟ ତାଲିକାରେ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ଏହି ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନତିକରଣ କରାଯିବ। ରାଜ୍ୟରେ ସମୁଦାୟ ୬,୭୯୪ଟି ବିଦ୍ୟାଳୟକୁ ଏହି ଯୋଜନାରେ ଉନ୍ନତିକରଣ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୪ ଘଣ୍ଟାରେ...

ଏବଂ ତାମିଲନାଡୁର ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ନୂଆ ସଂକ୍ରମିତଙ୍କୁ ମିଶାଇ ମୋଟ ରୋଗୀସଂଖ୍ୟା ୩୯୭୬ରେ ପହଞ୍ଚିଛି। ଗତ ୧୦ ଦିନରେ କରୋନା ମାମଲା ୧୫ ଗୁଣ ବୃଦ୍ଧି ପାଇଛି। ପୁଣିଥରେ କେରଳ କରୋନାର ହଟ୍‌ସ୍ପଟ୍ ପାଲଟିଛି।। ରାଜ୍ୟରେ ସର୍ବାଧିକ ୧୪୩୫ ରୋଗୀ ଚିକିତ୍ସାଧୀନ ଅଛନ୍ତି। ୫୦୬ ରୋଗୀଙ୍କ ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ଦିଲ୍ଲୀରେ ୪୮୩, ଗୁଜରାଟରେ ୩୩୮, ପଶ୍ଚିମବଙ୍ଗରେ ୩୩୧ ଏବଂ କର୍ଣ୍ଣାଟକରେ ୨୫୩ ରୋଗୀ ଚିକିତ୍ସାଧୀନ ଅଛନ୍ତି।

କ୍ରମାଗତ ଭାବେ ମାମଲା ବୃଦ୍ଧିକୁ ଦେଖି କର୍ଣ୍ଣାଟକ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ମାସ୍କ ଲଗାଇବାକୁ, ସାମାଜିକ ଦୂରତ୍ୱ ବଜାୟ ଏବଂ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେବାକୁ କୁହାଯାଇଛି। ଥଣ୍ଡା, ଜ୍ୱର, କାଶ ହେଲେ ତୁରନ୍ତ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହାମଧ୍ୟରେ ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ଶୁଣାଣି କରି କହିଛନ୍ତି ଯେ କରୋନା ମାହମାରୀ ଏବେ ଶେଷ ହୋଇନାହିଁ। କୋର୍ଟ କେନ୍ଦ୍ର ସରକାରଙ୍କୁ ନମୁନା ସଂଗ୍ରହ, କରୋନା କେନ୍ଦ୍ର ଏବଂ ପରିବହନ ନୀତିର ପ୍ରସ୍ତୁତି ବିଷୟରେ ବିସ୍ତୃତ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦେଶରେ ରଜିତ...

ଅନୁରୂପ ଭାବେ ହଂସ ଦାରୁକା ସର୍ବଭାରତୀୟ ସ୍ତରରେ ୩୯ତମ ସ୍ଥାନରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ପ୍ରଥମ ପ୍ରୟାସରେ ହିଁ ୩୬୦ ରୁ ୩୦୦ ମାର୍କ ରଖି ସଫଳତା ପାଇଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ନବମ ଶ୍ରେଣୀରୁ ଏହି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ନିୟମିତ ଭାବେ ପଢ଼ିବା ସହ ସାମାଜିକ ଗଣମାଧ୍ୟମରୁ ଦୂରେଇ ରହୁଥିଲେ। ତାଙ୍କ ଭାଇ ମଧ୍ୟ ଆଇଆଇଟିରେ ପଢୁଥିବାରୁ ତାଙ୍କୁ ପ୍ରସ୍ତୁତି କରିବାରେ ପ୍ରୋତ୍ସାହିତ କରିଥିଲା। ଆଗକୁ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଓଡ଼ିଶାର ଅନ୍ୟତମ ଛାତ୍ର ନବନିତ ପ୍ରିୟଦର୍ଶୀ ସର୍ବଭାରତୀୟ ସ୍ତରରେ ୯୭ତମ ସ୍ଥାନରେ ରହି ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

ସୂଚନାଯୋଗ୍ୟ ।।ଯେ ଚଳିତ ବର୍ଷ ଜେଇଇ ଆଡଭାନ୍ସଡ୍ ପାଇଁ ସମୁଦାୟ ୧,୮୭,୨୨୩ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧,୮୦,୪୪୨ ଜଣ ପେପର-୧ ଓ ପେପର-୨ ପରୀକ୍ଷା ଦେଇଥିଲେ। ସମୁଦାୟ ୫୪,୩୭୮ ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାସହ କାଉନସେଲିଂ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତନ୍ମଧ୍ୟରେ ୪୪,୯୭୪ ଜଣ ଛାତ୍ର ଥିବାବେଳେ ମାତ୍ର ୯,୪୦୪ ଜଣ ଛାତ୍ରୀ ରହିଛନ୍ତି। ମୋଟ୍ ୨୩ଟି ଆଇଆଇଟିରେ ପ୍ରାୟ ୧୮,୦୦୦ ସ୍ନାତକ ଇଞ୍ଜିନିୟରିଂ (ବିଟେକ୍ ପାଠ୍ୟକ୍ରମ) ସିଟ୍‌ରେ ପଢ଼ିବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ଅର୍ଥାତ ପ୍ରତି ୩ଜଣଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ ନାମ ଲେଖାଇପାରିବେ। ଚଳିତବର୍ଷ କଟଅଫ୍ ମାର୍କ ସାଧାରଣ ବର୍ଗ ପାଇଁ ୭୬ ଯାଇଥିବା ବେଳେ ସାମାଜିକ ପଛୁଆ ବର୍ଗ (ଓବିସି) ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୬୬ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ ପାଇଁ ୩୭ ମାର୍କ କଟଅଫ୍ ଯାଇଛି।

### ପାକିସ୍ତାନରେ 'ସିନ୍ଧୁ'...

ହଜାର ହଜାର ସ୍ଥାନୀୟ ଲୋକେ। ଫଳରେ ଏହି ହାଇୱେ ଉପରେ ହଜାର ହଜାର ଗାଡ଼ି ଅଟକ ରହିଛନ୍ତି ଏବଂ ବାଣିଜ୍ୟ କାରବାର ମଧ୍ୟ ଠପ୍ ହୋଇଯାଇଛି।

ପାକିସ୍ତାନ ଅଧିକୃତ କଶ୍ମୀରରେ ଅବସ୍ଥିତ ଗିଲଗିଟ୍-ବାଲତିସ୍ତାନ ଅଞ୍ଚଳେ ଦଇ କୋରାକୋରମ ହାଇୱେ ଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ସରକାରଙ୍କ ନୂଆ ବାଣିଜ୍ୟ ନୀତିର ପ୍ରତିବାଦ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ ଚଳାଇଛନ୍ତି। ସେମାନେ ଯୁକ୍ତି କରିଛନ୍ତି ଯେ ନୂଆ ନୀତି ଯୋଗୁଁ ସେମାନଙ୍କର ବ୍ୟବସାୟ ଓ ବାଣିଜ୍ୟ କାରବାର ଠପ୍ ହୋଇଯିବ। ଏହି ରାସ୍ତା ଅବରୋଧରେ ଶାସକ ମୁସଲିମ ଲିଗ୍ ଠାରୁ ଆରମ୍ଭ କରି ସବୁ ଦଳ ଓ ସଂଗଠନ ସାମିଲ ହୋଇଛନ୍ତି। ଅର୍ଥନୈତିକ ଦୁର୍ଗତି ଦେଇ ଗତି କରୁଥିବା ପାକିସ୍ତାନରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଉପରମୁହାଁ। ଲୋକେ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ଏହି ରାସ୍ତା ଅବରୋଧ ସେମାନଙ୍କର ଅବସ୍ଥାକୁ ଆହୁରି ଦୁର୍ବିସହ କରିପକାଇଛି। ଚୀନ ଏବ ଅନ୍ୟ ଦେଶରୁ ଆସୁଥିବା ସାମଗ୍ରୀକୁ ସୋସ୍ତ ଡ୍ରାଏ ପୋର୍ଟ ବା ବନ୍ଦରରେ ଅଟକ ରଖାଯାଇଛି। ଗତ ୬ ମାସ ଧରି ଏହି ବନ୍ଦର ବନ୍ଦ ପଡ଼ିଥିବାରୁ ବ୍ୟବସାୟୀମାନେ କ୍ଷୋଭ ପ୍ରକାଶ କରି ଚେତାବନୀ ଦେଇଛନ୍ତି ଯେ ବନ୍ଦର ନଖୋଲିବା ପର୍ଯ୍ୟନ୍ତ ସେମାନଙ୍କର ରାସ୍ତା ଅବରୋଧ ଜାରି ରହିବ। ସରକାର ସେମାନଙ୍କ ସହ କଥା ହେବାକୁ ରାଜି ହୋଇଥିବା ବେଳେ ଆନ୍ଦୋଳନକାରୀ ରାଜି ହେଉନାହାନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୦୨୩ ଅକଟୋବରରେ ଏହି ଅଞ୍ଚଳରେ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଭାରତ ସହ ବାଣିଜ୍ୟ କାରବାରକୁ ସ୍ୱାଭାବିକ କରିବା ସହିତ କାରଗିଲ ରୋଡ ଖୋଲିବାକୁ ଦାବି କରି ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇଥିଲେ। ଏହି ଅଞ୍ଚଳରେ ଖାଦ୍ୟ ସାମଗ୍ରୀର ଅଭାବକୁ ନେଇ ପରିସ୍ଥିତି ଏବେ ବି ଅଶାନ୍ତ ରହିଛି।

ତେଣେ ସିନ୍ଧୁ ନଦୀ ଚୁକ୍ତିକୁ ଭାରତ ବାତିଲ କରିବା ପରେ ପାକିସ୍ତାନରେ ଗୁରୁତର ଜଳ ସଙ୍କଟ ଦେଖାଦେଇଛି। ସିନ୍ଧୁ ଏବଂ ଏହାର ଶାଖା ନଦୀ ଝେଲମ ଏବଂ ଚେନାବରେ ଜଳ ପ୍ରବାହ ହ୍ରାସ ପାଇଥିବାରୁ ସେଠାର ପଞ୍ଜାବ ପ୍ରଦେଶରେ ଚାଷ ଜମି ପଡ଼ିଆ ହେବାକୁ ବସିଲାଣି। ଏହି ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଗୋଟିଏ ପ୍ରକାର ଠପ୍ ହୋଇଯାଇଛି। ସିନ୍ଧୁ ନଦୀର ତାରବେଲା ଏବଂ ଝେଲମ ନଦୀରେ ନିର୍ମିତ ମାଙ୍ଗଲା ଡ୍ୟାମ୍‌ରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି ବୋଲି ପାକିସ୍ତାନ ସରକାର ସ୍ୱୀକାର କରିବା ସହିତ ସିନ୍ଧୁ ଚୁକ୍ତି ବାହାଲ କରିବା ଲାଗି ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି। ଜଳ ପ୍ରବାହ କମିବା ଜାରି ରହିଲେ ପଞ୍ଜାବ ଓ ସିନ୍ଧ ପ୍ରଦେଶରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବା ନିଶ୍ଚିତ। ଜୁନ ମାସ ଶେଷ ପର୍ଯ୍ୟନ୍ତ ମୌସୁମୀ ବର୍ଷାର ସମ୍ଭାବନା ନଥିବାରୁ ଖରିଫ ଫସଲ ହୋଇପାରିବ ନାହିଁ ଏବଂ ଶକ୍ତି ଉତ୍ପାଦନ ମଧ୍ୟ ଭୀଷଣ ବାଧାପ୍ରାପ୍ତ ହେବ ବୋଲି କୁହାଯାଉଛି। ଏହାକୁ ନେଇ ପାକିସ୍ତାନରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ ଗତମାସ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଭାରତ ସରକାର ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲ କରିଦେଇଥିଲେ। ସିନ୍ଧୁ ନଦୀ ପାକିସ୍ତାନ ପାଇଁ ଜୀବନରେଖା ହୋଇଥିବାରୁ ଭାରତର ନିଷ୍ପତ୍ତି ସେଠାର ଘୋର ସଙ୍କଟ ଆଣିବା ନିଶ୍ଚିତ।

### ଥାନା ଆଗରେ...

ଚୋରାଚାଲାଣ ଧରପଗଡ଼ ପାଇଁ କାର୍ଯ୍ୟାଳୟରୁ ନିଜ କାର୍ ଧରି ବାହାରିଥିଲେ। ଏହି ସମୟରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମାଫିଆମାନେ ତାଙ୍କୁ ଅଟକାଇ ଧମକଚମକ ଦେଇଥିଲେ। ପରେ ତାଙ୍କୁ ଘେରିଯାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ କୌଶଳକ୍ରମେ ସେ ସେଠାରୁ ଖସି ଯାଇ କପ୍ତିପଦା ଥାନାକୁ ପଳାଇ ଆସିଥିଲେ। ଅଭିଯୁକ୍ତମାନେ ମଧ୍ୟ ତାଙ୍କୁ ପିଛା କରି ସେଠାରେ ପହଞ୍ଚି ଯାଇଥିଲେ। କିନ୍ତୁ, ସେହି ସମୟରେ ଥାନା ଗେଟ୍ ବନ୍ଦ ଥିବା ଦେଖି ମାଫିଆମାନେ ଆହୁରି ଉଗ୍ର ହୋଇଉଠିଥିଲେ ଏବଂ ସେମାନେ ଶ୍ରୀ ମାଝୀଙ୍କୁ ଆକ୍ରମଣ କରିଥିଲେ। ଦର୍ବୃତ୍ତମାନେ ତାଙ୍କ କଲର୍ ଧରି କାର୍‌ରୁ ଘୋଷାଡ଼ି ଆଣିବା ସହ ନିସ୍ଥୁକ ମାଡ଼ ମାରିଥିଲେ। ଏହାସହ ତାଙ୍କ ଗାଡ଼ିକୁ ଇଟା ଓ ପଥର ମାଡ଼ କରି ଭାଙ୍ଗି ଚୂରମାର୍ କରି ଫେରାର୍ ହୋଇଯାଇଥିଲେ।

ପରେ ଏ ସଂପର୍କରେ ଅତିରିକ୍ତ ତହସିଲଦାର ଅଭିଯୋଗ କରିବା ପରେ ଉପଖଣ୍ଡ ପୁଲିସ୍ ଅଧିକାରୀ ଏକ ଟିମ୍ ଗଠନ କରି ମାଫିଆଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। କିନ୍ତୁ ଖବର ଲେଖା ହେବା ବେଳକୁ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

### ଶାସକ-ବିରୋଧୀ ...

ଡ଼ଜନ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ମାତ୍ର ସମ୍ପୃକ୍ତ ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକର ପ୍ରଦର୍ଶନ ଆଶାନୁରୂପ ହୋଇ ପାରିନାହିଁ। ରାଜସ୍ୱ ସଂଗ୍ରହକାରୀ ବିଭାଗଗୁଡ଼ିକର ଆୟ ସନ୍ତୋଷଜନକ ନୁହେଁ। ସେହିପରି ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ । ଯାହା ସରକାରଙ୍କ ଶିରପୀଡ଼ା ବଢ଼ାଇ ଦେଇଛି।

ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ଼ରେ ଏହି ଅସଙ୍ଗତି ଓ ବିଫଳତାକୁ କଟାକ୍ଷ କରିଛି ବିଜେଡି । ମନ୍ତ୍ରୀମାନେ ନିଜର ରିପୋର୍ଟକୁ ସର୍ବସାଧାରଣ କରିବାକୁ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ଅପାରଗ ସରକାର ଚାଲିଛି ବୋଲି ବର୍ଷକ ମଧ୍ୟରେ ଲୋକେ ଅନୁଭବ କରିଛନ୍ତି। ଓଡ଼ିଶାର ବିକାଶ ସଂପୂର୍ଣ୍ଣ ଠପ ହୋଇଥିବା ବେଳେ ମନ୍ତ୍ରୀମାନେ ନିଜ ବିଭାଗ ସମ୍ଭାଳିବାରେ ବିଫଳ ହୋଇଛନ୍ତି । ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିବା, ଚିକିଟି ମଦ ମୃତ୍ୟୁ ମାମଲା, ଭରତପୁର ଥାନା, ବଡ ଠାକୁର ପଡ଼ିଯିବା ଘଟଣାର ରିପୋର୍ଟ ଏଯାବତ୍ ପ୍ରକାଶ ପାଇଲାନି। ସେହିପରିକଟନୀ ଛଟନୀ, ଦରଦାମ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, କଲେଜ ନିର୍ବାଚନ କରିବାରେ ବିଫଳ, ଆଦି ପ୍ରସଙ୍ଗ ମନ୍ତ୍ରୀମାନଙ୍କ ଦକ୍ଷତା ପ୍ରମାଣିତ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛି। କୋଟିଆ ସୀମା ବିବାଦ, ପୋଲାଭରମ, ମହାନଦୀ ଆଦି ପ୍ରସଙ୍ଗରେ ରାଜ୍ୟ ସରକାର ଅସମ୍ଭବ ନିରବତା ଆଚରଣ କରୁଛନ୍ତି। ବର୍ଷେ ହେବ ଅଧିକାଂଶ ମନ୍ତ୍ରୀ ବିଭାଗୀୟ ବଜେଟ ଅର୍ଥକୁ ଖର୍ଚ୍ଚ ନକରିବା ସରକାରଙ୍କ ପାରିବା ପଣିଆକୁ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ତେବେ ବିଜେପି ନିଜ ସରକାରଙ୍କ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେବାକୁ ବାହାରି ପଡ଼ିଛି। ମନ୍ତ୍ରୀମାନେ ଦକ୍ଷତାର ସହ ନିଜର କାମ କରିଛନ୍ତି ଓ ଦଳ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଥିବା ନେଇ ବିଜେପି ବିଧାୟକ ସରୋଜ ପାଢ଼ୀ ଯୁକ୍ତି ବାଢିଛନ୍ତି। ଶାସକ ଦଳର ଏପରି ଯୁକ୍ତିକୁ କିନ୍ତୁ ଗ୍ରହଣ କରିନାହିଁ ବିଜେଡି। ବିଜେପି ସରକାର ବର୍ଷେ ହେବା କେବଳ ନାଁ ଓ ରଙ୍ଗ ପରିବର୍ତ୍ତିନ କାମ କରିଛନ୍ତି। ତାହାକୁ ସେମାନେ ନିଜ ରିପୋର୍ଟ କାର୍ଡରେ ଉଲ୍ଲେଖ କରିବେ କି ବୋଲି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ରାଜନୈତିକ ସମୀକ୍ଷକଙ୍କ ଏନେଇ ମତ ପ୍ରକାଶ କରି କହିଛନ୍ତି ଯେ ପୂର୍ବ ସରକାର ସମୟରେ ବି ମନ୍ତ୍ରୀମାନେ ନିଜର ରିପୋର୍ଟ କାର୍ଡ ଦେଉଥିଲେ। ରିପୋର୍ଟ କାର୍ଡକୁ ଆଧାର କରି ମୁଖ୍ୟମନ୍ତ୍ରୀ ମନ୍ତ୍ରିମାନଙ୍କ ଦକ୍ଷତା ମାପିବାର ମାପକାଠି କରିପାରନ୍ତି ବୋଲି ସମୀକ୍ଷକ ଆକଳନ କରିଛନ୍ତି।

### କିଶୋରୀଙ୍କ 'ଖୁସି'ରେ...

ହଜାର ୫୬ଟି ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୧୮ କୋଟି ୨୪ ଲକ୍ଷ ୫୧ ହଜାର ୫୧୨ ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା। ମାତ୍ର ବର୍ଷେ ହେଲା ଏହି କାର୍ଯ୍ୟକ୍ରମ ଏକପ୍ରକାର ବନ୍ଦ ହୋଇ ଯାଇଛି ଓ କିଶୋରୀଙ୍କ 'ଖୁସି'ରେ ସରକାର ତାଲା ପକାଇ ଦେଇଛନ୍ତି ।

ଏକ ପକ୍ଷରେ ସରକାର ମହିଳାମାନଙ୍କୁ ପ୍ରତି କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା କଥା କହୁଛନ୍ତି, ମାତ୍ର ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ମହିଳା ଓ କିଶୋରୀମାନଙ୍କର ଏକ ଅତ୍ୟାବଶ୍ୟକୀୟ ପ୍ରସଙ୍ଗକୁ ଉପେକ୍ଷା କରି ଚାଲିଛନ୍ତି। ଯାହାକୁ ନେଇ ଉଭୟ ସ୍କୁଲ ଛାତ୍ରୀ ଓ କିଶୋରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତି ବିଦ୍ୟାଳୟ ଏବଂ ସମସ୍ତ କାର୍ଯ୍ୟାଳୟରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଲଗାଯିବ ବୋଲି ଘୋଷଣା କରିଛନ୍ତି। ମାତ୍ର ଯେଉଁ ଯୋଜନାରେ ସ୍କୁଲ ଛାତ୍ରୀ ଓ କିଶୋରୀମାନଙ୍କୁ ମାଗଣାରେ ସାନିଟାରୀ ନାପକିନ୍ ବଣ୍ଟନ ହେଉଥିଲା, ତାହାକୁ କାହିଁକି ବନ୍ଦ କରି ଦିଆଗଲା ତାହାର ଉତ୍ତର କାହାରି ନିକଟରେ ନାହିଁ।

**AFFIDAVIT**

I, Raja Bhusan Nayak, S/o- Late Nalini Kanta Nayak, resident of Raikala, Via- G. Udayagiri, Raikala, Dist- Kandhamal, Odisha, Pin- 762100 declare by this affidavit No.13AA 349675 dtd.- 02/06/2025 that now onwards I shall be known as **RAJAT BHUSHAN NAYAK** as for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nayagarh on date- 29/05/2025. I, **Sumanta Mahanta,** resident of At- Champatipur Patanasahi, Po- Champatipur, Ps- Itamati, Dist- Nayagarh, Odisha. I declared by my minor son Name has been changed from **Deepankar Mahanta** (old name) to **Aditya Mohanta** (new name), Henceforth, he shall be known as **ADITYA MOHANTA** for all future purposes.

**Sumanta Mahanta**

**AFFIDAVIT**

I, Manoranjan Biswal, S/o- Kishor Chandra Biswal, resident of At- Akhuadakhini, P.O- Odanga, P.S- Patkura, Dist.- Kendrapara- 754228, Odisha declare by this affidavit dtd.02.06.2025 that, my actual name is **MANORANJAN BISWAL** but in my HSC Certificate & Mark Sheet my name has been mentioned as **MANARANJAN BISWAL**. Hence **MANORANJAN BISWAL** and **MANARANJAN BISWAL** is one and same person belongs to my name.

**AFFIDAVIT**

By virtue of an affidavit sworn before the Notary Public, Cuttack, dated 29.05.2025 I, Sakuntala Behera, D/o. Dinabandhu Sankhua, W/o - Panchanan Behera resident of At- Patuli, P.O.- Baligan, P.S.- Chandbali, Dist- Bhadrak, Odisha, Pin- 756133 have changed my name from **Fakana Sankhua** to **Sakuntala Behera**. Henceforth, I shall be known as **Sakuntala Behera** for all purposes.

**Sd/- Sakuntala Behera**

**AFFIDAVIT**

By virtue of an affidavit before Executive Magistrate, Bhubaneswar, CF NO-126/Date- 30/05/2025 ,that I, Mausumi Mahapatra, D/o-Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN-751003 state that, my former name was Mousumi Mahapatra which has been corrected to Mausumi Mahapatra. So Mousumi Mahapatra and Mausumi Mahapatra is one and same person. Henceforth I will be known as **Mausumi Mahapatra** for all future purposes.

**AFFIDAVIT**

I Debajani Das Mohapatra, W/O: Devi Prasad Das Mohapatra, Resident of Abanti Nibas, Rajbati Nagar, Athagarh, Radhagobindapur, Cuttack, Dhaipur, Odisha, 754029, declare by this affidavit No: C.F-62 Dt. 05/07/2024 that now onward I shall be known as **Debajani Mohanty** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Niali on dtd. 30/04/2025. I, **Adyasha Priyadarshini Behera,** D/o- Swadhin Behera, Village- Nariso (Hatuasahi), Po- Nariso PS- Balipatna, Dist- Khorda, Odisha have changed my name from **Adyas Priyadarshini Behera To Adyasha Priyadarshini Behera**. Henceforth, I shall be known as **ADYASHA PRIYADARSHINI BEHERA** for all purposes.

**Adyasha Priyadarshini Behera**

**AFFIDAVIT**

I, **Hemanta Kumar Barik,** S/o- Balaram Barik, residing At/Po- Andhari, Ps- korai, Dist- Jajpur, Pin- 755019, Odisha declare by this affidavit No- S209543, dated- 23/05/2025, that my minor daughter's name has been changed from **Rashi Barik** (old name) to **Gayatri Barik** (new name). Henceforth she shall be known as **Gayatri Barik** for all future purposes.

**Hemanta Kumar Barik**

**Notice (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 21-05-2025 I, Panamani Hansdah, Address At- Gayalamara, P.O.- Gayalamara, P.S.- Khunta, Dist- Mayurbhanj, Odisha, Pin Code – 757104, declare that I have changed the name of my son from **Rituraj Hansdah to Sanat Bir Hansdah.** Henceforth he shall be known as **Sanat Bir Hansdah** for all purposes.

**Panamani Hansdah**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

I smt Snehalata Biswal w/o- RABI rout of Vill- PANPUR, Po- Balimed, Ps- Naikanidihi, Dist- Bhadrak. My actual name is **SNEHALATA BISWAL** as per my Aadhar Card. But in my L.I.C. Policy No.587361624 my name wrongly mentioned as **"RANJITA ROUT"** instead of **"SNEHALATA BISWAL"**, W/O- RABI ROUT is same & one person.

**AFFIDAVIT**

I, Binaya Bhusan Panda, S/o- Bhagirathi Panda, resident of At- Talakia, Po/Ps- Oupada, Dist- Balasore, Pin- 756049, Odisha declared by this affidavit Sl No. 1116, dtd- 02/06/2025 that now onwards I shall be known as **BINAY BHUSAN PANDA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated-02/06/2025, I.Chandana Puhan, At/Po- Mathatentulia, Ps- Gondia, Dist–Dhenkanal, Pin- 759016 declare that I have changed the name of my son from **Subranshu Sekhar to Suryanshu Puhan**. Henceforth, he shall be known as **SURYANSHU PUHAN** for all purposes.

**Chandana Puhan**

OFFICE OF THE PRINCIPAL-CUM-SECRETARY PH: 06782-233954 9777233584
**NILAGIRI WOMEN'S DEGREE COLLEGE, NILAGIRI**
AT /PO - RAJ-NILGIRI, DIST - BALASORE, ODISHA, PIN -756040
e-mail: nilagiriwomensdegreecollege@gmail.com www.nilagiriwomensdegreecollege.nic.in

Letter No. 2056/25 **TENDER CALL NOTICE** Date: 02.06.2025

Sealed quotations are hereby invited in the prescribed format from the intending registered authorized dealers having valid GST clearance certificate, IT clearance certificate and PAN Card for supply of Dell Desktop Computer, MFM Printer, UPS(S), Sony LED TV,65 Inch Wireless Mic & Camera with MIC for Virtual meeting and Internet facility to Nilagiri Womens Degree College, Nilagiri, Balasore. The details of Tender and tender documents can be obtained from the College Office or College Website: www.nilagiriwomensdegreecollege.in from 10AM dated 02/06/25 .The Tenderer shall submit their tender by registered post on or before dated -17/06/25.The tender will be opened at 2.00 PM on 20/06/25 in the office under signed in the presence of bidders or their authorized representatives.

The authority reserves the rights to accept or reject any or all tenders without assigning any reason thereof. All disputes are subject to the Jurisdiction of Balasore only.

Sd/-Principal,
Nilagiri Womens Degree College, Nilagiri, Balasore.

### ବାଇକ୍ ଦୁର୍ଘଟଣା
## ପୋଖରୀ ଭିତରକୁ ଖସି ଜଣେ ମୃତ

**ତୁରୁମୁଙ୍ଗା, ୨।୬(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି-ଉଖୁଣ୍ଡା ରାସ୍ତାର ବାଉଁଶୁଳି ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଯୁବକଙ୍କ ପ୍ରାଣ ହାନି ହୋଇଥିଲା ବେଳେ ଆଉ ଜଣେ ଗୁରୁତର ଆହତ ହୋଇ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ମୃତକ ହେଲେ ବାରିଆ ଥାନା କଳିଙ୍ଗା ଗ୍ରାମର ରବି ମୁଣ୍ଡା। ଗୁରୁତର ଲେପା ମୁଣ୍ଡା ଓ ଘନ ମୁଣ୍ଡା ଚିକିତ୍ସାଧୀନ ଅଛନ୍ତି। ୩ ଜଣ ଏକ ବାଇକ ଯୋଗେ ବାଉଁଶୁଳି ପଟରୁ ଉଖୁଣ୍ଡା ପଟକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତାକଡ଼ ପୋଖରୀ ଭିତରକୁ ପଶିଯିବା ଫଳରେ ରବିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତୁରୁମୁଙ୍ଗା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।



## ପଥରପଦାରୁ ବୋଲେରୋ ଚୋରି

**ରାମଚନ୍ଦ୍ରପୁର, ୨।୬ (ସମିସ):** ରାମଚନ୍ଦ୍ରପୁର ଥାନା ମଦନପୁର ପଞ୍ଚାୟତ ଅନ୍ତର୍ଗତ ପଥରପଦା ଗ୍ରାମରୁ ରବିବାର ବିଳମ୍ବିତ ରାତ୍ରୀରେ ଏକ ବୋଲେରୋ ଚୋରି ହୋଇଛି। ଏନେଇ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ବଳରାମ ବେହେରା ନିଜ ଘର ଅଗଣାରେ ଓଡି୦୫ ଏମ୍ ୦୬୨୭ ନମ୍ବର ଧଳା ରଙ୍ଗର ବୋଲେରୋ ଗାଡ଼ି ରଖିଥିଲେ। ହେଲେ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବୋଲେରୋ ଗାଡିଟିକୁ ଚୋରି କରି ନେଇଥିଲା। ଭୋରରୁ ଉଠିବା ବେଳେ ଘର ଅଗଣାରେ ବୋଲେରୋ ଗାଏବ ହୋଇଥିବା ଦେଖି ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ବଳରାମ। କିଛି ଦିନର ବ୍ୟବଧାନରେ ରାମଚନ୍ଦ୍ରପୁର ଥାନାଞ୍ଚଳରେ ବାରମ୍ବାର ଚୋରି ହେବା ଘଟଣାକୁ ନେଇ ପୁଲିସର କାର୍ଯ୍ୟ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି।



## ରାସ୍ତାକଡ଼ରେ ମୁକୁଳା ଟ୍ରାନ୍ସଫର୍ମର

**ବେଲବାହାଲି, ୨।୬(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ପଞ୍ଚାୟତ ସିଆପଡା ଗ୍ରାମର ୧୪ନଂ ୱାର୍ଡ ରାସ୍ତାକଡରେ ବିପଦପୂର୍ଣ୍ଣ ଭାବେ ରହିଛି ମୁକୁଳା ଟ୍ରାନ୍ସଫର୍ମର। ଆନନ୍ଦପୁର ବିଦ୍ୟୁତ୍ ଡିଭିଜନ ରାମଚନ୍ଦ୍ରପୁର ସର୍କଲରେ ଥିବା ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲାମେଲା ଓ ବିପଦଜନକ ପରିସ୍ଥିତିରେ ରହିଛି। ଏହାର ଚତୁପାର୍ଶ୍ୱରେ ଅନାବନା ତୃଣଜାତୀୟ ଗଛ ହୋଇଯିବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଯାହାଫଳରେ ଗାଈଗୋଠ ଅବାଧ ପ୍ରବେଶ କରି ବିଦ୍ୟୁତ୍ ଆଘାତରେ ଜୀବନ ଯାଉଥିବା ଅଭିଯୋଗ ହୋଇଛି। ଏହା ରାସ୍ତା, ବିଦ୍ୟାଳୟ, ଅଙ୍ଗନବାଡ଼ି ସଂଲଗ୍ନ ଜନବସତି ହୋଇଥିବାରୁ ଅଘଟଣ ଘଟିବା ଆଶଙ୍କା କରାଯାଉଛି। ଉକ୍ତ ଘଟଣାର ସମାଧାନ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ସୁରକ୍ଷା ବାଡ଼ା ଲାଗି ପାରିନାହିଁ। ତୁରନ୍ତ ଏ ଦିଗରେ ଆନନ୍ଦପୁର ବିଦ୍ୟୁତ୍ ଡିଭିଜନ ଅଧିକାରୀ ଦୃଷ୍ଟି ଦେଇ ସୁରକ୍ଷା ବାଡ଼ା ଲଗାଇବାକୁ ଗ୍ରାମବାସୀଙ୍କ ଦାବି ରହିଛି।



## ବିନା ସୂଚନାଫଳକରେ ରାସ୍ତା ନିର୍ମାଣ

**ଆନନ୍ଦପୁର, ୨।୬ (ସମିସ):** କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟ ବିନା ସୂଚନା ଫଳକରେ ଚାଲିଛି। ଠିକସଂସ୍ଥା ନିଜ ମନମାନିରେ ନିର୍ମାଣ କାର୍ଯ୍ୟ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟ ଆରମ୍ଭରୁ ସୂଚନାଫଳକରେ ସମ୍ପୂର୍ଣ୍ଣ ତଥ୍ୟ ବିବରଣୀ ନିର୍ମାଣ ଅବଧି, ପୁଞ୍ଜି ବିନିଯୋଗ ଆଦି ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବାକୁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଏଠାରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଏନେଇ ଆନନ୍ଦପୁର ବୈତରଣୀ ଜଳସେଚନ ବିଭାଗ ପକ୍ଷରୁ ଖପରାଖାଇଠାରୁ ଜଆଁରା ରାସ୍ତା ନିର୍ମାଣକାରୀ ଠିକସଂସ୍ଥାକୁ ତାଗିଦ କରାଯାଉ ନଥିବା ମଧ୍ୟ ଜଣାପଡ଼ିଛି। ରାସ୍ତାକୁ ଓସାରିଆ କରିବା ପାଇଁ ଦୁଇ ପାର୍ଶ୍ୱରେ ଜାଗା ନଥିବା ବେଳେ ଏହାକୁ ପାଞ୍ଚ ମିଟର ରାସ୍ତାରେ ପରିଣତ କରିବା ପାଇଁ ଆକଳନ କରାଯାଇ ସେ ବାବଦକୁ ଆର୍ଥିକ ବ୍ୟୟ କରାଯାଇଥିବା ଚିନ୍ତାର କାରଣ ହୋଇଛି। ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ପଦ୍ମେଶ୍ୱର ପୀଠରେ ଶୀତଳଷଷ୍ଠୀ ଉତ୍ସବ



**କେନ୍ଦୁଝର,୨।୬(ସମିସ):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମର ପଦ୍ମେଶ୍ୱର ପୀଠରେ ଶିବ ବିବାହ ଓ ଶୀତଳଷଷ୍ଠୀ ଉତ୍ସବ ଅନୁଷ୍ଠିତ ହୋଇଛି। ବରପିତା ଭାବେ ସଞ୍ଜୀବ କୁମାର ସାହୁ ଏବଂ ସହଧର୍ମିଣୀ ମାମି ସାହୁ, କନ୍ୟା ପିତାପାତା ଭାବେ ଗୋଲକ ବିହାରୀ ସାହୁ ଓ ସହଧର୍ମିଣୀ ରୀତା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସକାଳ ୬ଟାରେ ମହାଦେବ ଓ ପାର୍ବତୀଙ୍କର ସ୍ନାନ ପୂର୍ବକ ପୂଜା ଆରମ୍ଭ ହୋଇଥିଲା। ଅପରାହ୍ନ ୪ଟାରେ ବିବାହ କାର୍ଯ୍ୟ ପ୍ରାରମ୍ଭ ହୋଇ ସନ୍ଧ୍ୟା ୭ଟା ସମ୍ପନ୍ନ ହୋଇଥିଲା। କୁଳପୁରୋହିତ ହୃଦାନନ୍ଦ ମିଶ୍ର ଅନ୍ୟ ସହଯୋଗୀଙ୍କ ଦ୍ୱାରା ବିବାହ ପୂଜାର୍ଚ୍ଚନା ସମ୍ପନ୍ନ କିରିଥିଲେ। ମନ୍ଦିର ପରିଚାଳନା କମିଟି ଓ କନ୍ୟା ପରିବାର ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ୫ଶହରୁ ଅଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା। ମନ୍ଦିର କମିଟିର ସଦସ୍ୟ ସଞ୍ଜୟ ସାହୁ, ଦୀପୁ ସାହୁ, ପ୍ରବୀଣ ସାହୁ, ଗଣେଶ ସାହୁ, ମନୁ ସାହୁ, ଜନ୍ମେଜୟ ସାହୁ, ସଞ୍ଜୟ ସାହୁ, ଇନ୍ଦ୍ର ସାହୁ, ସତ୍ୟବ୍ରତ ସାହୁ, ପ୍ରତୀକ ସୁନ୍ଦର ସାହୁ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

## ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ



**ତୁରୁମୁଙ୍ଗା, ୨।୬(ସମିସ):** ଶୀତଳଷଷ୍ଠୀ ଅବସରରେ ଚମ୍ପୁଆ ବ୍ଲକ ଫୁଲକଅଁଳେଇ ଶିବ ମନ୍ଦିରରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଛି। ନିକଟସ୍ଥ ଷଡ଼ଙ୍ଗୀ ମନ୍ଦିରର ଦେବ ଦେବ ମହାଦେବ ସର୍ବେଶ୍ୱର ମହାଦେବଙ୍କ ସହ ଫୁଲକଅଁଳେଇ ଗ୍ରାମ ମନ୍ଦିର ମାତା ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଷଡ଼ଙ୍ଗୀ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭକ୍ତ ଠାକୁରଙ୍କ ସହ ବିରାଟ ପଟୁଆରରେ ଆସି ଫୁଲକଅଁଳେଇ କାର୍ତ୍ତିକେଶ୍ୱର ମନ୍ଦିରରେ ପହଞ୍ଚିବା ପରେ ଯଥାରୀତି ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଚଳିତବର୍ଷ ଦେବଦେବ ମହାଦେବଙ୍କ ପକ୍ଷରୁ କର୍ତ୍ତା ଭାବରେ ଷଡ଼ଙ୍ଗୀ ଗ୍ରାମର ବିରେନ୍ଦ୍ର ସାହୁ ତାଙ୍କ ପତ୍ନୀ ତପସ୍ୱିନୀ ସାହୁ ଥିବା ବେଳେ ମାତା ପାର୍ବତୀଙ୍କ କର୍ତ୍ତା ଭାବରେ ଫୁଲକଅଁଳେଇ ଗ୍ରାମର ଈଶ୍ୱର କର ଚୌଧୁରୀ ଏବଂ ପତ୍ନୀ ବେବିନା କର ଚୌଧୁରୀ ସୌଭାଗ୍ୟ ପ୍ରାପ୍ତ କରିଥିଲେ। ପୂଜକ ଭାବରେ ନିରଞ୍ଜନ କର, ଚିତ୍ତରଞ୍ଜନ କର, ଉମେଶଚନ୍ଦ୍ର କର ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଭକ୍ତ ପାଇଁ ପ୍ରସାଦ ସେବନ କାରଯାଇଥିବା ବେଳେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ମନ୍ଦିର କମିଟି ପକ୍ଷରୁ ରାଜେଶ କର ସୁଧୀର କର, ବିବେକାନନ୍ଦ କର, ସନାତନ କର, ଗୁରୁଚରଣ ଦେହୁରୀ, କାହ୍ନୁଚରଣ ନାଏକ, ମନୁ ଦେହୁରୀ, ଧନେଶ୍ୱର ନାଏକ ସହଯୋଗ କରିଥିଲେ।

### ଜରାଜୀର୍ଣ୍ଣ ମହିମା ଆଶ୍ରମ
## ଦୃଷ୍ଟି ଆଢୁଆଳରେ ଯୋରନ୍ଧା ମହିମା ଗାଦି

**ତେଲକୋଇ, ୨।୬(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ସର୍ବପୁରାତନ ମହିମା ଆଶ୍ରମ ଦନ୍ଧୁଆମୁଣ୍ଡା ଗ୍ରାମରେ ଅବସ୍ଥିତ। ଏହି ଆଶ୍ରମ ଆଜକୁ ପ୍ରାୟ ୫୦ବର୍ଷ ହେବ ଗଢ଼ି ଉଠିଛି। ୫ଏକର ବିଶିଷ୍ଟ ଆଶ୍ରମର ଆୟତନ ରହିଥବା ବେଳେ ଆଶ୍ରମର ୧୫ଏକରରୁ ଉର୍ଦ୍ଧ୍ୱ ଜମି ରହିଛି। ସେହିପରି ଏହି ଆଶ୍ରମକୁ ଗଢ଼ି ତୋଳିଥିବା ସ୍ୱର୍ଗତ ବୈକୁଣ୍ଠ ନାୟକ ତାଙ୍କର ସମସ୍ତ ସମ୍ପତ୍ତିକୁ ମହିମା ଗାଦିକୁ ଅର୍ପଣ କରିଥିବା କୁହାଯାଏ। ପ୍ରକୃତିର ପରିବେଶରେ ଏହି ଆଶ୍ରମ ସାରା ତେଲକୋଇଠାରୁ କେନ୍ଦୁଝର ପର୍ଯ୍ୟନ୍ତ ସୁନାମ ରହିଛି। ଦନ୍ଧୁଆମୁଣ୍ଡା ମଠ କହିଲେ, ଦୈନନ୍ଦିନ ଭକ୍ତଙ୍କ ଭିଡ଼ ଜମି ରହିଥାଏ। ତେବେ ଏହି ଆଶ୍ରମରେ ମୂଲ୍ୟମାନ ଆମ୍ବ ଗଛ, ଲିଚୁ, ସେପଟା, ସପୁରୀ, କଦଳୀ, ନଡ଼ିଆ ଆଦି ପ୍ରକୃତି ଫଳ ଗଛ ମାନ ଭରି ରହିଛି। ଅନ୍ୟପକ୍ଷରେ ଆଶ୍ରମର ୧୫ଏକର ଜମିରେ ଧାନ ଚାଷ କରାଯାଇ ଧାନ ଅମଳ ପରେ ବିକ୍ରୟ କରାଯାଇ ଲକ୍ଷାଧିକ ଟଙ୍କା ଦାୟିତ୍ୱରେ ଥିବା ମହିମା ଗାଦିର ବାବାମାନେ ଏହାକୁ ନେଇଥାନ୍ତି। ଆଶ୍ରମ ବଗିଚାରୁ ମଧ୍ୟ ଲକ୍ଷାଧିକ ଟଙ୍କା ଆୟ ହେଉଥିବା ଅର୍ଥକୁ ବାବା ମାନେ ମହିମା ଗାଦିକୁ ନେଉଥିବା କୁହାଯାଉଛି। ତେବେ ଏ ଅଞ୍ଚଳରେ ପ୍ରକୃତିର ମନଲୋଭା ଆଶ୍ରମ ବର୍ତ୍ତମାନ ଫୁଙ୍ଗୁଳା ଅବସ୍ଥାରେ ପଡ଼ି ରହିଥିବା ବେଳେ ଏଠାରେ ଥିବା ଗଛଗୁଡିକ ଭଗ୍ନ ହୋଇଗଲାଣି। ଏହି ଆଶ୍ରମରେ ଦୈନିକ ୨୦-୩୦ ଗୃହୀ ବାବା ଓ କୈପନୀଧାରୀ ବାବାମାନେ ଆସି ରହିଥାନ୍ତି। ଆଉ ଶୁଭୁନି ଆଶ୍ରମର କୈପନୀ ଧାରୀ ବାବା ମାନଙ୍କ ଖଞ୍ଜଣି ମାଡ଼। ପ୍ରକୃତିକୁ ନଷ୍ଟ ହେଇଥିବା ପଛରେ କଣ ରହିଛି ରହସ୍ୟ। ମହିମା ଗାଦିର ବାବା ଉକ୍ତ ଆଶ୍ରମର ରକ୍ଷଣା ବେକ୍ଷଣ ପାଇଁ ଦାୟିତ୍ୱ ନେଇଥିବା ବେଳେ ସେହି ବାବାଙ୍କର ଦେଖା ନ ମିଳିବା ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ବର୍ଷ ମଠରେ ଯଜ୍ଞ ହୁଏ ତାହା ଚଳିତ ବର୍ଷ ନ ହେବାରୁ ସ୍ଥାନୀୟ ଗ୍ରାମବାସୀ ନାପସନ୍ଦ କରିଛନ୍ତି। ଅନ୍ୟପକ୍ଷରେ ସରସ ସୁନ୍ଦର ଆଶ୍ରମକୁ ପୁନରୁଦ୍ଧାର କରିବା ସହ ଆଶ୍ରମର ଚତୁ ପାର୍ଶ୍ୱ ପାଚେରି କିମ୍ବା ବାଡ଼ର ବ୍ୟବସ୍ଥା କରାଯିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।



## ଶିଶୁ ମନ୍ଦିର ଗୁରୁଜୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଚମ୍ପୁଆ, ୨।୬(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବସନ୍ତ କୁମାର ମହାନ୍ତଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା, ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ଉପସଭାପତି ସୁରେଶଚନ୍ଦ୍ର ମହାନ୍ତ, ସମ୍ପାଦକ ଭୋଳାନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ, କୋଷାଧ୍ୟକ୍ଷ ସଦାନନ୍ଦ ଦେହୁରୀ, ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ପୂର୍ବତନ ଆଚାର୍ଯ୍ୟ ଆଚାର୍ଯ୍ୟା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ଚତୁର୍ଭୁଜ ପ୍ରଧାନ, ଘନଶ୍ୟାମ ମହାନ୍ତ, ଦୁଷ୍ମନ୍ତ ମହାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସେବକ ସେବିକା ସହଯୋଗ କରିଥିଲେ।

## ସାହାରପଡ଼ା ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ତୁରୁମୁଙ୍ଗା, ୨।୬(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ାସ୍ଥିତ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଦୀନବନ୍ଧୁ ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାହାରପଡ଼ା ଶାଖା ପରିସରରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ମିଶ୍ର ୧୯୮୪ରେ ସମବାୟ ସମିତିରେ କାର୍ଯ୍ୟ ଆରମ୍ଭ କରି ୨୦୧୨ରେ ସାହାରପଡା କେନ୍ଦ୍ର ସମବାୟ ବ୍ୟାଙ୍କରେ ଶାଖା ପରିଚାଳକ ଭାବେ ଯୋଗ ଦେଇଥିଲେ। ସେ ନିଷ୍ଠାର ସହିତ କାର୍ଯ୍ୟ କରି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସାହାରପଡା ଶାଖାକୁ ଜିଲ୍ଲାରେ ଏକ ନମ୍ବର କରିବାରେ ସଫଳ ହୋଇଥିଲେ। ଅବସରକାଳୀନ ବିଦାୟ ସଭାରେ ସାହାରପଡାବାସୀ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ସୁସ୍ଥ ଜୀବନ ଯାପନ କାମନା କରିଛନ୍ତି।



## ତାଳଗାଁରେ ଶିଶୁ ପରିଚର୍ଯ୍ୟା ଗୃହ ଉଦ୍‌ଘାଟିତ

**ଆନନ୍ଦପୁର, ୨।୬ (ସମିସ):** ଘସିପୁରାସ୍ଥିତ ଏସଆରଏମ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ନୂତନ ଗୃହ ଗୋହିରା ପଞ୍ଚାୟତ ତାଳଗାଁରେ ଉଦ୍‌ଘାଟିତ ହୋଇଛି। ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ନମିତା ବଳଙ୍କ ସଂଯୋଜନାରେ ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ସାହୁ, ସମାଜସେବୀ ଡ. ଅଶୋକ ପୁହାଣ, ବିଜେପି ନେତା ଡ. ଶମ୍ଭୁନାଥ ରାଉତ, ବ୍ଲକ୍ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ଶିକ୍ଷାବିତ୍ ସରୋଜ ସାହୁ, ସୋନାଲି ଦାସ, କୃଷ୍ଣଚନ୍ଦ୍ର ବାରିକ, ନିରୋଦ ମହାନ୍ତି, ଅଧ୍ୟାପକ ବିଜୟ ସାହୁ, ସୁଦର୍ଶନ ସାହୁ, ଜଗତଜିତା ଦାସ, ଅନ୍ନଦା ପ୍ରସାଦ ମହାନ୍ତି, ଦେବରାଜ ସାହୁ, ରାମେଶ୍ୱର ମହାନ୍ତି ଯୋଗ ଦେଇଥିଲେ। ଆଶ୍ରମର ଶିଶୁମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସମ୍ପର୍କରେ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।



## ଆନନ୍ଦପୁର ଇନ୍‌ଡୋର ଷ୍ଟାଡିଅମ୍‌ରେ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ

**ଆନନ୍ଦପୁର, ୨।୬ (ସମିସ)**

ଆନନ୍ଦପୁର ବହୁମୁଖୀ ଇନଡୋର ଷ୍ଟାଡ଼ିୟମଠାରେ ଓଡ଼ିଶା ସ୍ପୋର୍ଟସ୍ ଓ ୟୁଥ୍ ବିଭାଗ ଅନୁକୂଲ୍ୟରେ ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୯ରୁ ୧୮ ବର୍ଷ ବୟସ ମଧ୍ୟରେ ୪୦ରୁ ଅଧିକ ବାଳକ ବାଳିକା ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ବ୍ୟାଡମିଣ୍ଟନ୍ କୋଚ କମ୍ ଇନଚାର୍ଜ ରାଜେଶ ସାହୁ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଇଥିବା ବେଳେ ଚୂଡ଼ାନ୍ତ ପ୍ରତିଯୋଗିତାରେ ୧୮ ବର୍ଷରୁ କମ୍ ବିଭାଗରେ ସାଇସାନ୍ ବେହେରା



ଚାମ୍ପିଅନ ହୋଇଥିଲେ। ଶୁଭ୍ରାଂଶୁ ଖୁଣ୍ଟିଆ ରନର୍ସ ଅପ ହୋଇଥିଲେ। ୧୪ବର୍ଷରୁ କମ୍ ବିଭାଗରେ ଭାନୁପ୍ରସାଦ ସାହୁ ଚାମ୍ପିଅନ ଓ ଆଦିତ୍ୟ ଅନୁରାଗ ସେଠୀ ରନର୍ସ ଅପ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଆନନ୍ଦପୁରର ଭେଟେରାନ୍ ଖେଳାଳି ନିରାକାର ଦଳେଇ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଭେଟେରାନ୍ ବ୍ୟାଡମିଣ୍ଟନ ଖେଳାଳି ଦୁଲାଲ ଦାସ, ଶ୍ୟାମସୁନ୍ଦର ଧଡ଼ା, ଦୀପ୍ତିରଞ୍ଜନ ଓଝା ପ୍ରମୁଖ ଯୋଗ ଦେଇଥିଲେ। ଖେଳାଳି ଅଭିଷେକ ଦାସ, ପ୍ରଦୀପ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ଦ୍ଦିନରେ ଜଳସଂପଦ ବିଭାଗ କର୍ମଚାରୀ
## ୬ ମାସ ଧରି ପାଇନାହାନ୍ତି ଦରମା

**ଆନନ୍ଦପୁର, ୨।୬ (ସମିସ):** ଜଳସଂପଦ ବିଭାଗର ଆନନ୍ଦପୁରସ୍ଥିତ ବୈତରଣୀ ଡିଭିଜନ ଅଧୀନରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ୩୧ ଜଣ କର୍ମଚାରୀ ୬ ମାସ ଧରି ଦରମା ପାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଧାର୍ଯ୍ୟ ମଜୁରୀ ହାରଠାରୁ କମ ଅର୍ଥ ଅର୍ଥାତ୍ ଦିନକୁ ୪୫୦ ଟଙ୍କାରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀମାନେ ପରିବାର ଚଳାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଜଳସଂପଦ ବିଭାଗରେ ଥିବା ଏନଏମଆର ଏବଂ ୱାର୍କଚାର୍ଜ ବ୍ୟବସ୍ଥା ଉଠିଯିବା ପରେ ଏହି କର୍ମଚାରୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଠିକା କର୍ମଚାରୀ ଭାବେ ପୂର୍ବ ଭଳି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଘରୋଇ ଏଜେନ୍ସି ସଂସ୍ଥା ଜରିଆରେ ଏମାନଙ୍କୁ ଠିକା କର୍ମଚାରୀ ଭାବେ ମାସିକ ପାଉଣା ପ୍ରଦାନ କରାଯାଇଥାଏ। ଗତ ୨୦୨୪ ଡିସେମ୍ବରରୁ ଏଯାଏଁ ଦରମା ମିଳି ନଥିବାରୁ କର୍ମଚାରୀଙ୍କ ପରିବାର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାସଂସ୍ଥାର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି କର୍ମଚାରୀଙ୍କ ଭବିଷ୍ୟତ ଅନିଶ୍ଚିତତାରେ ରହିଛି। ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ କର୍ମଚାରୀଙ୍କ ଦରମା ପ୍ରଦାନ



## ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗ

**ବାରିପଦା, ୨।୬(ସମିସ):** ଚୋରି ହୋଇଥିବା ମୋବାଇଲରୁ ଦୁର୍ବୃତ୍ତମାନେ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇ ଯାଇଛନ୍ତି । ଏନେଇ ମୟୂରଭଞ୍ଜ ଅଞ୍ଚଳର ମନୋରଞ୍ଜନ ପ୍ରଧାନ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ସେ କୁଲିକାକୁ ଯାଉଥିବା ବେଳେ ହରିହର ଗୋଡ଼ ଷ୍ଟେସନରେ ତାଙ୍କର ମୋବାଇଲ ଚୋରି ହୋଇଥିଲା । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ କରିଥିଲେ । ଏହାପରେ ଗତ ମଇ ୧୦ତାରିଖରେ ତାଙ୍କ ମୋବାଇଲ ୟୁପିଆଇରୁ ପ୍ରଥମେ ୧ଟଙ୍କା କଟିଥିଲା । ଏହାପରେ ପର୍ଯ୍ୟାୟକ୍ରମରେ ମୋଟ ୧ଲକ୍ଷ ୪ହଜାର ୯୯୮ଟଙ୍କା କଟିଯାଇଛି । ଏ ବାବଦରେ ଜାଣିବା ପରେ ଉକ୍ତ ନମ୍ବରରେ ଫୋନ କରିବାରୁ କେହି ଉତ୍ତର ଦେଉନଥିଲେ । ତେବେ ଅଭିଯୋଗ କରିବା ସତ୍ତ୍ୱେ ନମ୍ବର ବ୍ଲକ କରିବାରୁ ତାଙ୍କ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଛି । ଏନେଇ ପୁଲିସ ତଦନ୍ତ କରୁଛି ।

### ବଢୁଛି ବାଲି ମାଫିଆଙ୍କ ଉତ୍ପାତ; ଅଭିଯୁକ୍ତକୁ ଧରିବାରେ ପୁଲିସ ବିଫଳ

# ଖଣି ଅଧିକାରୀଙ୍କ ପରେ ଅତିରିକ୍ତ ତହସିଲଦାର ଆକ୍ରମଣର ଶିକାର

**ବାରିପଦା, ୨।୬(ସମିସ)**

ଲୋକଙ୍କ ସୁରକ୍ଷାରେ ନିୟୋଜିତ ଥିବା ପୁଲିସ ପ୍ରତି ଜନମାନସରେ ଧୀରେ ଧୀରେ ଭୟ କମିବାରେ ଲାଗିଛି । ସରକାର ବଦଳିବା ପରେ ମାଫିଆଙ୍କ ଉତ୍ପାତ ବୃଦ୍ଧି ପାଇଛି । ଏମାନଙ୍କ ସାହସ ପଛରେ ରାଜନୈତିକ ଆଶୀର୍ବାଦ ନା ଅନ୍ୟ କିଛି କାରଣ; ଯାହାର ତର୍ଜମା ଆବଶ୍ୟକତା ରହିଛି । ଗତ ଗୁରୁବାର ବେତନଟୀ ଥାନାଠାରୁ ଅନତିଦୂର ୧୮ ନଂ ଜାତୀୟ ରାଜପଥରେ ବାଲି ବୋଝେଇ ଏକ ହାଇୱା ଅଟକାଇବାକୁ ଯାଇ ଜୁନିୟର ଖଣି ଅଧିକାରୀ ଆକ୍ରମଣର ଶିକାର ହୋଇଥିବା ବେଳେ ରାଜପଥରେ ବାଲି ଅନଲୋଡ କରି ଅଧିକାରୀଙ୍କ ମୋବାଇଲରେ ଉଠାଇଥିବା ଫଟୋ ଡିଲିଟ୍ କରି ଚାଳକ ଓ ମାଲିକଙ୍କ ଲୋକ ହାଇୱା ନେଇ ଖସିପଳାଇବା ଘଟଣା ମନରୁ ନ ଲିଭୁଣୁ ପୁଣି ସୋମବାର ଥାନା ସମ୍ମୁଖରେ କପ୍ତିପଦା ଅତିରିକ୍ତ ତହସିଲଦାରଙ୍କୁ ସେଠାକାର ବାଲି ମାଫିଆ ଆକ୍ରମଣ କରିବା ସହିତ ତାଙ୍କ ଗାଡ଼ିକୁ ଭାଙ୍ଗି ଦେଇଛନ୍ତି । ଜିଲ୍ଲାରେ ଶାନ୍ତିଶୃଙ୍ଖଳା ରକ୍ଷାରେ ପୁଲିସର ବିଫଳ ବୋଲି କୁହାଯାଉଛି । ବେତନଟୀ ଘଟଣାର ପରଦିନ ଶୁକ୍ରବାର ଜୁନିୟର ଖଣି ଅଧିକାରୀ ଶଙ୍କର ପାତ୍ର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ହାଇୱା ମାଲିକ ଓ ଚାଳକ ତଥା ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଛି । ତେବେ ୪ଦିନ ବିତିବା ପରେ ମଧ୍ୟ ସେମାନଙ୍କୁ ଗିରଫ ଦୂରରେ ଥାଉ ହାଇୱାକୁ ଜବତ କରିବାରେ ବିଫଳ ରହିଛି । ଅଭିଯୁକ୍ତଙ୍କୁ ଗିରଫ ଓ ହାଇୱା ଜବତ ତତ୍କାଳ କରା ନଯିବା ଫଳରେ ସେମାନେ କୋର୍ଟରୁ ଜାମିନ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିଛି ବୋଲି ଚର୍ଚ୍ଚା ହେଉଛି । ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ଖବର ଅନୁସାରେ ସମ୍ପୃକ୍ତ ହାଇୱା ବେତନଟୀ ତହସିଲ ଅଞ୍ଚଳର ବେଲାଣପୁରା ବୁଢ଼ାବଳଙ୍ଗ ନଦୀ ଘାଟରୁ ପୁନର୍ବାର ବେଆଇନ ବାଲି ଉତ୍ତୋଳନରେ ଲିପ୍ତ ରହିଛି । ଏଥିସହିତ ସେହି ମାଲିକଙ୍କ ସମର୍ଥକଙ୍କ ହାଇୱା କାରବାରରେ ଜଡ଼ିତ ରହିଛି । ତେବେ ସେମାନେ ବେତନଟୀ ଥାନା ଅଞ୍ଚଳରୁ ଯାଇ ବିଶିଙ୍ଗା ଥାନା ଅଞ୍ଚଳରେ କାର୍ଯ୍ୟ କରୁଥିବା ବେଳେ ସେଠାକାର ପୁଲିସ ମଧ୍ୟ ନୀରବ ଦ୍ରଷ୍ଟା ସାଜିଛି । ଅପରପକ୍ଷରେ ପୁଲିସ ସହାୟତା ଅଭାବ ପାଇଁ ଖଣି ବିଭାଗୀୟ ଅଧିକାରୀ ଧରପକଡ ପାଇଁ ଜୀବନକୁ ବାଜି ଲଗାଉନାହାନ୍ତି । ସେହିପରି ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣା କପ୍ତିପଦା ଅଞ୍ଚଳରେ ଘଟିବା ଉଦବେଗର ବିଷୟ । ଏ ସମ୍ପର୍କରେ ଜିଲ୍ଲା ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ପଚାରିବାରୁ କପ୍ତିପଦା ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି । ସେହିପରି ବେତନଟୀ ଘଟଣାରେ ତୁରନ୍ତ ପଦକ୍ଷେପ ନେବାକୁ ଆଇଆଇସି ଓ ଏସଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ।

## ଶଙ୍କରପୁର ଗ୍ରାମରେ ଅଖଣ୍ଡ ନାମଯଜ୍ଞ



**ନାରଦପୁର, ୨।୬(ସମିସ):** କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ ଅନ୍ତର୍ଗତ ଚମକପୁର ପଞ୍ଚାୟତ ଶଙ୍କରପୁର ଗ୍ରାମରେ ପଞ୍ଚସଖା ଯଜ୍ଞ କମିଟି ପକ୍ଷରୁ ଚତୁର୍ଥ ବାର୍ଷିକ ଚବିଶ ପ୍ରହାର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଯାଇଛି । ବଡ଼ବନ୍ଧରୁ କଳସ ଶୋଭାଯାତ୍ରା କରାଯାଇ ରୀତିନୀତି ଅନୁଯାୟୀ ପୂଜାବିଧି କରାଯାଉଛି । ଆୟୋଜିତ ଏହି ନାମଯଜ୍ଞରେ ଦିଘାରି ଅସ୍ତିଆ (ବାରିପଦା), ସାନ କୁଲଡିହା (ବାରିପଦା), ବଡ଼ନଈ (ଚମ୍ପୁଆ), ସାନ ଚାଟ୍ରା (ବାରିପଦା), ପଞ୍ଚସଖା (ଶଙ୍କରପୁର), ଗହଳ ମୁଣ୍ଡା (ବାରିପଦା ଝିଅଦଳ) ଅଂଶଗ୍ରହଣ କରିଛନ୍ତି । ଉକ୍ତ ଗହଳ ମୁଣ୍ଡା ଝିଅ ଦଳର ଗାୟିକା ସୁମତି ଦାସ ସୁନ୍ଦର ଭାବେ ଗୀତ ଗାଇ ଲୋକଙ୍କୁ ବେଶ୍ ମନୋରଞ୍ଜନ କରାଉଥିବା ବେଳେ ମୃଦଙ୍ଗର ତାଳେ ତାଳେ ବିଭିନ୍ନ ଢଙ୍ଗରେ ଝିଅ ମାନେ ନାଚଗୀତ କରୁଛନ୍ତି । ଆସନ୍ତା ୪ ତାରିଖରେ ନଗର କୀର୍ତ୍ତନ ପରେ ବିସର୍ଜନ କରାଯିବ ।

## ସଂସ୍କୃତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବେଲବାହାଲି, ୨।୬ (ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ପଞ୍ଚୁଆ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନାକନ୍ଦ କରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହ ପୁରାତନ ଛାତ୍ରଛାତ୍ରୀ ବିଦାୟୀ ଶିକ୍ଷକଙ୍କ ଉପଯୋଗିତା ମାନପତ୍ର ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷୟିତ୍ରୀ ଅଞ୍ଜଳିକା ସାହୁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ମହିଳାଙ୍କ ଆତ୍ମହତ୍ୟା ଘଟଣା

## ନିର୍ଯାତନା ଅଭିଯୋଗ ଆଣିଲେ ଭାଇ

**ତୁରୁମୁଙ୍ଗା, ୨।୬(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଶବରଣିବେଡା ଗ୍ରାମରେ ରବିବାର ଅପରାହ୍ନରେ ବନ୍ଦ ଘର ଭିତରୁ ନିରଞ୍ଜନ ମହାନ୍ତଙ୍କ ସ୍ତ୍ରୀ ସବିତା (୩୦)ଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣାରେ ପୁଲିସ ନିକଟରେ ନୂଆ ଅଭିଯୋଗ ହୋଇଛି । ମୃତ ମହିଳା ସବିତାଙ୍କ ଭାଇ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଭଉଣୀଙ୍କୁ ଶଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ । ଏହା ଅସହ୍ୟ ହେବାରୁ ସେ ଆତ୍ମହତ୍ୟା କରିଥିଲେ । ଅଭିଯୋଗକାରୀ ମିଥୁନ ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ସୋମବାର ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ନିରଞ୍ଜନ ୧୨ବର୍ଷ ତଳେ ହରିଚନ୍ଦନପୁର ଥାନା ନନ୍ଦରା ଗ୍ରାମର ମିଥୁନ ମହାନ୍ତଙ୍କ ଭଉଣୀଙ୍କୁ ବିବାହ କରିଥିଲେ । ମହିଳାଙ୍କ ଦୁଇଟି ସନ୍ତାନ ଥିବା ବେଳେ ମହିଳା ଜଣଙ୍କ ମାନସିକ ରୋଗୀ ଥିବା ପରିବାର ଲୋକେ କହିଛନ୍ତି ।

## ଚକ ଗ୍ରାମରେ ନୂତନ ଶରଗି ମଣ୍ଡି ଉଦ୍‌ଘାଟିତ



**କେନ୍ଦୁଝର, ୨।୬(ସମିସ):** ସ୍ୱେଚ୍ଛାସେବୀ ସଂଗଠନ କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟ ଦ୍ୱାରା ସଦର ବ୍ଲକ ଅନ୍ତର୍ଗତ ଡିମ୍ବୋ ପଞ୍ଚାୟତ ଚକ ନୂଆ ସାହିରେ ଗଠିତ ସିନ୍ଦୁର ଗୌରୀ ବନଧନ ବିକାଶ କେନ୍ଦ୍ରରେ ନୂତନ ଶରଗି ମଣ୍ଡି ଆଇଟିଡିଏ ପିଡି ପୁନମ ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଆର୍ଥିକ ବର୍ଷ ପାଇଁ ଓଡ଼ିଶା ସରକାର ୨୧ଟି ଲଘୁଜନଜାତ ଦ୍ରବ୍ୟର ଧାର୍ଯ୍ୟ ମୂଲ୍ୟର ସର୍ବନିମ୍ନ ସହାୟକ ମୂଲ୍ୟର କ୍ରୟ ବ୍ୟବସ୍ଥା କରିଥିବା ବିଷୟରେ ଶ୍ରୀମତୀ ରାଉତ ଆଲୋକପାତ କରିଥିଲେ । ସଂସ୍ଥାର ସହଯୋଗରେ କେନ୍ଦୁଝର ଶାଖା ଆଦିବାସୀ ଉନ୍ନୟନ ସମବାୟ ନିଗମ ସିନ୍ଦୁର ଗୌରୀ ବନଧନ କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଡିମ୍ବୋ, ମଇଦାନକେଲ, ନେଲୁଙ୍ଗ ପଞ୍ଚାୟତରୁ ଜିଲ୍ଲା ପାଇଁ ଓଡ଼ିଶା ସରକାରଙ୍କ ଲଘୁବନଜାତ ଦ୍ରବ୍ୟର ଧାର୍ଯ୍ୟ ମୂଲ୍ୟ ଅନୁସାରେ ଶରଗି ମଞ୍ଜି ସଂଗ୍ରହ କରିବାକୁ କେନ୍ଦୁଝର ଡେଭଲମେଣ୍ଟ ଟ୍ରଷ୍ଟ ସମ୍ପାଦକ ତଥା ପରିବେଶବିତ୍ ଭକ୍ତବତ୍ସଳ ମହାନ୍ତି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ କହିଥିଲେ । ଆଦିବାସୀ ଉନ୍ନୟନ ସମବାୟ ନିଗମ କେନ୍ଦୁଝର ଶାଖାର କ୍ଷେତ୍ରୀୟ ଅଧିକାରୀ ବାସୁଦେବ ମାର୍ଡି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଚକ, ଡିମ୍ବୋ, ଗୁହାଳଚଟୁଆ, ବଡମୋନହରପୁର, ଲୁଣଝରଣ ଗ୍ରାମରୁ ପ୍ରଥମ ଦିନରେ ଶରଗି ମଞ୍ଜି ନୂତନ ମଣ୍ଡିରେ କ୍ରୟ କରାଯାଇଥିଲା । ବନଧନ ବିକାଶକେନ୍ଦ୍ରର ପରାମର୍ଶଦାତା ଦୀପ୍ତିରଞ୍ଜନ ମହାକୁଡ ଦସ୍ତାବିଜରେ ସ୍ୱଚ୍ଛତା ରଖିବା ପାଇଁ ବୁଝାଇଥିଲେ । ସିନ୍ଦୁର ଗୌରୀ ବନଧନ ବିକାଶ କେନ୍ଦ୍ରର ସଭାପତି ସବିତା ନାୟକ ସଭା ପରିଚାଳନା କରିଥିଲେ । ସମ୍ପାଦିକା କଳ୍ପନା ନାୟକ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ୬୦ରୁ ଅଧିକ ଆଦିବାସୀ ମହିଳା ଉପସ୍ଥିତ ଥିଲେ ।

## କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି



**କେନ୍ଦୁଝର, ୨।୬(ସମିସ):** ସୋମବାର ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ମୋଟ୍ ୧୯୮ ଟି ଅଭିଯୋଗ ମଧ୍ୟରୁ ୩୮ ଟି ଅଭିଯୋଗ ଗୋଷ୍ଠୀ ସମସ୍ୟାଭିତ୍ତିକ ଏବଂ ୧୬୦ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିଲା । ୫୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ୧୫ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା । ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୁଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ପୃଷ୍ଟି, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକଙ୍କ ସମେତ ଜିଲ୍ଲା ସ୍ତରର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

## ଅଶୋକ ପାଣି ନୂଆ ଡିଆର୍‌ସିଏସ୍



**ବାରିପଦା, ୨।୬(ସମିସ):** ମୟୂରଭଞ୍ଜ ଖଣ୍ଡ ସମବାୟ ସମିତି ସମୂହ ଯୁଗ୍ମ ନିବନ୍ଧକ (ଡିଆରସିଏସ) ଭାବେ ଅଶୋକ କୁମାର ପାଣି ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବ ଡିଆରସିଏସ କୃଷ୍ଣଚନ୍ଦ୍ର ଦାସ ପଦୋନ୍ନତି ପରେ ଯୁଗ୍ମ ସଚିବ ଭାବେ ଭୁବନେଶ୍ୱର ଯୁଗ୍ମ ନିବନ୍ଧକ କାର୍ଯ୍ୟାଳୟରେ ଯୋଗ ଦେବା ପରେ ଶ୍ରୀ ପାଣି ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ବାରିପଦା ମଣ୍ଡଳ ବରିଷ୍ଠ ସହକାରୀ ନିବନ୍ଧକ ଭାବେ କାର୍ଯ୍ୟ ତୁଲାଉଥିଲେ । କାର୍ଯ୍ୟରେ ଯୋଗଦେବା ପରେ ଶ୍ରୀ ପାଣିଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । ଶ୍ରୀ ପାଣି ନୂତନ ଦାୟିତ୍ୱ ନେବା ପରେ ଜିଲ୍ଲାର ସମବାୟ ସମିତି ସମୂହର ଉନ୍ନତି ସହିତ କୃଷି ଓ କୃଷକଙ୍କ ବିକାଶକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ସେହିପରି ତୁଷାରକାନ୍ତି ମହାନ୍ତି ଶ୍ରୀ ପାଣିଙ୍କ ପୂର୍ବ ପଦବୀ ଅର୍ଥାତ ବାରିପଦା ମଣ୍ଡଳ ବରିଷ୍ଠ ସହକାରୀ ନିବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ରକ୍ତଦାନ ଶିବିର ଆୟୋଜନ କରି ଜନ୍ମଦିନ ପାଳିଲେ ସୁଦାମ



**ବାରିପଦା, ୨।୬(ସମିସ):** ରକ୍ତଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ନିଜର ଜନ୍ମଦିନ ପାଳନ କଲେ ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ସଭାପତି ସୁଦାମ ମାର୍ଣ୍ଡି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ଓ ନାରୀନେତ୍ରୀ ରଞ୍ଜିତା ମାର୍ଣ୍ଡି ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ଦୁର୍ଗା ମାର୍ଣ୍ଡି, ପରେଶ ମୁଣ୍ଡା, ବାବୁଲୁ ଟୁଡୁ, ପ୍ରଭାତ ନାୟକ, ଜୀତେନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଡୁମୁକା ହେମ୍ବ୍ରମ, ସୁବୋଧ ମାର୍ଣ୍ଡି, ଚନ୍ଦ୍ରମୋହନ ସିଂ, ଡ଼ଲକା ସିଂ, ଦୀପିକା ସିଂ, କାଉନସିଲର ସୁକେଶିନୀ ସେଠୀ, ଅନୁରାଧା ମହାନ୍ତି, ରାଜ ଗୁପ୍ତା, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ଜିତା ସିଂ, ଦୀପ୍ତିରେଖା ପଟ୍ଟନାୟକ, ସୁଧୀର କୁମାର ବାରିକ, ଭାଗ୍ୟଲକ୍ଷ୍ମୀ ନାଏକ, ଶିବଶଙ୍କର ପାତ୍ର ଓ ସବିତା ପାଲ ପ୍ରମୁଖ ଉପସ୍ଥିତ ଥିଲେ । ତକତପୁର ସ୍ଥିତ ହୋଲି ପ୍ୟାଲେସରେ ଆୟୋଜିତ ଶିବିରରେ ୨୨ ଜଣ ମହିଳା ସମେତ ମୋଟ ୨୩୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶିବିରକୁ ସମାଜସେବୀ ଅମର କୁମାର ସେଠି, ଜିଲ୍ଲା ପରିଷଦ ସଭ୍ୟ ନରେନ୍ଦ୍ର ହାଁସଦାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ରଜନୀ ମହାନ୍ତ, ଗୁଲ୍ଲୁ ଶର୍ମା, ରବୀନ୍ଦ୍ର କର, କରୁଣାକର କର, ଅରୁଣ ବରାଳ, ସୁନୀଲ ନାୟକ, ବାସୁଦେବ ସିଂ, ସମାଜସେବୀ ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ଦୀପକ କୁମାର ମିଶ୍ର, ମଙ୍ଗଳ ହାଁସଦା, ରବି ବେହେରା, ଅଭୟ ସିଂହ, ଆକାଶ ଭୁଜବଳ, ରାଜେଶ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଶଙ୍କର ମାର୍ଣ୍ଡି, ବୀଣାପାଣି ସାହୁ, ଅନନ୍ତ ହେମ୍ବ୍ରମ, ଦୀପକ ବେହେରା, ବିକି ମହାନ୍ତି, ଶେଖ ସମୀର, ହୃଷିକେଶ ମହାପାତ୍ର, ଦର୍ପ ନାରାୟଣ ପାଲ ଓ ବିକାଶ ନାୟକ ପରିଚାଳନା କରିବାରେ ସହାୟତା ପ୍ରଦାନ କରିଥିଲେ । ବାରିପଦା ଓ ଉଦଳା ରକ୍ତ ଭଣ୍ଡାରର ଡା ସୌମ୍ୟ ରଞ୍ଜନ ନାୟକ, ଡା ନୀଲେଶ ଦାସ, ଡଃ ବିଜୟ ଦାସ ତଥା ପୁଣ୍ଡରିକାକ୍ଷ ଦାଶ, ଅନିଲ ମହାନ୍ତି, ପ୍ରଫୁଲ୍ଲ ମାଝୀ, ନିଖିଲ ଦାସ, ରୁଚିକା ଖୁରାନା, ଛବି ମହାନ୍ତ, କରୁଣାକର ଜେନା, ପାର୍ଥ ସାରଥୀ ମହାନ୍ତ, ଶକୁନ୍ତଳା ମହାନ୍ତ, ପିଣ୍ଟୁ ଦା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ଓ ଫିଉଚର ଷ୍ଟାର ସ୍ପୋର୍ଟ୍ସର ସମସ୍ତ ସଭ୍ୟ ମଧ୍ୟ ଉପସ୍ଥିତ ଥିଲେ । ଶେଷରେ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ବୀର କିଶୋର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତା ସଫାକଲେ ସ୍ୱେଚ୍ଛାସେବୀ



**ବେଲବାହାଲି, ୨।୬(ସମିସ):** ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁରଠାରୁ ରେମାଳ ଛକ ପର୍ଯ୍ୟନ୍ତ ଆରଡି ରାସ୍ତାର ଉଭୟ ପାର୍ଶ୍ୱରେ ତୃଣମୂଳ ଜାତୀୟ ଗଛ ଲତାଗୁଡ଼ିକୁ ସଫା କଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା । କେନ୍ଦୁଝର ସୀମାନ୍ତ ଦେଓଗାଁ-ଦୀପପାଳ ନିକଟରେ ରାସ୍ତା ଉପରକୁ ତୃଣ ଜାତୀୟ ଗଛ ଲତା ମାଡ଼ି ଯିବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷତି ଘଟୁଥିଲା । ଏହାକୁ ଦୃଷ୍ଟିରେ ରଖି ହେଲ୍ପ ଦ ହ୍ୟୁମାନିଟି ଚାରିଟେବୁଲ ଟ୍ରଷ୍ଟ କର୍ମକର୍ତ୍ତା ଦେଓଗାଁସ୍ଥିତ ଦୀପପାଳର ଉଭୟ ପାର୍ଶ୍ୱରେ ଥିବା ଗଛ ଲତାଗୁଡ଼ିକୁ ସଫା କରିଛନ୍ତି । ଉକ୍ତ ରାସ୍ତାକୁ ଲାଗି ୧୧ କେଭି ବିଦ୍ୟୁତ୍ ତାର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଯାଇଥିବା ୧୧କେଭି ବିଦ୍ୟୁତ୍ ତାରରେ ଏକାଧିକ ଯୋଡ଼ି ରହିଥିବା ବେଳେ ତାର ତଳେ ସୁରକ୍ଷା ଜାଲି ନଥିବାରୁ ଯାତାୟାତ କରୁଥିବା ଲୋକେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଏନେଇ ଆନନ୍ଦପୁର ବିଦ୍ୟୁତ୍ ଡିଭିଜନ ଅଧିକାରୀ ଦୃଷ୍ଟି ଦେଇ ସୁରକ୍ଷା ଜାଲି ଲଗାଇବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିରଞ୍ଜନ ନାୟକ, ବାପୁନ ସାହୁ, ସନ୍ତୋଷ ସାହୁ, ସତ୍ୟବ୍ରତ ସାହୁ, ପ୍ରିୟବ୍ରତ ସାହୁ, ପ୍ରଦୀପ ସାହୁ, ସବ୍ରମୋହନ ସାହୁ, ଚନ୍ଦନ ନାୟକ, ବିଶ୍ୱନାଥ ସାହୁ ପ୍ରମୁଖ ଦାବି କରିଛନ୍ତି ।

## ଗ୍ରୀଷ୍ମକାଳୀନ ଚିତ୍ରକଳା ଶିବିର ଉଦ୍‌ଯାପିତ



**ବାରିପଦା, ୨।୬(ସମିସ):** ପାଲବାଣିଶ୍ରୀ ଜଗନ୍ନାଥ କଳା ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ଚାଲିଥିବା ୧୧ ଦିନିଆ ଗ୍ରୀଷ୍ମକାଳୀନ ଶିବିର ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷା ଶୁଭସ୍ମିତା ଭାରତୀ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଜାତୀୟସ୍ତରରେ ସମ୍ମାନିତ ଚିତ୍ରଶିଳ୍ପୀ ତଥା ଆର୍ଟ ଆଣ୍ଡ କଲଚର ଜିଲ୍ଲା ପରାମର୍ଶଦାତା ଚାରୁଚନ୍ଦ୍ର ଦାସ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଇଂରାଜୀ ଅଧ୍ୟାପକ ଡ. ରଞ୍ଜିତ କୁମାର ସାହୁ ଯୋଗଦେଇଥିଲେ । ଏହି ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ସାର୍ଟିଫିକେଟ ସହିତ ମେଡାଲ ପ୍ରଦାନ କରିଥିଲେ । ଟ୍ରଷ୍ଟି ରାକେଶ କୁମାର ବେହେରା ଅତିଥି ପରିଚୟ କରିଥିବା ବେଳେ ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଥାଉ କି, ଶ୍ରୀଜଗନ୍ନାଥ କଳା ଏକାଡେମୀରେ ବର୍ତ୍ତମାନ ଆର୍ଟ ଆଣ୍ଡ କ୍ରାଫ୍ଟ ସହିତ ଶାସ୍ତ୍ରୀୟ ନୃତ୍ୟ, ଆଧୁନିକ ନୃତ୍ୟ, କଣ୍ଠ, ସଙ୍ଗୀତ ସହ ଯୋଗ କ୍ଲାସ ମଧ୍ୟ କରାଯାଉଛି । ସଭାରେ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରଶିକ୍ଷକ ଚିରଞ୍ଜୀବ ସାହୁ, ପ୍ରକାଶନୀ ସାହୁ ସହଯୋଗ କରିଥିଲେ ।

## ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ରାଇରଙ୍ଗପୁର, ୨।୬(ସମିସ):** ରବିବାର ପୁରୁନଘାଟି ନିକଟ ମୁଖ୍ୟ ମାର୍ଗରେ ଦୁର୍ଘଟଣା ଘଟିଥିଲା । ଏହା ପରେ ଗୁରୁତର ଯୁବକ ବାଦାମପାହାଡ଼ ଥାନା ଅଞ୍ଚଳ ପୁରୁଣାପାଣି ଗାଁର କାଳିଚରଣ ନାଏକଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ପୁଲିସ ଖବର ପାଇ ମୃତଦେହକୁ ଜବତ କରିବା ପରେ ବ୍ୟବଚ୍ଛେଦ କରି ପରିବାର ବର୍ଗକୁ ହସ୍ତାନ୍ତର କରି ଅଧିକ ତଦନ୍ତ କରୁଛି ।

## ପୁଲିସ ପକ୍ଷରୁ ପାଟ୍ରୋଲିଂ ଓ ଯାଞ୍ଚ କଡାକଡ଼ି

**ହାଟଡ଼ିହୀ, ୨।୬(ସମିସ):** ହାଟଡ଼ିହୀ ବ୍ଲକ ତଥା ନନ୍ଦିପଦା ଓ ସୋସୋ ଥାନା ଅଧୀନ ମୁଖ୍ୟ ଛକରେ ଉଭୟ ଥାନାର ପୁଲିସ ପକ୍ଷରୁ ରାତିଅଧିଆ ପାଟ୍ରୋଲିଂ ସହ ଯାଞ୍ଚ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ କଡ଼ାକଡି ହୋଇଛି । ଗତ ଆଠଦିନ ମଧ୍ୟରେ ନନ୍ଦିପଦା ଥାନା ଅନ୍ତର୍ଗତ ନାହାଳିଆ, ଆନନ୍ଦପୁର ଥାନା ଅଧିନ ବଞ୍ଚୋ ଏବଂ ଶନିବାର ନନ୍ଦିପଦା ଥାନା ଅଧୀନ ନିଶଙ୍କପୁର ଗ୍ରାମରେ ଦୁର୍ବୃତ୍ତମାନେ ସମାନ ଢଙ୍ଗରେ ଗ୍ରିଲ୍ ତାଡ଼ି ଟଙ୍କା ଏବଂ ସୁନାରୁପା ଅଳଙ୍କାର ଲୁଟି ନେଇଛନ୍ତି । କେନ୍ଦୁଝର ପୁଲିସ ମୁଖ୍ୟାଳୟର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ନନ୍ଦିପଦା ଥାନାର ଆଇଆଇସି ରବୀନ୍ଦ୍ର କୁମାର ପାତ୍ର, ସୋସୋ ଥାନାର ଆଇଆଇସି ବିଜୟ କୁମାର ବିହାରୀଙ୍କ ଉପସ୍ଥିତିରେ ଛେନାପଦି, ଢେଙ୍କା ଛକ, ବିଦ୍ୟାଧରପୁର ବଜାର, ଶାଳଣିଆଁ ବଜାର ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡି କରାଯାଇଛି । ଏଥିରେ ସବଇନ୍ସପେକ୍ଟର ବିନୀତା ଲାକ୍ରା, ଏଏସଆଇ ଜମ୍ବୁବତୀ ପାତ୍ରଙ୍କ ସମେତ ଗୃହରକ୍ଷୀ ଏବଂ ଆଇଆରବି ସେକେଣ୍ଡ ବାଟାଲିୟନ ଗୁଣ୍ଡୁପୁରର ହାବିଲଦାର ରବୀନ୍ଦ୍ର ରାମଙ୍କ ତତ୍ତ୍ୱାବଧାନରେ ୧୬ରୁ ଉର୍ଦ୍ଧ୍ୱ ବାଟାଲିୟନ ଫୋର୍ସ ପାଟ୍ରୋଲିଂ ଓ ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିଥିଲେ ।

## ଟ୍ରକ୍ ଧକ୍କାରେ ଯୁବକ ମୃତ

**ଯୋଡ଼ା, ୨।୬(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ଜୁରୁଡ଼ି ଓଏମସି ଗେଟ୍ ସମ୍ମୁଖରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଶିବକୁମାର ସିଂ(୩୫) । ସେ ରାତି ପ୍ରାୟ ୯.୩୦ ମିନିଟ ସମୟରେ ଗାଡ଼ି ଠିଆ କରି ତଳକୁ ଓହ୍ଲାଇ ରାସ୍ତା ଅତିକ୍ରମ କରୁଥିଲେ । ଏକ ଅଜଣା ଗାଡ଼ି ଡ୍ରାଇଭର ସିଂଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର୍ ସକାଳରେ ତାଙ୍କ ମୃତ୍ୟୁ ଘଟିଛି । ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଆଇଆଇସି ଝସକେତନ ଭୋଇ ସୂଚନା ଦେଇଛନ୍ତି ।

# ଉଚ୍ଛେଦଙ୍କୁ ଥଇଥାନ ଦାବିରେ କଂଗ୍ରେସର ଧାରଣା



**ରାଇରଙ୍ଗପୁର, ୨।୬(ସମିସ):** ପ୍ରଶାସନ ପକ୍ଷରୁ ବେନିୟମ ଭାବରେ ଉଚ୍ଛେଦ କରି ବାସହରା ହୋଇଥିବା ଗରିବ ପରିବାରଙ୍କୁ ନ୍ୟାୟ ଓ ଥଇଥାନ ଦାବିରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଇରଙ୍ଗପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ଗଣଧାରଣା ଦିଆଯାଇଥିଲା । ସୋମବାର ସକାଳେ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା ଓ ବିସ୍ଥାପିତ ଆଦିବାସୀ ପରିବାର ଜଗନ୍ନାଥ ମନ୍ଦିର ପରିସରରେ ଏକତ୍ରିତ ହୋଇଥିଲେ । ସେଠାରୁ ଏକ ଶୋଭାଯାତ୍ରା ପ୍ରଦର୍ଶନ କରି ଉପଜିଲ୍ଲାପାଳ କାର୍ଯ୍ୟଳୟ ନିକଟ ଧାରଣାସ୍ଥଳରେ ପହଞ୍ଚିଥିଲେ । ଏହା ପରେ ଉପଜିଲ୍ଲାପାଳଙ୍କୁ କଂଗ୍ରେସ ପ୍ରତିନିଧି ଦଳ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟ ସମସ୍ତ କଂଗ୍ରେସ କର୍ମୀ ଧରଣାସ୍ଥଳରୁ ଚାଲି ଯାଇ ଥିଲେ । ଆସନ୍ତା କାଲି ପୁଣି ଧାରଣାରେ ବସିବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ରାଇରଙ୍ଗପୁର ଅଞ୍ଚଳ ବାଇଦାପୋଷି ଓ କଲେଜ ଛକରେ ଦୀର୍ଘ ବର୍ଷ ହେଲା ଘର ନିର୍ମାଣ କରି ବସବାସ କରୁଥିବା ଗରିବ ପରିବାର ସହିତ ପୋଖରିଆ ଓ ମୁର୍ଗା ଘୁଟୁ ଗାଁଠାରେ ଦାଣ୍ଡବୋଷ ବିମାନବନ୍ଦର ନିର୍ମାଣ ପାଇଁ ୪୩ ଆଦିବାସୀ ସନ୍ତାଳୀ ପରିବାରକୁ ଗୋଚର ଜମିରୁ ବେନିୟମଭାବେ ଉଚ୍ଛେଦ କରାଯାଇଛି । ସେମାନଙ୍କୁ ପ୍ରଶାସନ ପକ୍ଷରୁ ପ୍ରଥମେ ଥଇଥାନ କରାଯିବା ଆବଶ୍ୟକ ରହିଥିଲା । ତେଣୁ ଗରିବ ପରିବାରଙ୍କୁ ଥଇଥାନ ଦାବିରେ ଉପଜିଲ୍ଲାପାଳ କାର୍ଯ୍ୟଳୟ ସମ୍ମୁଖରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲା ।

## ଷଣ୍ଢ ସହ ଦୁଇ ବାଇକ୍ ଧକ୍କା: ଜଣେ ମୃତ

**ରାମଚନ୍ଦ୍ରପୁର, ୨।୬(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଜନାର୍ଦ୍ଦନପୁର-ପାଟଣା ଗାଁ ରାସ୍ତାରେ ସୋମବାର ସନ୍ଧ୍ୟାରେ ଏକ ଷଣ୍ଢ ସହ ଦୁଇ ବାଇକ ଆରୋହୀ ଧକ୍କା ହେବାରୁ ଜଣଙ୍କର ପ୍ରାଣ ହାନି ହୋଇଛି । ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ମୃତକ ହେଲେ ତରୁଆଁ ପଞ୍ଚାୟତ ଲୁଣହାର ଗ୍ରାମର ସାବିତ୍ରୀ ଜେନା(୫୫) । ଦୁର୍ଘଟଣା ପରେ ତିନି ଜଣ ଗୁରୁତର ହୋଇଥିଲା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ସାଇଁକୁଳ ମେଡିକିଲକୁ ପଠା ଯାଇଥିଲା । ସେଠାରେ ଡାକ୍ତର ସାବିତ୍ରୀଙ୍କୁ ମୃତ ଘୋଷଣା କରିଥିଲେ । ତିଗିରିଆ ଗ୍ରାମର ବରୁଣ ଜେନା(୪୫) ଏବଂ ସୁଆଁଲୋ ଗ୍ରାମର ସୁରେନ୍ଦ୍ର ଜେନା(୬୫) ଚିକିତ୍ସାଧୀନ ଅଛନ୍ତି । ଗଡ଼ବାନ୍ଧଗୋଡା-ରାମଚନ୍ଦ୍ରପୁର ରାସ୍ତାରେ ଯିବା ସମୟରେ ଜନାର୍ଦ୍ଦନପୁର-ପାଟଣା ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି ।

# ଡକାୟତି ଗ୍ୟାଙ୍ଗ୍‌ର ଚୋରା ବନ୍ଧୁକ କାରବାର

■ ମାଷ୍ଟରମାଇଣ୍ଡ ସମେତ ୬ ଗିରଫ
■ ପିସ୍ତଲ, ଗୁଳି, ଖଣ୍ଡା ସମେତ ଅନ୍ୟ ସାମଗ୍ରୀ ଜବତ



ରାଉରକେଲା,୨।୬(ସମିସ): ବନ୍ଧମୁଣ୍ଡାର ପ୍ରେମନଗର ଅଞ୍ଚଳରେ ଚାଲିଥିବା ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ରାଉରକେଲା ପୁଲିସ। ଏହି ଘଟଣାରେ ପୁଲିସ ପୂରା ଘଟଣାର ମାଷ୍ଟରମାଇଣ୍ଡ ସମେତ ୬ ଡକାୟତଙ୍କୁ ଗିରଫ କରିଛି। ଚଢ଼ଉ ବେଳେ ସେମାନଙ୍କଠାରୁ ବିପୁଳ ପରିମାଣର ଗୁଳି, ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ଜବତ ହୋଇଛି। ଏହାସହ ସେମାନଙ୍କ ଦ୍ୱାରା ଦୀର୍ଘ ଦିନ ଧରି ଚାଲିଥିବା ବନ୍ଧୁକ ଚୋରାକାରବାରର ମଧ୍ୟ ପୁଲିସ୍ ପର୍ଦ୍ଦାଫାସ୍ କରିଛି।

ବନ୍ଧମୁଣ୍ଡା ଥାନାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଅଧିକ ସୂଚନା ଦେଇ କହିଛନ୍ତି, ବନ୍ଧମୁଣ୍ଡା ଥାନା ପ୍ରେମନଗର ପଡ଼ିଆରେ କିଛି ଦୁର୍ବୃତ୍ତ ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିବା ପୁଲିସ୍‌କୁ ସୂଚନା ମିଳିଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ୍ ଟିମ୍ ଚଢ଼ଉ କରିଥିଲା। ତେବେ ସମସ୍ତେ ପୁଲିସକୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉକ୍ତ ଘଟଣାରେ ପୁଲିସ ୬ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନେ ହେଲେ, ବନ୍ଧମୁଣ୍ଡା ଥାନା ସେକ୍ଟର ସି, ୧୦ ନମ୍ବର ବସ୍ତିର ସିଧୁ ତନ୍ତୀ ଓରଫ୍ ବିଟୁ (୨୮), ସେକ୍ଟର ସି ଗୁଣ୍ଡିଚାପାଲି ବସ୍ତିର ଅଂଶୁ କୁମାର ଲାଲ (୨୨), ସେକ୍ଟର ଡି ଅଞ୍ଚଳର ୱାଇ କ୍ରିଷ୍ଣା (୨୬), ସେକ୍ଟର୍-ସି ହନୁମାନଗଡ଼ର ଅଜୟ ପଟ୍ଟନାୟକ ଓରଫ୍ ବାବୁ (୩୦), ସେକ୍ଟର୍-ସି ୧୦ ନମ୍ବର ବସ୍ତିର ବିବେକ ମୋଦକ୍ (୩୬) ଓ ଗୁଣ୍ଡିଚାପାଲିର ଅନଟୁ ମୁଖୀ (୪୩)। ଗିରଫ ବିଟୁ ତନ୍ତୀ ହେଉଛି ମାଷ୍ଟରମାଇଣ୍ଡ। ସେମାନଙ୍କଠାରୁ ୪ଟି ପିସ୍ତଲ, ଗୋଟିଏ ରିଭଲଭର, ୪ଟି ଖାଲି ମାଗାଜିନ୍, ୧୫ଟି ଜୀବନ୍ତ ଗୁଳି, ୨ଟି ଖଣ୍ଡା, ଗୋଟିଏ ଲୁହା ଛଡ଼, ଗୋଟିଏ କ୍ରୋ ବାର, ଗୋଟିଏ ଟର୍ଚ୍ଚ, ୫ଟି ମୋବାଇଲ ଓ ୬ଟି ଖାଲି ବିଅର ବୋତଲ ଜବତ କରାଯାଇଛି।

ଜେରା ବେଳେ ସେମାନେ ବନ୍ଧୁକ ଚୋରା କାରବାର କରୁଥିଲେ ବୋଲି ପୁଲିସ୍ ନିକଟରେ ସ୍ୱୀକାର କରିଛନ୍ତି। ଏହି ଘଟଣାର ମୁଖ୍ୟ ନାୟକ ବିଟୁ ତନ୍ତୀ ବୋଲି ପୁଲିସ ଜାଣିବାକୁ ପାଇଛି। ସେ ଜଣେ କୁଖ୍ୟାତ ଅପରାଧୀ ହୋଇଥିବା ବେଳେ ତା' ପାଇଁ ଏକ ବଡ଼ଧରଣର ଗ୍ୟାଙ୍ଗ୍ କାମ କରୁଥିବା ଜଣାପଡ଼ିଛି। ଝାଡ଼ଖଣ୍ଡ ଓ ବିହାର ରାଜ୍ୟର ବିଭିନ୍ନ ସ୍ଥାନରୁ ବେଆଇନ ବନ୍ଧୁକ କମ୍ ମୂଲ୍ୟରେ ଆଣି ରାଉରକେଲାରେ ଚଢ଼ା ମୂଲ୍ୟରେ ବିକ୍ରି କରି ମାଲାମାଲ ହେଉଥିଲା ବିଟୁ। ତା' ନାଁରେ ଓଡ଼ିଶା ଓ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ୩୪ଟି ମାମଲା ରହିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଗିରଫ ଅଂଶୁ ନାଁରେ ଗୋଟିଏ, ଅଜୟ ନାଁରେ ଦୁଇଟି, ଅନଟୁ ନାଁରେ ଗୋଟିଏ ମାମଲା ରହିଛି। ତେବେ ଏହି ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, କେମିତି ସୀମା ଅତିକ୍ରମ କରି ରାଉରକେଲାକୁ ବନ୍ଧୁକ ଆସୁଥିଲା; ଏଭଳି ବିଭିନ୍ନ ଦିଗକୁ ନେଇ ପୁଲିସ୍ ତଦନ୍ତ ଜାରି ରଖିଛି। ଏହି ଅବସରରେ ଜୋନାଲ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ, ଇନ୍ସପେକ୍ଟର୍ ଶ୍ରୀକାନ୍ତ ଖମାରୀ, ଏସ୍‌ଆଇ ମନୋଜ ବାରା, ସିଦ୍ଧାନ୍ତ ପ୍ରଧାନ, ଅର୍ଜୁନ ସେଠୀ, ଏଏସ୍‌ଆଇ ରତ୍ନାକର ମୁଣ୍ଡା, ସଞ୍ଜିତା ସାମଲ, ସରୋଜ ପୁହାଣ ସମେତ ଅନ୍ୟ ଥାନା କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ।

# ଦଳ ବିରୋଧୀ କାର୍ଯ୍ୟ; ଢେଙ୍କାନାଳ ସଦର ବ୍ଲକ ପୂର୍ବ ବିଜେଡି ସଭାପତି ନିଲମ୍ବିତ

ଭୁବନେଶ୍ୱର,୨।୬(ସମିସ): ଦଳ ବିରୋଧୀ ଗତିବିଧିରେ ସଂପୃକ୍ତି ଥିବା କାରଣରୁ ଢେଙ୍କାନାଳ ସଦର ବ୍ଲକର ପୂର୍ବତନ ବିଜେଡି ସଭାପତି ବିଭୁ ପ୍ରସାଦ ଦେହୁରୀଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏ ସଂପର୍କରେ ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତ ସମ୍ବଳିତ ଏକ ନିର୍ଦ୍ଦେଶନାମା ସୋମବାର ଦଳ ପକ୍ଷରୁ ପ୍ରକାଶ ପାଇଛି।

## ସୁଧୁରୁନି ଓଏସ୍‌ଏସ୍‌ସି ପରୀକ୍ଷା ବ୍ୟବସ୍ଥା

# ଏଲ୍‌ଟିଆର୍ ସଂସ୍କୃତ ପରୀକ୍ଷାରେ ବି ବିଭ୍ରାଟ

■ ଇଂରାଜୀ ଅନୁବାଦ ଜେରକ୍ସର ଗୋପନୀୟତା ନେଇ ପ୍ରଶ୍ନବାଚୀ
■ ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍
■ ପୁନଃ ପରୀକ୍ଷା ସହ ଯାଞ୍ଚ କରିବାକୁ ଆଶାୟୀଙ୍କ ଦାବି

ଭୁବନେଶ୍ୱର,୨।୬(ସମିସ): ଓଡ଼ିଶା ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଦେଖିବାକୁ ମିଳୁଛି। କେବଳ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ପରୀକ୍ଷାରେ ଏକାଧିକ ବିଭ୍ରାଟ ପଦାକୁ ଆସିଛି। ଗତ ୧୫ ତାରିଖରେ ଅନୁଷ୍ଠିତ ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଥିଲା। ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ହିନ୍ଦୀରେ ଆସିବାର ଥିବା ବେଳେ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଚାରାଯାଇଥିଲା। ଅନୁରୂପ ଭାବେ ୧୭ ତାରିଖରେ ଅନୁଷ୍ଠିତ ସଂସ୍କୃତ ପରୀକ୍ଷାରେ ବିଭ୍ରାଟ ହୋଇଛି। ପ୍ରଶ୍ନପତ୍ରରେ ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ସଂସ୍କୃତରେ ଆସିବାର ଥିବା ବେଳେ କେବଳ ସଂସ୍କୃତ ଭାଷାରେ ପ୍ରଶ୍ନ ଥିଲା। ଏହାର ଇଂରାଜୀ ଅନୁବାଦ ଅନ୍ୟ କାଗଜରେ ଜେରକ୍ସ କରି ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା। ଯାହାର ବୈଧତା ଓ ଗୋପନୀୟତାକୁ ନେଇ ପରୀକ୍ଷାର୍ଥୀମାନେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ପ୍ରଶ୍ନପତ୍ର ପ୍ୟାକେଟ୍‌ର ଫଟୋ ବାହାରକୁ ଆସିବା ପରେ ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର ହୋଇଥିବା ଆଶଙ୍କା ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ସାମ୍ନାକୁ ଆସିବା ପରେ ଏହାକୁ ପୁନଃ ପରୀକ୍ଷା କରିବା ପାଇଁ ଏସ୍‌ଏସ୍‌ସି ନିଷ୍ପତ୍ତି ନେଇଛି। ଏହାପରେ ସମାନ ତ୍ରୁଟି ଥିବାରୁ ସଂସ୍କୃତ ପ୍ରଶ୍ନପତ୍ରର ଇଂରାଜୀ ଅନୁବାଦ କରି ତାହାର ଜେରକ୍ସ କପି ପରୀକ୍ଷାର୍ଥୀଙ୍କୁ ଦିଆଯାଇଛି। ହେଲେ ଜେରକ୍ସଗୁଡ଼ିକରେ କୌଣସି ବନ୍ଦ ପ୍ୟାକେଟ୍‌ରେ ନଥିଲା। ପରୀକ୍ଷକମାନେ ହାତରେ ଆଣି ତାକୁ ପରୀକ୍ଷାର୍ଥୀଙ୍କୁ ବାଣ୍ଟିଥିବା ବେଳେ ବଳକା ପ୍ରଶ୍ନପତ୍ର ତାଙ୍କ ପାଖରେ ରଖିଥିଲେ। ପରୀକ୍ଷାର୍ଥୀଙ୍କ କହିବା କଥା, ପ୍ରତି ପିଲାଙ୍କ ପିଛା ଗୋଟିଏ ଲେଖାଏଁ ପ୍ରଶ୍ନପତ୍ର ଛପା ଯାଉଥିବା ବେଳେ ଇଂରାଜୀ ଅନୁବାଦର କପି କାହିଁକି ଅଧିକ କରାଯାଇଥିଲା? ପୁଣି ସେଗୁଡ଼ିକ ପରୀକ୍ଷା ପୂର୍ବରୁ ଖୋଲା ଥିବାରୁ ତାହାର ଗୋପନୀୟତା ନେଇ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୀ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ପଦାକୁ ଆସିବା ପରେ ତୁରନ୍ତ ସଂସ୍କୃତ ପରୀକ୍ଷା ପାଇଁ ଇଂରାଜୀ ଅନୁବାଦ କରାଯାଇ ରାତିଅଧିଆ ଜେରକ୍ସ କରାଯାଇ ପିଲାଙ୍କୁ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଅତି କମ୍‌ରେ ୨୦ ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଥିବା ବହୁ ଆଶାୟୀ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ପ୍ରଶ୍ନପତ୍ର ପ୍ୟାକେଟ୍ ଉପରେ ଲାଗୁଥିବା ପ୍ରଶ୍ନପତ୍ର ବୁକ୍‌ଲେଟ୍ ତଥ୍ୟର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଯାଉଥିବା ଆଶଙ୍କା ଜୋର୍ ଧରିଛି। ଭାଇରାଲ୍ ଫଟୋରେ ୪୭୧୧୮୪ ଠାରୁ ୪୭୧୨୦୭ ପର୍ଯ୍ୟନ୍ତ ସିରିଏଲ୍ ନମ୍ବର ବିଶିଷ୍ଟ ୨୪ଟି ବୁକ୍‌ଲେଟ୍ ଥିବା ଉଲ୍ଲେଖ ରହିଛି। ପରୀକ୍ଷାର୍ଥୀଙ୍କ ଅଭିଯୋଗ ହେଲା, ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର କରିବାକୁ ଉଭୟ ପରୀକ୍ଷକ ଓ ପରୀକ୍ଷାର୍ଥୀଙ୍କୁ ବାରଣ କରାଯାଇଥିବା ବେଳେ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ବାହାରକୁ ଆସିଲା କିପରି କିପରି? ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଥମେ ଏହି ଫଟୋଟି ପକାଇଥିବା ବ୍ୟକ୍ତିଙ୍କୁ ଅନ୍ୟ ଆଶାୟୀମାନେ ପ୍ରଶ୍ନ କଲା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନମ୍ବର ସେବେଠାରୁ ସୁଇଚ୍-ଅଫ୍ ହୋଇଯାଇଥିବା ଅନ୍ୟ ଜଣେ ପରୀକ୍ଷାର୍ଥୀ ଦୁର୍ଗାମାଧବ ଅଭିଯୋଗ କରିଛନ୍ତି। ଏପରିକି, ରାଜଧାନୀ ମହାବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟାପ୍ତ ଯାଞ୍ଚ କରାଯାଇ ନଥିବାରୁ ପରୀକ୍ଷା ହଲ୍‌କୁ ମୋବାଇଲ୍ ନେଇ କିଛି ପିଲା ଉତ୍ତର ଲେଖୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।

ଓଏସ୍‌ଏସ୍‌ସି ପରିଚାଳିତ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳାଇଛି। ଚାକିରି ବିକ୍ରି କରିବାକୁ ଏବଂ ନିର୍ଦ୍ଦିଷ୍ଟ ପିଲାଙ୍କୁ କୃତକାର୍ଯ୍ୟ କରିବାକୁ ବହୁ ଗଳାବାଟ ପ୍ରସ୍ତୁତ କରାଯାଇଥିବା ସାମାଜିକ ଗଣମାଧ୍ୟମ 'ଏକ୍ସ' ଓ ୟୁଟ୍ୟୁବ୍‌ରେ ପ୍ରତିକ୍ରିୟା ରଖୁଛନ୍ତି। ଏହାର ଯାଞ୍ଚ କରିବା ସହ ହିନ୍ଦୀ ପରି ସଂସ୍କୃତ ପରୀକ୍ଷାର ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲ୍ୟୁସନ୍ ପ୍ରଶ୍ନକୁ ଆଉଥରେ ପରୀକ୍ଷା କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

# ମଦ ନିଶାରେ ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟା



ମୁନିଗୁଡ଼ା, ୨।୬ (ସମିସ): ମଦ ନିଶା ଆଜି ପୁଣି ରାଜ୍ୟରେ ଜଣଙ୍କ ଜୀବନ ନେଇଛି। ସାମାନ୍ୟ କଳହକୁ କେନ୍ଦ୍ର କରି ମଦ୍ୟପ ସ୍ୱାମୀ ଠେଙ୍ଗାରେ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଛି। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ମାତାବାରୁ ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳା ହେଲେ, ରଘୁବାରି ପଞ୍ଚାୟତ ବିଲାଙ୍ଗଦୁନି ଗ୍ରାମର ତୃତୁ ମାଝୀଙ୍କ ଝିଅ ସବିତା ମାଝୀ। ସବିତାଙ୍କୁ ହତ୍ୟା କରି ଫେରାର୍ ହୋଇଯାଉଥିବା ବେଳେ ପୁଲିସ୍ ଅଭିଯୁକ୍ତ ସ୍ୱାମୀ ଚିତ୍ର ମାଝୀକୁ ବାଟ ମଝିରୁ ମାଡ଼ି ବସିଛି।

ସୂଚନାନୁଯାୟୀ, ଗତ ରବିବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ସ୍ୱାମୀ ଓ ସ୍ତ୍ରୀ ମଦ ପିଇଥିଲେ। ପରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହେବାରୁ ସବିତା ନିଶାସକ୍ତ ଅବସ୍ଥାରେ ଚିତ୍ର ଉପରକୁ ହାତ ଉଠାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଚିତ୍ର ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଏଥିରେ ସବିତାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା।

ଖବର ପାଇ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ସମେତ ଅମ୍ବାଦଳା ଆଇଆଇସି କଳ୍ପନା ବେହେରା, ଏଏସ୍‌ଆଇ ପ୍ରଶାନ୍ତ ପାଢ଼ୀ, ଏସ୍‌ଆଇ ମନୋଜ କୁମାର ମାଝୀଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହତ୍ୟା କରି ଫେରାର୍ ହେଉଥିବା ବେଳେ ଅଭିଯୁକ୍ତ ଚିତ୍ର ମାଝୀକୁ ପୁଲିସ୍‌କୁ ବାଟ ମଝିରୁ ଗିରଫ କରିଥିଲା। ଏନେଇ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ଚିତ୍ରକୁ ଅଧିକ ପଚରାଉଚରା କରୁଛି। ଏହାସହ ସବିତାଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।


■ ଓମ୍‌ଫେଡ୍‌ର ଘୋଷଣା

# ଚାଷୀଙ୍କୁ ମିଳିବ କ୍ଷୀର ଲିଟର ପିଛା ଅଧିକ ୩ ଟଙ୍କା

ଭୁବନେଶ୍ୱର,୨।୬(ସମିସ): ଜୁନ ୧ ତାରିଖରୁ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବ ଓମ୍‌ଫେଡ଼। ଦିନକ ତଳେ ରାଜ୍ୟସ୍ତରୀୟ ଦୁଗ୍ଧ ଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ତତ୍କ୍ଷଣାତ୍ କାର୍ଯ୍ୟକାରୀ କରିଛି ଓମ୍‌ଫେଡ଼। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଘୋଷଣା କରିଛନ୍ତି। ସରକାର କ୍ଷୀର ଲିଟର ପିଛା ୨ ଟଙ୍କା ଓ ଓମ୍‌ଫେଡ୍ ୨ ଟଙ୍କା ପ୍ରଦାନ କରିବ। ମୋଟ ୪ ଟଙ୍କା ମଧ୍ୟରୁ ଚାଷୀଙ୍କୁ ୩ ଟଙ୍କା ମିଳିବ ଓ ଅବଶିଷ୍ଟ ୧ ଟଙ୍କା କ୍ଷୀର ସଂଗ୍ରହ ସମବାୟ ସମିତି ଓ ମିଲ୍‌କ ଫେଡ଼େରେସନ ଏକ ଟଙ୍କା ପାଇବ। ସେହିପରି ବର୍ତ୍ତମାନ ଗ୍ରାହକଙ୍କ ପାଇଁ କ୍ଷୀର ଦର ବୃଦ୍ଧି ହେବ ନାହିଁ। ଓମ୍‌ଫେଡ଼ କମିଟି ବୈଠକରେ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ କୁଲାଙ୍ଗେ କହିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପାଇଁ ଲିଟଲ ପିଛା ୩ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଏହା ଫଳରେ ରାଜ୍ୟର ୨.୫୦ ଲକ୍ଷ ଚାଷୀ ଉପକୃତ ହେବେ। ଏ ବାବଦରେ ରାଜ୍ୟ ସରକାର ୪୦ରୁ ୪୨ କୋଟି ଟଙ୍କା ବାର୍ଷିକ ବ୍ୟୟ କରିବେ। ଏଥିପାଇଁ ଓମଫେଡ୍ ଏବଂ ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ ଦୁଗ୍ଧର ତିରୋଟ ସମୟରେ (ସେପ୍ଟେମ୍ବରରୁ ଫେବୃଆରୀ) ୬ ମାସ ପାଇଁ ଦୁଗ୍ଧର ମାନ ଅନୁଯାୟୀ ଓମଫେଡ୍ ଦୁଗ୍ଧ ଚାଷୀମାନଙ୍କୁ ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଉଥିବା ନିର୍ଦ୍ଦେଶକ କହିଛନ୍ତି।



ଗ୍ରାହକଙ୍କ ପାଇଁ କ୍ଷୀର ଦର ବୃଦ୍ଧି ନିଷ୍ପତ୍ତି ନେବ କମିଟି



ସୋମବାର ଶ୍ରୀମନ୍ଦିର ଆକାଶରେ ଭସା ବାଦଲ (ଫଟୋ-ଅନିଲ)

## ବଢୁଛି କୋଭିଡ୍ ସଂକ୍ରମଣ

# ବିନା ଭକ୍ତରେ ହେବ କି ରଥଯାତ୍ରା ?

ପୁରୀ, ୨।୬(ସମିସ): ରାଜ୍ୟରେ ଧୀରେଧୀରେ ବଢୁଛି କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା। ଯଦିଓ ସଂକ୍ରମଣ ବର୍ତ୍ତମାନ ଚିନ୍ତାଜନକ ନୁହେଁ, କିନ୍ତୁ କେତେବେଳେ ବି ଏହା ବିସ୍ଫୋରଣ ରୂପ ନେଇପାରେ। ତେଣୁ ଆଗୁଆ ସତର୍କ ରହିବା ଜରୁରୀ। ଏଥିପାଇଁ ଷ୍ଟାଣ୍ଡାର୍ଡ ପ୍ରୋଟୋକୋଲ ମାନିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଏଭଳି ସ୍ଥିତିକୁ ଦେଖିଲେ ଏଥର ବିନା ଭକ୍ତରେ ହେବ କି ରଥଯାତ୍ରା ବୋଲି ଏକପ୍ରକାର ଚର୍ଚ୍ଚା ଆରମ୍ଭ ହେଲାଣି।

କରୋନା ପାଇଁ ୨୦୨୦ ଏବଂ ୨୦୨୧ ରଥଯାତ୍ରା କାଣ୍ଟଛାଣ୍ଟ ହୋଇଥିଲା। ୨୦୨୦ ମସିହାର ରଥଯାତ୍ରା ଇତିହାସ ରଚିଥିଲା। କରୋନାର ଭୟାବହତା ଭିତରେ ରଥଯାତ୍ରା ହେବ କି ନାହିଁ, ସେନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଆଇନଗତ ଲଢ଼େଇ ବି ଚାଲିଥିଲା। ଶେଷ ମୁହୂର୍ତ୍ତରେ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ବିନା ଭକ୍ତରେ ଏବଂ ସମସ୍ତଙ୍କ ସହଯୋଗରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। ଉହଡହ ଖରାରେ ସେବାୟତମାନେ ଖାଲି ପାଦରେ ରଥ ଟାଣିଥିଲେ। ମହାପ୍ରଭୁଙ୍କ ରଥଯାତ୍ରାଠୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦନ ହୋଇଥିଲା। ୨୦୨୧ରେ ମଧ୍ୟ ସେଭଳି ସ୍ଥିତି ଉପୁଜିଥିଲା। କରୋନାର ଦ୍ୱିତୀୟ ଲହର ଭୟର ବାତାବରଣ ସୃଷ୍ଟି କରିଥିଲା। ରଥଯାତ୍ରା ସମୟକୁ ପ୍ରତିଦିନ ରାଜ୍ୟରୁ ହଜାର ହଜାର ସଂଖ୍ୟାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିଲେ। ତେଣୁ ୨୦୨୦ ଭଳି ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। କେବଳ ସେବାୟତମାନେ ହିଁ ରଥ ଟାଣିଥିଲେ। ଏହାପରେ ୩ ବର୍ଷ ସ୍ୱାଭାବିକ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ପୁଣି ଡରାଇଲାଣି କରୋନା।

ସମ୍ପ୍ରତି ଦେଶରେ ଏବେ ଉପରମୁହାଁ କରୋନାଗ୍ରାଫ୍। ଯଦିଓ ଓଡ଼ିଶାରେ କୋଭିଡ୍ ସ୍ଥିତି ଏତେଟା ବିଚଳିତ କଲା ଭଳି ନୁହେଁ, କିନ୍ତୁ ସଂକ୍ରମଣ କେଉଁ ମୁହୂର୍ତ୍ତରେ ବି ବଢ଼ିଯାଇପାରେ। ଏହାକୁ ନଜରରେ ରଖି ଆଗୁଆ ସତର୍କ ହେଲାଣି ସ୍ୱାସ୍ଥ୍ୟ ବିଭାଗ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରଥଯାତ୍ରା ପାଇଁ ଦିନେ ଦୁଇଦିନ ମଧ୍ୟରେ ସମୀକ୍ଷା ହେବ। ଏହି ସମୀକ୍ଷା ବୈଠକ ପରେ ନିଷ୍ପତ୍ତି ନିଆଯିବ। ଏହି ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ। ସେମାନେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତେବେ ରାଜ୍ୟବାସୀଙ୍କୁ ସତର୍କ ରହିବା ଲାଗି ଆହ୍ୱାନ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଷ୍ଟାଣ୍ଡାର୍ଡ ପ୍ରୋଟୋକଲ୍ ମାନିବାକୁ ପରାମର୍ଶ ଜାରି କରିଛି। ଲୋକଙ୍କୁ ଗହଳିକୁ ନ ଯିବାକୁ ପରାମର୍ଶ ଦିଆଯାଇଥିବା ବେଳେ ହାତ ଧୋଇବା, ଗ୍ଲୋବ୍‌ସ ପିନ୍ଧିବା ଓ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି।

ସ୍ୱାସ୍ଥ୍ୟ ବିଭାଗର ଏଭଳି ପ୍ରସ୍ତୁତିକୁ ଦେଖିଲେ ଆସନ୍ତା ରଥଯାତ୍ରା କିପରି ହେବ, ତାକୁ ନେଇ ମମସ୍ତଙ୍କ ମନରେ ଚିନ୍ତା ବଢ଼ିଲାଣି। ପୁରୀ ରଥଯାତ୍ରାକୁ କେବଳ ରାଜ୍ୟ ନୁହେଁ, ଦେଶ ବିଦେଶରୁ ମଧ୍ୟ ଭକ୍ତ ଆସିଥା'ନ୍ତି। ଯେହେତୁ ବର୍ଷକୁ ଥରେ ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇଥା'ନ୍ତି ତେଣୁ ତାଙ୍କୁ ସବୁ ଧର୍ମ ଏବଂ ବର୍ଗର ଲୋକ ଦର୍ଶନ କରିବାର ସୁଯୋଗ ପାଇଥା'ନ୍ତି। ତେଣୁ ଅଣହିନ୍ଦୁମାନଙ୍କ ପାଇଁ ଏହା ଏକ ଭଲ ସୁଯୋଗ ଆଣିଦେଇଥାଏ। ଏଥିପାଇଁ ରଥଯାତ୍ରାରେ ବହୁ ବିଦେଶୀ ଭକ୍ତଙ୍କୁ ମଧ୍ୟ ଦେଖିବାକୁ ମିଳେ। ସେହିପରି ଭାରତର ବିଭିନ୍ନ ରାଜ୍ୟର ହଜାରହଜାର ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାର ମୂକସାକ୍ଷୀ ପାଲଟିଥା'ନ୍ତି। ବର୍ତ୍ତମାନ ଭାରତର କିଛି ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଯଦି ସେହି ରାଜ୍ୟରୁ ଭକ୍ତ ଆସନ୍ତି, ତେବେ ଏଠି ସଂକ୍ରମଣ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ଏମିତି ବି ପୁରୀର ପଡ଼ୋଶୀ ଜିଲ୍ଲା ଖୋର୍ଦ୍ଧାରେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ ପାଇଁ ଯେ କୋଭିଡ୍ ଆଶଙ୍କା ନ ରହିବ, ତାହା କହିହେବ ନାହିଁ।

# ଭାଙ୍ଗିଦେଲେ ଶ୍ରୀମନ୍ଦିର ଐତିହ୍ୟ କୀର୍ତ୍ତିରାଜି

■ ଉତ୍ତରଦ୍ୱାର ପାର୍ଶ୍ୱ ପାଦପଦ୍ମସ୍ଥଳୀ ଭାଙ୍ଗିବାକୁ ନେଇ ଉଦ୍‌ବେଗ
■ ରାମ୍ପ କାମ ଆମେ କରୁନୁ: ଏଏସ୍‌ଆଇ

ପୁରୀ, ୨।୬ (ସମିସ): ଭାଙ୍ଗିଦେଲେ ଶ୍ରୀମନ୍ଦିରର ଐତିହ୍ୟ କୀର୍ତ୍ତିରାଜି। ଉତ୍ତରଦ୍ୱାର ପାର୍ଶ୍ୱରେ ଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସ୍ମାରକୀ ପାଦପଦ୍ମସ୍ଥଳୀକୁ ନଷ୍ଟ କରିଦେଲେ। ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧାରେ ଦର୍ଶନ ନିମନ୍ତେ ରାମ୍ପ ଏବଂ ଶିଡ଼ି ନିର୍ମାଣ ଚାଲିଛି। ଏଥିପାଇଁ ପାଦପଦ୍ମସ୍ଥଳୀକୁ ଭାଙ୍ଗି ଦିଆଯାଇଛି। ପରିଚାଳନା କମିଟି ନ ଥିବା ଏବଂ ଛତିଶା ନିଯୋଗରେ କୌଣସି ଆଲୋଚନା ହୋଇ ନଥିବା ବେଳେ କିଭଳି ଏହାକୁ ଭାଙ୍ଗି ଦିଆଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟ ନଷ୍ଟ କରିବା ସହ ନବକଳେବର ସମୟରେ ଦାରୁ ଶଗଡ଼ି ଯାତାୟାତରେ ସମସ୍ୟା ତଥା ଶାସ୍ତ୍ରୀୟ ବିଧିବିଧାନର ବ୍ୟବସ୍ଥାକୁ ଭଙ୍ଗାଯିବା ଦୁର୍ଭାଗ୍ୟ ଓ ନିନ୍ଦନୀୟ ବୋଲି ସାଧାରଣଲୋକ କହିଛନ୍ତି। ଏହାସହ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

ଶ୍ରୀମନ୍ଦିର ସଂସ୍କୃତି, ପରମ୍ପରା ବେଶ୍ ଐତିହାସିକ ଓ ପ୍ରାଚୀନ। ତେଣୁ ମହାପ୍ରଭୁଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ରଖି ଭକ୍ତମାନେ ଛୁଟି ଆସନ୍ତି ଶ୍ରୀମନ୍ଦିର। ଯେଉଁମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ରହିଥା'ନ୍ତି। ତେଣୁ ସେମାନଙ୍କ ସୁବିଧା ପାଇଁ ଉତ୍ତର ଦ୍ୱାରଠାରେ ନିର୍ମାଣ ହେଉଛି ସ୍ୱତନ୍ତ୍ର ରାମ୍ପ୍। ଗତ କିଛି ଦିନ ହେବ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ନୂତନ ଶିଡ଼ି ମଧ୍ୟ କରାଯାଉଛି। ସେଠାରେ ଥିବା ପାଦପଦ୍ମସ୍ଥଳୀକୁ ଭଙ୍ଗାଯାଇଛି। ଏହା ଜଣାପଡ଼ିବା ପରେ ଏହା ପରମ୍ପରା ଓ ଶାସ୍ତ୍ର ବିରୋଧୀ ବୋଲି ମତ ପ୍ରକାଶ ପାଇଛି। ସେବାୟତମାନଙ୍କ ସହ ବିନା ଆଲୋଚନାରେ ଏପରି ନିର୍ମାଣ ଓ ଐତିହ୍ୟ ପାଦପଦ୍ମସ୍ଥଳୀକୁ ଭାଙ୍ଗିବା ଦୁର୍ଭାଗ୍ୟଜନକ। କିଛି ନ୍ୟସ୍ତସ୍ୱାର୍ଥ ଠିକାଦାରଙ୍କ ସହ ସଲାସୁତରା ସାଜି ଶ୍ରୀମନ୍ଦିର ପ୍ରଶାସନ ଏପରି ଲୁଟ୍‌ପାଟ୍ କରିଥିବା ଅଭିଯୋଗ କରିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉତ୍ତରଦ୍ୱାର ଦେଇ ଦିବ୍ୟାଙ୍ଗମାନେ ଯେପରି ମହାପ୍ରଭୁଙ୍କୁ ସହଜରେ ଦର୍ଶନ କରିପାରିବେ, ସେଥିଲାଗି ରାମ୍ପ ତିଆରି ହେଉଛି। ଏହାକୁ ସାଧାରଣରେ ସ୍ୱାଗତ କରାଯାଇଛି। ମାତ୍ର ପାଦପଦ୍ମସ୍ଥଳୀ ଭାଙ୍ଗିବାକୁ ସହଜରେ କେହି ବି ହଜମ କରିପାରୁନାହାନ୍ତି। ଏହାବ୍ୟତୀତ ନିର୍ମାଣ ହୋଇଥିବା ନୂତନ ଶିଡ଼ି ଆଗାମୀ ନବକଳେବର ସମୟରେ ଅସୁବିଧା ସୃଷ୍ଟି କରିବ। ବିଶେଷକରି ଦାରୁ ଶଗଡ଼ି ଯିବା ସମୟରେ ଏହି ଅସୁବିଧା ଦେଖାଯିବ। ଏସବୁକୁ ଅଣଦେଖା କରି ସୁବିଧା ସୃଷ୍ଟି କରିବା ଆଳରେ ଐତିହ୍ୟ ନଷ୍ଟ କରିବା କେତେ ଠିକ୍ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ କରିବା ସହ ଦୋଷୀ ବିରୋଧରେ ଦଣ୍ଡବିଧାନ କରିବାକୁ ଦାବି ହୋଇଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍‌ଆଇର ଜଣେ ଅଧିକାରୀ କହିଛନ୍ତି, ଏହା ଆମ କାମ ନୁହେଁ। ଶ୍ରୀମନ୍ଦିର ପ୍ରଶାସନ ତା'ର ଏହି କାମ କରୁଛି। ଏଥିରେ ଆମର କୌଣସି ଭୂମିକା ନାହିଁ।

ସୂଚନାଥାଉ କି, ଶ୍ରୀଚୈତନ୍ୟ ମହାପ୍ରଭୁ ଯେତେବେଳେ ୧୮ ବର୍ଷ ଧରି ପୁରୀର ଗୌରଗମ୍ଭୀରାରେ ଅବସ୍ଥାନ କରୁଥିଲେ, ସେହି ସମୟରେ ପ୍ରତ୍ୟହ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରକୁ ଯାଇଥା'ନ୍ତି। ଭକ୍ତି ଭାବରେ ବିଭୋର୍ ହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଅବସରରେ ତାଙ୍କ ପାଦ୍ମପଦ୍ମର ଚିହ୍ନ ଗରୁଡ଼ ସ୍ତମ୍ଭ ପଛପଟେ ରହିଯାଇଥିଲା। ପରବର୍ତ୍ତୀ କାଳରେ ସେହି ପାଦପଦ୍ମକୁ ସ୍ଥାନାନ୍ତର କରି ଉତ୍ତର ପାର୍ଶ୍ୱସ୍ଥ ଭିତର ବେଢ଼ାରେ ଅବସ୍ଥାପିତ କରାଯାଇଥିଲା। ବହୁ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ସନ୍ଥ ପ୍ରତିଦିନ ଶ୍ରୀଚୈତନ୍ୟଙ୍କ ପାଦପଦ୍ମକୁ ଦର୍ଶନ କରିବାକୁ ଶ୍ରୀମନ୍ଦିରକୁ ଯାଇଥା'ନ୍ତି। ହେଲେ ତାହାକୁ ଏବେ ଭାଙ୍ଗି ଦିଆଯାଇଛି।

■ ସେମିନାରୀ ଫାଦର ଏବଂ ମହିଳା ରୋଷେୟାଙ୍କୁ ଆକ୍ରମଣ

# ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର,୨।୬(ସମିସ): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଚାରବାଟୀ ସେମିନାରୀର ଫାଦର ଏବଂ ମହିଳା ରୋଷେୟାଙ୍କୁ ହୋଇଥିବା ଆକ୍ରମଣ ଓ ଟଙ୍କା ଲୁଟ୍ ଘଟଣାକୁ ଅତ୍ୟନ୍ତ ବର୍ବରୋଚିତ ଓ ଅମାନୁଷିକ କହିଛି ରାଜ୍ୟ କଂଗ୍ରେସ। ଏହି ଘଟଣାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି ଅନୁଧ୍ୟାନ କମିଟିରେ ବିଧାୟକ ସିଏସ୍ ରାଜନ ଏକ୍କା ଅଧ୍ୟକ୍ଷ ଥିବାବେଳେ ଜୟଶଙ୍କର ମିଶ୍ର, ଅମୀତା ବିଶ୍ୱାଳ, ଇଂ ଦିଲୀପ ଦୁରିଆ, କେଦାର ବରିହା, ଦୁର୍ଗା ପାଢ଼ୀ ସଭ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଉକ୍ତ କମିଟି ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ତ ତଥ୍ୟ ଅନୁଧ୍ୟାନ କରିବେ ଓ ଏହି ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଉଧାର ଟଙ୍କା ଫେରିପାଇବେ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତ ହୋଇପାରନ୍ତି।

**କର୍କଟ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାରର ଦାୟିତ୍ୱଭାର ବଢ଼ିବ। ବ୍ୟବସାୟ ଆରମ୍ଭ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକ ହେବ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ଚକ୍ଷୁ ସମସ୍ୟା ହୋଇପାରେ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିପାରେ। ନୂତନ ଯାନବାହନ କିଣିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ଆଳସ୍ୟ ଅନୁଭବ କରିପାରନ୍ତି। ପ୍ରେମରେ ବିଫଳ ହୋଇପାରନ୍ତି।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିପାରନ୍ତି।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ। ନୂଆ ଯୋଜନା କରିପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଧାର କରଜରୁ ଦୂରେଇ ରହିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୧୫- ବ୍ରିଟିଶ ସରକାର ରବୀନ୍ଦ୍ରନାଥ ଟାଗୋରଙ୍କୁ ନାଇଟ୍‌ହୁଡ୍ ଉପାଧି ପ୍ରଦାନ କଲେ ।
- ୧୯୪୭-ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତ ବିଭାଜନ ପାଇଁ ଘୋଷଣା କଲେ।
- ୧୯୫୯-ସିଙ୍ଗାପୁରକୁ ସେଲଫ୍ ଗଭର୍ଣ୍ଣିଂ ଷ୍ଟେଟ୍ ଭାବେ ଘୋଷଣା କରାଗଲା।
- ୨୦୦୫- ସୁରକ୍ଷା ପରିଷଦରେ ଭାରତର ଦାବିଦାରୀ ପାଇଁ ଫ୍ରାନ୍ସ ସମର୍ଥନ କଲା।

## ବିଶ୍ୱ ସାଇକଲ ଦିବସ



ନିୟମିତ ସାଇକଲ ଚାଳନା ଶରୀରକୁ ସୁସ୍ଥ ଏବଂ ଫିଟ୍ ରଖେ। ସାଇକଲ କେବଳ ବ୍ୟକ୍ତିର ପରିବହନର ମାଧ୍ୟମ ନୁହେଁ, ବରଂ ଉତ୍ତମ ସ୍ୱାସ୍ଥ୍ୟର ସାଥୀ ପାଲଟି ଯାଇଛି। ସାଇକଲର ବ୍ୟବହାରକୁ ବହୁଳ ଭାବେ ବଢ଼ାଇବା ପାଇଁ ଜୁନ୍ ୩ ତାରିଖକୁ 'ବିଶ୍ୱ ସାଇକଲ ଦିବସ' ଭାବରେ ଘୋଷଣା କରିଛି 'ମିଳିତ ଜାତିସଂଘ' । କୁନି କୁନି ପିଲା ତଥା ଯୁବଗୋଷ୍ଠୀଙ୍କୁ ସାଇକଲ ଚାଳନା ପାଇଁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ସାଧାରଣ ସଭା ଜନ ସଚେତନତା ସୃଷ୍ଟି କରିବା ପାଇଁ ୨୦୧୮ ରେ 'ବିଶ୍ୱ ସାଇକଲ ଦିବସ' ପାଳନ କରିବା ଆରମ୍ଭ କରିଥିଲା। ଏବେ ସାଇକେଲ ଅଛି ସତ । କିନ୍ତୁ ଗଡ଼ିବା ଅବସ୍ଥାରେ ନାହିଁ । ସହରର ରାସ୍ତାଗୁଡ଼ିକରେ ବହୁତ କମ୍ ସଂଖ୍ୟାରେ ସାଇକଲ ଦେଖିବାକୁ ମିଳୁଛି। ଦୁଇଚକିଆ, ଚାରିଚକିଆ ଗାଡ଼ିର ହର୍ଣ୍ଣ ମଧ୍ୟରେ ହଜିଗଲାଣି ସାଇକଲ କ୍ରିଂ କ୍ରିଂ ଶବ୍ଦ। ଅତି ଗରିବ ଶ୍ରେଣୀର ଲୋକେ ମଧ୍ୟ ସାଇକଲ ଛାଡ଼ି ମୋଟର ସାଇକଲ ଚଢ଼ିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଶରୀରକୁ ସୁସ୍ଥ ରଖିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ 'ବିଶ୍ୱ ସାଇକଲ ଦିବସ' ପାଳନ କରାଯାଉଛି। ସାରା ବିଶ୍ୱରେ ନେଦରଲ୍ୟାଣ୍ଡ ଏକମାତ୍ର ଦେଶ, ଯେଉଁଠି ଆଜି ବି ସାଇକଲ ଅଧିକ ଭାବେ ବ୍ୟବହାର କରାଯାଇଥାଏ। ଏହି ଦେଶର ସରକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଇକଲ ଚଳାଇବା ଉପରେ ସେଠାକାର ନାଗରିକଙ୍କୁ ପରାମର୍ଶ ଦେଇଥାନ୍ତି। ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସାଇକଲ ଚଳାଇ ତାଙ୍କ କାର୍ଯ୍ୟାଳୟକୁ ଆସନ୍ତି। ସାଇକଲ ଚଳାଇବା ଦ୍ୱାରା ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ଏହା ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍‌କୁ ଭଲ ରଖିବାରେ ସାହାଯ୍ୟ କରେ। ନିୟମିତ ଅଧଘଣ୍ଟା ସାଇକଲ ଚଳାଇବା ଦ୍ୱାରା ପେଟର ଚର୍ବି ହ୍ରାସ ପାଇଥାଏ। କେବଳ ସେତିକି ନୁହେଁ, ନିୟମିତ ସାଇକଲ ଚଳାଇବା ଦ୍ୱାରା ଶରୀରର ଇମ୍ୟୁନୋ ସିଷ୍ଟମ୍ ଠିକ୍ ଭାବେ କାମ କରିଥାଏ। ୧୯୬୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ସାଇକଲର ସମୟ ଥିଲା। ଏବେ କିନ୍ତୁ ସାଇକଲ କେବଳ ବ୍ୟାୟାମ କରିବା ଉଦ୍ଦେଶ୍ୟରେ ତଥା ଆଥ୍‌ଲେଟିକ୍ସମାନଙ୍କ ଦ୍ୱାରା ବ୍ୟବହାର କରାଯାଉଛି। ସମୟ ସହ ତାଳ ଦେଇ ସାଇକଲରେ ଅନେକ ପରିବର୍ତ୍ତନ ଆସିଛି। ଦିନ ଥିଲା 'ରାଲେ', 'ଆଟ୍‌ଲାସ୍', 'ହରକ୍ୟୁଲେସ୍'ଏବଂ 'ହିରୋ' ପରି କିଛି କମ୍ପାନୀ ନିଜ ସାଇକେଲ ବ୍ରାଣ୍ଡ ଭାବେ ଲୋକମାନଙ୍କ ମଧ୍ୟରେ ଛାପ ସୃଷ୍ଟି କରିଥିଲେ । କିନ୍ତୁ ଜଗତୀକରଣ ପରେ ବିଶ୍ୱର ନାମୀଦାମୀ କମ୍ପାନୀର ସାଇକଲ ଏବେ ହାତ ପାହାନ୍ତାରେ ମିଳି ପାରୁଛି। ଅଳ୍ପ ଦୂରରେ ଥିବା ସ୍ଥାନଗୁଡ଼ିକୁ ଯିବା ଆସିବା ପାଇଁ ବାଇକ୍ କିମ୍ବା ଚାରିଚକିଆ ଯାନ ପରିବର୍ତ୍ତେ ସାଇକଲ୍ ବ୍ୟବହାର କରିବା ଦ୍ୱାରା ଦିନକୁ ହଜାର ହଜାର ଲିଟରର ପେଟ୍ରୋଲ୍ ଓ ଡିଜେଲ୍ ନଷ୍ଟ ହେବାରୁ ରକ୍ଷା ମିଳିବା ସହ ପ୍ରଦୂଷଣ ସ୍ତର ମଧ୍ୟ ହ୍ରାସ ପାଇବ। ସାଇକଲକୁ ଓଡ଼ିଆରେ ଆଗରୁ 'ଶୁନଗାଡ଼ି' କୁହାଯାଉଥିଲା । ଏବେ ଏହି ଶବ୍ଦ ପ୍ରାୟତଃ ମୃତ। ତେବେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ସାଇକଲ ଦିବସ ପାଳନ କରି ଏହାର ବ୍ୟବହାରକୁ ବଢ଼ାଇବା ପାଇଁ ପ୍ରୋତ୍ସାହିତ କରନ୍ତି ସାଇକଲ ପ୍ରେମୀ। ସେହିଭଳି ଏହି ଦିନ ସାଇକଲ ର୍‍ୟାଲି, ପୋଷ୍ଟର ପ୍ରତିଯୋଗିତା, ବିତର୍କ, ନିବନ୍ଧ ଲିଖନ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଏ।

## 'ରାମାୟଣ' ସୁଟିଂ ସେଟ୍‌ରୁ ଆସିଲା ଯଶ୍‌ଙ୍କ ଫଟୋ

ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ'ରେ ରଣବୀର କପୁର ଭଗବାନ ରାମ, ସାଇ ପଲ୍ଲବୀ ସୀତା ଓ ଯଶ୍ ରାବଣ ଭୂମିକାରେ ନଜର ଆସିବେ। ଫିଲ୍ମର ବଜେଟ୍ ରହିଛି ୮୩୫ କୋଟି। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଅବସରରେ ରିଲିଜ୍ ହେବାକୁ ଥିବାବେଳେ ଏହାର ଦ୍ୱିତୀୟ ପାର୍ଟ ଦୀପାବଳି ୨୦୨୭ରେ ଆସିବ। ପୂର୍ବରୁ ରଣବୀର ଓ ସାଇ ପଲ୍ଲବୀଙ୍କ ସୁଟିଂ ସେଟ୍‌ର ଫଟୋ ଭାଇରାଲ ହୋଇଥିବାବେଳେ ଏବେ ଯଶ୍‌ଙ୍କ ଫଟୋ ସାମ୍ନାକୁ ଆସିଛି। ରାବଣ ଭୂମିକାରେ ନଜର ଆସିବା ପାଇଁ ଯଶ୍ ଅପେକ୍ଷାକୃତ ଲମ୍ବା ଦାଢ଼ି ରଖିଥିବାର ଦେଖାଯାଇଛନ୍ତି। ଫଟୋରୁ ସେ କୌଣସି ଏକ ସିନ୍ ସୁଟ୍ ପାଇଁ ପ୍ରସ୍ତୁତି ଚଳାଇଥିବା ଲାଗୁଛି। ଯଶ୍‌ଙ୍କ ସହ ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟର ଗାଏ ନରିସ୍ ମଧ୍ୟ ଦେଖାଯାଇଛନ୍ତି। ନରିସ୍ ଏବେ ଭାରତ ଆସିଛନ୍ତି। ସେ 'ରାମାୟଣ'ର ହାଇ ଆକ୍ସନ୍ ସିନ୍‌ଗୁଡ଼ିକର କୋରିଓଗ୍ରାଫି ଦାୟିତ୍ୱରେ ଅଛନ୍ତି। ତେବେ ଯଶ୍‌ଙ୍କୁ 'ରାମାୟଣ'ର ପ୍ରଥମ ପାର୍ଟ ପାଇଁ ୬୦ରୁ ୭୦ ଦିନ ସୁଟ୍ କରିବାକୁ ପଡ଼ିବ। 'କେଜିଏଫ୍-୨' ପରେ ଯଶ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଅଛନ୍ତି। 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ସେ ପରଦାକୁ ଫେରିବେ ବୋଲି କୁହାଯାଉଛି। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି।



## ରଖେ ହରି, ମାରେ କିଏ



କଥାରେ ଅଛି, 'ରଖେ ହରି, ତ ମାରେ କିଏ !', ଯାହାର ଅର୍ଥ ଯଦି ଭଗବାନ ଜଣକୁ ରକ୍ଷା କରିବାକୁ ଚାହିଁବେ, ସଂସାରର କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ। ନିକଟରେ ଚୀନ୍‌ର ଜଣେ ମହିଳାଙ୍କ କ୍ଷେତ୍ରରେ ଏଭଳି କିଛି ଘଟଣା ଘଟିଛି। ଜିୟାଂସିରେ ରହୁଥିବା ୪୪ ବର୍ଷୀୟା ପେଙ୍ଗ ହୁଇଫାଙ୍ଗ ସିଧାସଳଖ ମୃତ୍ୟୁମୁଖରୁ ବଞ୍ଚି ଯାଇଛନ୍ତି। ପେଙ୍ଗ ୧୨ ମହଲାରୁ ତଳକୁ ଖସି ପଡ଼ି ବି ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ୧୨ ମହଲା ଉପରୁ ତଳକୁ ଖସିବା ପରେ ପେଙ୍ଗ ତାଙ୍କ ସ୍ୱାମୀଙ୍କୁ ଜୋର୍‌ରେ ପାଟି କରି କହିଥିଲେ, 'ମୁଁ ଏବେ ଜୀବିତ ଅଛି। ୧୨୦ ନମ୍ବରରେ କଲ୍ କର।' ଘଟଣାଟି କିଛି ଏହିପରି- ପେଙ୍ଗଙ୍କ ସ୍ୱାମୀ ବିଲ୍ଡିଂଗୁଡ଼ିକରେ ଝରକା ଲଗାଇବା କାମ କରନ୍ତି। ଗତ ମେ' ୧୩ ତାରିଖରେ ପେଙ୍ଗକୁ ତାଙ୍କ ସ୍ୱାମୀ ଜଣେ ଗ୍ରାହକଙ୍କ ବାଲକୋନିରେ ସିଲିଂ କରିବାକୁ ସାହାଯ୍ୟ ମାଗିଥିଲେ। ପେଙ୍ଗ ସୁରକ୍ଷିତ କୋଠରୀ ଅଛି ଭାବି ସେଫ୍ଟି ବେଲ୍ଟ ପିନ୍ଧି ନ ଥିଲେ। ପେଙ୍ଗଙ୍କ ସ୍ୱାମୀ କ୍ରେନ୍ ଦ୍ୱାରା ୧୨ ମହଲା ଉପରକୁ ଏକ ଝରକାକୁ ଉଠାଉଥିଲେ। ଝରକାଟି ଅଧିକ ଓଜନ ଥିଲା। ଝରକାଟି ଉପରକୁ ଉଠିବାବେଳେ ଏକ ଗଛ ଦେହରେ ଲାଖିଯାଇ ତଳକୁ ଖସି ପଡ଼ିଥିଲା। ଅନ୍ୟପକ୍ଷରେ ଝରକାକୁ ଉପରୁ ଟାଣୁଥିବା ପେଙ୍ଗ ମଧ୍ୟ ତଳକୁ ଖସି ପଡ଼ିଥିଲେ। ତଳକୁ ଖସିବା ସମୟରେ ପେଙ୍ଗଙ୍କୁ ସେ ଆଉ ବଞ୍ଚିବେନି ବୋଲି ଲାଗିଥିଲା। ହେଲେ ସୌଭାଗ୍ୟବଶତଃ ଯେଉଁଠି ସେ ପଡ଼ିଥିଲେ, ସେଠାରେ ଏକ କମ୍ପାନୀର ଟେଣ୍ଟର ଛତା ଭାଙ୍ଗିଯାଇ ପଡ଼ିଥିଲା। ପେଙ୍ଗ ତାହା ଉପରେ ପଡ଼ିଥିଲେ। ତାଙ୍କୁ ତୁରନ୍ତ ହସ୍‌ପିଟାଲ ନିଆଯାଇଥିଲା। ତାଙ୍କର ଡାହାଣ ଗୋଡ଼, ବାମ ଗୋଡ଼ ଏବଂ ପିଠିର ତଳଭାଗର ହାଡ଼ ଭାଙ୍ଗି ଯାଇଥିବା କଥା ଡାକ୍ତର କହିଥିଲେ। ଏଯାବତ୍ ପେଙ୍ଗଙ୍କ ପରିବାର ଲୋକେ ତାଙ୍କ ଚିକିତ୍ସାରେ ୧୦ହଜାର ଆମେରିକୀୟ ଡଲାର ଖର୍ଚ୍ଚ କରିସାରିଲେଣି। ତାଙ୍କ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ଏବେ ସାହାଯ୍ୟ ମାଗୁଛନ୍ତି। ଆଉ ଛଅ ମାସ ପରେ ସେ ଚାଲିବା ଆରମ୍ଭ କରିଦେବେ ବୋଲି ପେଙ୍ଗକୁ ଚିକିତ୍ସା କରୁଥିବା ଡାକ୍ତରମାନେ କହୁଛନ୍ତି। ତେବେ ଏଥିରେ ତାଙ୍କର ଓ ତାଙ୍କ ସ୍ୱାମୀଙ୍କର ଭୁଲ ଥିବାରୁ ସେ ଗ୍ରାହକଙ୍କୁ କୌଣସି କ୍ଷତିପୂରଣ ମାଗିବେ ନାହିଁ ବୋଲି ପେଙ୍ଗ କହିଛନ୍ତି।




## କୃଷି ପାଇଁ ପରାମର୍ଶ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଅନେକ ସ୍ଥାନରେ, ବର୍ଷା ହୋଇଯାଇଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ।
- ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ।
- ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡ଼ି ଦୂରରେ ପୋଡ଼ି ନଷ୍ଟ କରିଦିଅନ୍ତୁ। ରୋଗର ବାହକ ଜଉପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥିୟାମିଥୋକ୍ସାମ କିମ୍ବା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଆମ୍ବଗଛରେ ଫଳ ମାଛିର ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

## ଲଙ୍କା ଗଛ ବଢୁ ନଥିଲେ



**ଅଧିକାଂଶ ଘର ବାଡ଼ି ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାନ୍ତି। ପରିବା ଚାଷ ମଧ୍ୟରେ ମୁଖ୍ୟତଃ ଲଙ୍କା ଗଛ ରହିବା ସାଧାରଣ କଥା। ତେବେ ଲଙ୍କା ଗଛ ଯଦି ବଢୁନଥାଏ ଏହି ଉପାୟ ଆପଣାଇ ପାରିବେ।**

ଅନେକ ସମୟରେ ଲଙ୍କା ଗଛ ନ ବଢ଼ିବା, ପତ୍ରାକାର ଛୋଟ, ଫୁଲ ଓ ଫଳ ଆସିବାରେ ବିଳମ୍ବ ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ଉଚିତ ଯତ୍ନ ନେବା ଜରୁରି। ତେଣୁ ଗଛଟି ଅଧିକ ଉଚ୍ଚଆକାରରେ ବଢ଼ି ପାର୍ଶ୍ୱ ଶାଖା ଆସୁନଥିଲେ ଗଛଉପର କୋମଳ ଶାଖାକୁ କାଟିଲେ ନୂଆ ଶାଖା ଆସି ଗଛ ଘନ ହୋଇଯାଇଥାଏ। ଫୁଲ ଓ ଫଳ ମଧ୍ୟ ଅଧିକ ଆସିଥାଏ। ମୁଖ୍ୟତଃ ୧୫ରୁ ୨୦ ଦିନ ଅନ୍ତରରେ ଏହିପରି ଭାବେ କାଟି ପାରିବେ।

**ସନ୍ତୁଳିତ ପୋଷାଣ:**
ପୋଷଣତତ୍ତ୍ୱର ଅଭାବ ହେଲେ ଗଛ ବିକାଶରେ ବୃଦ୍ଧି ଘଟେ। ତେଣୁ ଆରମ୍ଭରୁ ନାଇଟ୍ରୋଜେନ୍‌ର ଆବଶ୍ୟକତା ଥାଏ। ଏହାପରେ ପତ୍ର ବଢ଼ିବା ତଥା ଫୁଲ ଓ ଫଳ ହେବାକୁ ଫସ୍‌ଫରସ୍ ଏବଂ ପଟାସିୟମ ଜରୁରି। ଏଥିପାଇଁ ପ୍ରତି ୧୫ ଦିନରେ ଗୋବର ଖତ କିମ୍ବା ଜିଆ ଖତ ପ୍ରୟୋଗ କରିପାରିବେ। ଫୁଲ ଆସିବା ସମୟରେ ଜୈବିକ ଖତ, ଏନ୍‌ପିକେ ସାର କିମ୍ବା ଘୋଳ କରି ସିଞ୍ଚିପାରିବେ। ଗଛକୁ ସୂର୍ଯ୍ୟାଲୋକ ୫ରୁ ୬ ଘଣ୍ଟା ପଡ଼ୁଛି କି ନାହିଁ ତାହାକୁ ଧ୍ୟାନ ଦେବା ଆବଶ୍ୟକ। ଯଦି ପତ୍ର ତଳେ ଧଳା ପୋକ, ଲାଲ୍ ମାଛି ଲାଗିଥିବାର ଦେଖନ୍ତି, ତେବେ ନିମ ତେଲ ସିଞ୍ଚନ କରିପାରିବେ। ଏଥିପାଇଁ ୫ ମିଲି ନିମତେଲ, ଏକ ଲିଟର ପାଣିରେ ମିଶାଇ ସପ୍ତାହକୁ ଥରେ ସିଞ୍ଚନ କରିପାରିବେ। ଗଛ ଚାରିପାଖେ ସଫା ଓ ଶୁଖିଲା ରଖିବା ଜରୁରି।

## ଜଳବାୟୁ ପରିବର୍ତ୍ତନ ଓ ସାମୂହିକ ବିହନ ବ୍ୟାଙ୍କ

**ଦେଶର ବିକାଶରେ କୃଷିକାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ଏବେ ଜଳବାୟୁ ପରିବର୍ତ୍ତନ ଖାଦ୍ୟ ଶୃଙ୍ଖଳାକୁ ବିଗାଡ଼ି ସମାଜ ପାଇଁ ସଙ୍କଟ ସୃଷ୍ଟି କରିବା ସହ ବୀଜ ଉତ୍ପାଦନ ଏବଂ ସଂରକ୍ଷଣ ପାଇଁ ଗୁରୁତର ବିପଦ ସୃଷ୍ଟି କରିଛି। ଏପରି ପରିସ୍ଥିତିରେ ସାମୂହିକ ବିହନ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ସାମୂହିକ ବିହନ ବ୍ୟାଙ୍କ' ଜିନ୍ ବ୍ୟାଙ୍କର ଏକ ରୂପ। ଏହି ବ୍ୟାଙ୍କଗୁଡ଼ିକରେ ବିହନ ସଂଗ୍ରହ, ସଂରକ୍ଷଣ ଏବଂ ବଣ୍ଟନର ଏକ ସୁବିକଶିତ ବ୍ୟବସ୍ଥା ଅଛି।**

ସାମୂହିକ ବିହନ ବ୍ୟାଙ୍କଗୁଡ଼ିକ ସ୍ୱୟଂସହାୟକ ଗୋଷ୍ଠି, ଏନ୍‌ଜିଓ ଓ ସ୍ଥାନୀୟ କୃଷକମାନଙ୍କ ଦ୍ୱାରା ପରିଚାଳିତ ସୁବ୍ୟବସ୍ଥିତ ସଂସ୍ଥାନ। ଏହି ସଂସ୍ଥାନଗୁଡିକ ଦେଶୀ ତଥା ଜଳବାୟୁ ପରିବର୍ତ୍ତନ ସହଣୀ କିସମ ଏବଂ ଏହା ସମ୍ବନ୍ଧୀୟ ଜ୍ଞାନର ସଂରକ୍ଷଣ କରିଥାନ୍ତି। ଆଜି ପର୍ଯ୍ୟନ୍ତ ସମୁଦାୟ ୭୧ ପ୍ରକାର ଫସଲର ୮୮୭ ଜଳବାୟୁ ପରିବର୍ତ୍ତନ ସହଣୀ କିସମ ସଂରକ୍ଷଣ କରିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୋଷ୍ଠୀ ତଥା ସାମୂହିକ ବିହନ ବ୍ୟାଙ୍କ ଓ ବିହନ ସଂରକ୍ଷଣ କେନ୍ଦ୍ରମାନେ ପାଣ୍ଠିଯୋଗାଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ନୀତି ସହାୟତା ସମ୍ବନ୍ଧୀୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ସେମାନଙ୍କୁ ପରିବର୍ତ୍ତିତ ମନୋବୃତ୍ତି, ପାରମ୍ପରିକ ମଞ୍ଜି ପ୍ରତି ଆଗ୍ରହ ହ୍ରାସ ପାଇ ହାଇବ୍ରିଡ୍ ଓ ଜେନେଟିକାଲି ମୋଡିଫାଏଡ୍ ମଞ୍ଜି ଆଗ୍ରହ ବୃଦ୍ଧି ଯୋଗୁଁ କିପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ସେ ନେଇ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ ଅବସରରେ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭର୍ଣ୍ଣମେଣ୍ଟ (ସିଏସ୍‌ଇ) ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ଏଥିରେ ଯୁବଚାଷୀମାନଙ୍କର ଦେଶୀ କିସମ ପ୍ରତି ଅନାଦାର ଏବଂ ଅଧିକ ଲାଭର ପ୍ରତିଶ୍ରୁତି ଦେଉଥିବା ବାଣିଜ୍ୟିକ ମଞ୍ଜି ପସନ୍ଦ କରିବା କଥା ଉଲ୍ଲେଖ ରହିଛି। ତେଣୁ ସିଏସ୍‌ଇ ଚାଷୀଙ୍କୁ ବିହନ ସଂରକ୍ଷଣ, ଦେଶୀ କିସମ ବିହନ, ଜ୍ଞାନକୌଶଳକୁ ଉପଯୋଗ କରିବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି। ସେହିପରି ପାରମ୍ପରିକ କିସମର ବିହନ ସଂରକ୍ଷଣ କରୁଥିବା କୃଷକ ଏବଂ ସମ୍ପ୍ରଦାୟକୁ ଆନୁଷ୍ଠାନିକ ଭାବେ 'ଜୈବ ବିବିଧତାର ରକ୍ଷକ' ଭାବେ ସ୍ୱୀକୃତି ଦିଆଯିବା ଉଚିତ। ବିହନ ସଂରକ୍ଷଣକାରୀଙ୍କ ଉତ୍ସାହ ବଜାୟ ରଖିବା ପାଇଁ ଉପଯୁକ୍ତ ନୀତି ଏବଂ ଦେଶୀ ବିହନକୁ ଉପଯୁକ୍ତ ପରିଚୟ ମିଳିବା ଅତ୍ୟନ୍ତ ଜରୁରି। ଏହା ଏକ ସରକାରୀ ପ୍ରମାଣପତ୍ର ଭାବେ କାମ କରିବ। ସାମୂହିକ ବିହନ ସଂରକ୍ଷଣ କେନ୍ଦ୍ରଗୁଡ଼ିର ଦେଶୀ ବିହନ କିସମ ଏବଂ ଏହାର ଜ୍ଞାନ କୌଶଳକୁ ଉପଯୋଗ କରି ବିବିଧ କୃଷି ପ୍ରଣାଳୀ ଦ୍ୱାରା ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରାଯାଇପାରିବ।



## ମାଟି ତଳେ ଆଳୁ, ଉପରେ ଟମାଟୋ



କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଚାଷୀମାନେ ବିଭିନ୍ନ ପ୍ରକାର ଚାଷକାର୍ଯ୍ୟ କରୁଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ, ରାଞ୍ଚିର ଅନଗଡ଼ା ସ୍ଥିତ ମୋବାଇଲ ଏଗ୍ରିକଲଚର ସ୍କୁଲ ଆଣ୍ଡ ସର୍ଭିସେସ (ମାସ)ର ଫାର୍ମରେ ଆଳୁ ଫସଲରେ ଟମାଟୋ ଫଳୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। ମାଟି ତଳେ ଆଳୁ ଗଛର ଉପ ଅଂଶରେ ଟମାଟୋ ଫଳିବା ପାଇଁ ପ୍ରଥମେ ଆଳୁ ବିହନରୁ ଗଛ ପ୍ରସ୍ତୁତ କରାଯାଇଥିଲା। ୨୦ ଦିନ ଯାଏଁ ମାଟି ତଳେ ଆଳୁକୁ ପୋତି ଦେବା ପରେ ଗଛ ପ୍ରସ୍ତୁତ ହୋଇଥିଲା। ସେହିପରି ପୃଥକଭାବେ ଟମାଟୋ ଗଛ ପ୍ରସ୍ତୁତ କରାଯାଇଥିଲା। ଆଳୁଗଛକୁ ମୂଳଠାରୁ ପ୍ରାୟ ଦୁଇ ଇଞ୍ଚ ଉପରକୁ କଟାଯାଇ ସେହି ସ୍ଥାନରେ ଟମାଟୋ ଗଛକୁ କଲମୀକରଣ କରାଯାଇଥିଲା। ଗଛକୁ ୭ଦିନ ଯାଏଁ ଅନ୍ଧାରରେ ରଖାଯାଇ ପରେ ଏହାକୁ ବିଭିନ୍ନ ସ୍ଥାନରେ ଲଗାଯାଇଥିଲା। ଆବଶ୍ୟକତା ଅନୁଯାୟୀ ଗଛମୂଳରେ ଖତ ଏବଂ କୀଟନାଶକ ପ୍ରୟୋଗ କରାଯାଇଥିଲା। ଜମିରେ ୨୫୦ ଗଛ କଲମୀକରଣରେ ଲଗାଯାଇଥିବା ବେଳେ ସମସ୍ତ ଗଛ ଜୀବିତ ରହିଥିଲା। ସଠିକ ଯତ୍ନ ଦ୍ୱାରା ଟମାଟୋ ଫଳିବାକୁ ଲାଗିଥିଲା। ଗୋଟେ ଗଛରୁ ପାଖାପାଖି ୨୫୦ରୁ ୩୦୦ ଗ୍ରାମ୍ ଆଳୁ ଅମଳ ହୋଇଥିଲାବେଳେ ୧୦ କିଲୋ ଟମାଟୋ ମିଳିଥିଲା।




# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ଅନ୍ତର୍ଜାତୀୟ କ୍ରିକେଟରୁ କ୍ଲାସେନ, ଦିନିକିଆରୁ ମ୍ୟାକ୍ସୱେଲଙ୍କ ଅବସର





ନୂଆଦିଲ୍ଲୀ,୨।୬ (ଏଜେନ୍ସି): ବିଶ୍ୱରେ ଖ୍ୟାତି ଲାଭ କରିଥିବା ଦୁଇଜଣ କ୍ରିକେଟ ଖେଳାଳି ଦକ୍ଷିଣ ଆଫ୍ରିକାର ହେନ୍‌ରିକ୍ କ୍ଲାସେନ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଓ ଅଷ୍ଟ୍ରେଲିଆର ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଆଜି ମୋ ଲାଗି ଏକ ଦୁଃଖର ଦିନ। ଦୀର୍ଘଦିନ ଧରି ଏ ସମ୍ପର୍କରେ ଚିନ୍ତା କରିବା, ପରିବାର ଓ ବନ୍ଧୁମାନଙ୍କ ସହ ପରାମର୍ଶ କରିବା ପରେ ଏହି ନିଷ୍ପତ୍ତି ନେଇଛି ବୋଲି କ୍ଲାସେନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି କହିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ୬୦ଟି ଦିନିକିଆ, ୫୮ଟି ଟି-୨୦ ଓ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବା ପରେ କ୍ଲାସେନ ଏହି ନିଷ୍ପତ୍ତି ନେଇଛନ୍ତି। ଏହା ପରେ ସେ ପରିବାର ସହ ଅଧିକ ସମୟ କାଟିପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଗ୍ଲେନ୍ ମ୍ୟାକ୍ସୱେଲ ୨୦୧୨ରେ ଡେବ୍ୟୁ କରି ଅଷ୍ଟ୍ରେଲିଆ ପକ୍ଷରୁ ୧୪୯ଟି ଦିନିକିଆ ମ୍ୟାଚ ଖେଳି ୩,୯୯୦ ରନ୍ କରିଛନ୍ତି ଓ ୭୭ଟି ୱିକେଟ ନେଇଛନ୍ତି। କିନ୍ତୁ ୨୦୨୭ ବିଶ୍ୱକପ୍ ଖେଳିବାର ସମ୍ଭାବନା ନ ଥିବାରୁ ସେ ଦିନିକିଆ ଫର୍ମାଟରୁ ଅବସର ନେଇଛନ୍ତି। ୨୦୧୫ ଓ ୨୦୨୩ରେ ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇବାରେ ତାଙ୍କର ବଡ ଭୂମିକା ରହିଥିଲା। ବିଶେଷକରି ୨୦୨୩ ବିଶ୍ୱକପ୍‌ର ଆପଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସଂଗ୍ରହ କରିଥିବା ଅପରାଜିତ ୨୦୧ ରନ୍ ସବୁଦିନେ ସ୍ମରଣୀୟ ହୋଇ ରହିବ।

## ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ଭାରତରେ ମହିଳା ଦିନିକିଆ ବିଶ୍ୱକପ୍

ଦୁବାଇ,୨।୬ (ଏଜେନ୍ସି): ଚଳିତବର୍ଷ ଭାରତରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଏହି ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ୫ଟି ଭେନ୍ୟୁରେ ଯଥା ବେଙ୍ଗାଲୁରୁ, ଗୁଆହାଟୀ, ଇନ୍ଦୋର, ବିଶାଖାପାଟଣା ଓ କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ। ଆଇସିସି ସହ ହୋଇଥିବା ବୁଝାମଣା ଅନୁଯାୟୀ ପାକିସ୍ତାନ ଗୋଟିଏ ହେଲେ ମ୍ୟାଚ୍ ଭାରତରେ ଖେଳିବ ନାହିଁ। ଏବେ ସୁଦ୍ଧା ଖେଳସୂଚୀ ପ୍ରକାଶ ପାଇ ନ ଥିଲେ ମଧ୍ୟ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲରେ ପ୍ରବେଶ କରେ ତେବେ କଲମ୍ବୋରେ ଏହି ଦଳ ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ରେ ଓ ଫାଇନାଲ ନଭେମ୍ବର ୨ରେ ଖେଳାଯିବ। ପାକିସ୍ତାନ ଲିଗ୍ ପର୍ଯ୍ୟାୟରେ ଅଟକିଲେ ଉପରୋକ୍ତ ମ୍ୟାଚ୍ ଦୁଇଟି ଯଥାକ୍ରମେ ଗୁଆହାଟୀ ଓ ବେଙ୍ଗାଲୁରୁରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ। ଏଗୁଡିକ ହେଲେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ। ୭ଥର ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଏବେ ଡିଫେଣ୍ଡିଂ ଚାମ୍ପିଅନ ରହିଛି।



## ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ମ୍ୟାଚ୍ ଡ୍ର

କାଣ୍ଟରବରୀ,୨।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ’ ଏବଂ ଆୟୋଜକ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଏଠାରେ ଅନୁଷ୍ଠିତ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ-ଏ’ କରୁନ ନାୟାରଙ୍କ ୨୦୪ ରନ୍ ସହାୟତାରେ ୫୫୭ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ଲାୟନ୍ସ ୫୮୭ ରନ୍ କରି ପ୍ରଥମ ଇନିଂସରେ ୩୦ ରନ୍‌ରେ ଆଗୁଆ ରହିଥିଲା। ଲାୟନ୍ସ ପକ୍ଷରୁ ଓପନର ଟମ୍ ହେନ୍ସ ୧୭୧, ମ୍ୟାକ୍ସ ହୋଲ୍ଡନ ୧୦୧ ଓ ଡାନ ମୁସ୍‌ଲୀ ୧୧୩ ରନ୍ କରିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ୩ଟି ଓ ଶାର୍ଦ୍ଦୁଳ ଠାକୁର ୨ଟି ୱିକେଟ ପାଇଥିଲେ। ଆଜି ସୋମବାର ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନରେ ଭାରତ-ଏ’ ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୪୧ ରନ୍ କରିବା ପରେ ମ୍ୟାଚ ଡ୍ର ରହିଥିଲା। ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୬୪, ଅଭିମନ୍ୟୁ ଈଶ୍ୱରନ ୬୮ ରନ୍ କରିଥିଲେ। ଅନ୍ୟ ଦୁଇ ଖେଳାଳି ଧ୍ରୁବ ଜୁରେଲ ୫୩ ଓ ନୀତୀଶ କୁମାର ରେଡ୍ଡି ୫୨ ରନ୍‌ରେ ଅପରାଜିତ ରହିଥିଲେ। ଜୁନ୍ ୬ରୁ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବ।

## ପ୍ରଦୀପ ନରୱାଲ୍‌ଙ୍କ ଅବସର

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ଇତିହାସର ସବୁଠୁ ସଫଳ ଖେଳାଳି ପ୍ରଦୀପ ନରୱାଲ ଅଚାନକ କବାଡ଼ିରୁ ଅବସର ଘୋଷଣା କରିଛନ୍ତି। ପିକେଏଲ୍‌ର ଆଗାମୀ ଦ୍ୱାଦଶ ସଂସ୍କରଣ ଲାଗି ଶନିବାର ଓ ରବିବାର ଦୁଇଦିନ ଧରି ଖେଳାଳି ନିଲାମୀ ଅନୁଷ୍ଠିତ ହୋଇଥିଲା। ଏହି ନିଲାମୀରେ ୧୨ଯାକ ଫ୍ରାଞ୍ଚାଇଜ ମଧ୍ୟରୁ କେହି ମଧ୍ୟ ନରୱାଲ୍‌ଙ୍କୁ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। ଫଳରେ ୨୮ ବର୍ଷୀୟ ନରୱାଲ ଅଲୋଡ଼ା ରହିଥିଲେ। ପାଟନା ପାଇରେଟ୍ସକୁ କ୍ରମାଗତ ୩ଟି ସିଜନରେ ଚାମ୍ପିଅନ କରାଇଥିଲେ।

## ଆଇପିଏଲ୍-୧୮ ର ଉଦ୍‌ଯାପନ ଆଜି

# ବେଙ୍ଗାଲୁରୁ-ପଞ୍ଜାବ ଗ୍ରାଣ୍ଡ ଫାଇନାଲ

ଅହମ୍ମଦାବାଦ୍,୨।୬ (ଏଜେନ୍ସି)

ରୟାଲଚ୍ୟାଲେଞ୍ଜର୍ସବେଙ୍ଗାଲୁରୁଓପଞ୍ଜାବକିଙ୍ଗସ ମଧ୍ୟରେ ଆଇପିଏଲ୍-୧୮ର ଗ୍ରାଣ୍ଡ ଫାଇନାଲ ସ୍ଥାନୀୟ ମୋଟେରା ଷ୍ଟାଡିୟମ୍‌ରେ ଆସନ୍ତାକାଲି ମଙ୍ଗଳବାର ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଆରମ୍ଭରୁ ଖେଳି ଆସୁଥିଲେ ମଧ୍ୟ କେହି ଟାଇଟଲ ଜିତିବାରେ ସମର୍ଥ ହୋଇ ନାହାନ୍ତି। ଏଣୁ ଏଠାରେ ଆସନ୍ତାକାଲି ଯେଉଁ ଦଳ ବିଜୟୀ ହେବ ଆଇପିଏଲ୍‌ରେ ସେହି ଦଳ ନୂଆ ଚାମ୍ପିଅନ ହେବ। ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ସର୍ବଦା ତାରକା ଖେଳାଳିଙ୍କୁ ସାମିଲ କରିଆସିଛି। ଦଳ ଏହା ପୂର୍ବରୁ ୩ଥର ମଧ୍ୟ ଫାଇନାଲ ଖେଳିସାରିଛି। କିନ୍ତୁ ଥରେ ହେଲେ ଟାଇଟଲ ଜିତିବାକୁ ସମର୍ଥ ହୋଇନାହିଁ। ଏହି ଟିମ୍‌ର ଶ୍ରେଷ୍ଠ ତାରକା ବିରାଟ କୋହଲି ଆରମ୍ଭରୁ ଖେଳିଆସିଛନ୍ତି। ଖାସ୍ ତାଙ୍କ ଲାଗି ବେଙ୍ଗାଲୁରୁ ଏଠାରେ ଟାଇଟଲ ଜିତିବାକୁ କୌଣସି ପ୍ରଚେଷ୍ଟା ଛାଡିବ ନାହିଁ ବୋଲି ଅଧିନାୟକ ରଜତ ପାଟିଦାର କହିଛନ୍ତି। ଏହାର ଅର୍ଥ ଖେଳାଳିମାନେ ଯେପରି ହେଉ ବେଙ୍ଗାଲୁରୁକୁ ଚାମ୍ପିଅନ କରିବାକୁ ଜୋରଦାର ଉଦ୍ୟମ କରିବେ। ଅନ୍ୟ ପକ୍ଷରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଯୁବ ଖେଳାଳିଙ୍କୁ ନେଇ ପଞ୍ଜାବ କିଙ୍ଗସ ଏହି ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ଖେଳିଛି। ଟାଇଟଲ ଜିତିବାକୁ ଏହି ଦଳର ସମସ୍ତ ପ୍ରକାର ଯୋଗ୍ୟତା ରହିଛି। ଏଣୁ ଆସନ୍ତାକାଲିର ଫାଇନାଲ ବେଙ୍ଗାଲୁରୁର ଭାବପ୍ରବଣତା ଓ ପଞ୍ଜାବର ଯୁବ ଉଦ୍ଦାମତା। ଏଣୁ ମ୍ୟାଚ୍‌ଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।



### ■ ବେଙ୍ଗାଲୁରୁ ବିପକ୍ଷରେ ପଞ୍ଜାବ ଟପ୍ ଅର୍ଡର ବ୍ୟାଟିଂ ଫେଲ

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ୧୪ଟି ଲେଖାଏଁ ମ୍ୟାଚ୍ ଖେଳି ୯ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ସମାନ ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଉନ୍ନତ ରନ୍ ହାରରେ ପଞ୍ଜାବ ପଏଣ୍ଟ ଟେବଲରେ ପ୍ରଥମ ଓ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରକୁ ସହଜରେ ଜିତି ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ରୋମାଞ୍ଚକ ଦ୍ୱିତୀୟ କ୍ୱାଲିଫାୟରରେ ପଞ୍ଜାବ ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ୮୭ ରନ୍ ବଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହା ପରେ ଚଳିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ଉଭୟଙ୍କ ମଧ୍ୟରେ ଚତୁର୍ଥ ମୁକାବିଲା ହେବ। ଏଣୁ ଉଭୟ ଦଳ ପରସ୍ପରର ଦକ୍ଷତା ଓ ଦୁର୍ବଳତା ସମ୍ପର୍କରେ ବେଶ ଅବଗତ। ଉଲ୍ଲେଖନୀୟ କଥା ହେଲା, ପଞ୍ଜାବ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ମ୍ୟାଚ୍‌ରେ ହାରିଥିଲାବେଳେ ଏହା ମଧ୍ୟରୁ ୨ଥର କେବଳ ବେଙ୍ଗାଲୁରୁଠାରୁ ହାରିଛି। ପଞ୍ଜାବର ଟପ୍ ଅର୍ଡରରେ ୩ଜଣ ବ୍ୟାଟର ଓ ଶେଷଭାଗରେ ପ୍ରବେଶ କରିଥିବା ଜୋଶ ଇଂଲିଶ ୧୦୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ରନ ସଂଗ୍ରହ କରିଥିଲେ ମଧ୍ୟ ବେଙ୍ଗାଲୁରୁ ବିପକ୍ଷରେ ଏମାନେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ଫେଲ୍ ମାରିଛନ୍ତି। ବେଙ୍ଗାଲୁରୁ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ୫୩ ରନ୍‌ରେ ୪ଟି, ଦ୍ୱିତୀୟ ମ୍ୟାଚ୍‌ରେ ୭୬ ରନ୍‌ରେ ୪ଟି ଓ କ୍ୱାଲିଫାୟରରେ ୩୮ ରନ୍‌ରେ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏଣୁ ଜୋଶ ହାଜ୍‌ଲେଉଡ୍, ଭୁବନେଶ୍ୱର କୁମାର, ଯଶ ଦୟାଲଙ୍କ ପେସ୍ ବିପକ୍ଷରେ ପଞ୍ଜାବ ଟପ୍ ଅର୍ଡର ଫେଲ ମାରିଛି। ଏମାନେ ଆସନ୍ତାକାଲି ମ୍ୟାଚ୍‌ରେ ସମାନ ପ୍ରଦର୍ଶନ କଲେ ବେଙ୍ଗାଲୁରୁ ଟାଇଟଲ ଜିତିବା ନିଶ୍ଚିତ।

### ଫାଇନାଲ ବାତିଲ ହେଲେ ପଞ୍ଜାବ ଜିତିବ ଟାଇଟଲ

ପଞ୍ଜାବ କିଙ୍ଗସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅହମ୍ମଦାବାଦ୍‌ର ମୋଟେରା ଷ୍ଟାଡିୟମ୍‌ରେ ଆସନ୍ତାକାଲି ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଏହା ଅଳ୍ପ ସମୟ ଲାଗି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କିନ୍ତୁ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲେ ୨ ଘଣ୍ଟା ଯାଏ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ଏହା ପରେ ଖେଳ ଆରମ୍ଭ ହେଲେ ଓଭର ସଂଖ୍ୟା କମିବ ନାହିଁ। କିନ୍ତୁ ବର୍ଷା ନ ଛାଡିଲେ ଫାଇନାଲ ଖେଳ ରିଜର୍ଭ ଦିବସରେ ଖେଳାଯିବ। ରିଜର୍ଭ ଦିବସରେ ଯଦି ବର୍ଷା ଯୋଗୁ ଖେଳ ସ୍ଥଗିତ ରୁହେ, ତେବେ ପଏଣ୍ଟ ଟେବଲରେ ଆଗୁଆ ଥିବା ବା ପ୍ରଥମ ସ୍ଥାନରେ ଥିବା ପଞ୍ଜାବ ଚାମ୍ପିଅନ ହେବ।

### ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ

| ବ୍ୟାଟର୍ | ମ୍ୟାଚ୍ | ରନ | ହାରାହାରି |
|---|---|---|---|
| **ପଞ୍ଜାବ** | | | |
| ଶ୍ରେୟସ ଆୟର | ୧୬ | ୬୦୩ | ୫୪.୮୧ |
| ପ୍ରଭସିମରନ ସିଂହ | ୧୬ | ୫୨୩ | ୩୨.୬୮ |
| ପ୍ରିୟାଂଶ ଆର୍ଯ୍ୟ | ୧୬ | ୪୫୧ | ୨୮.୧୮ |
| ନେହାଲ ୱାଧେର | ୧୫ | ୩୫୪ | ୩୨.୧୮ |
| **ବେଙ୍ଗାଲୁରୁ** | | | |
| ବିରାଟ କୋହଲି | ୧୪ | ୬୧୪ | ୫୫.୮୧ |
| ଫିଲ୍ ସଲ୍ଟ | ୧୨ | ୩୮୭ | ୩୫.୧୮ |
| ରଜତ ପାଟିଦାର | ୧୪ | ୨୮୬ | ୨୩.୮୩ |
| ଦେବଦତ୍ତ ପଡ଼ିକଲ | ୧୦ | ୨୪୭ | ୨୭.୪୪ |

### ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ

| ବୋଲର୍ | ମ୍ୟାଚ୍ | ୱିକେଟ୍ | ହାରାହାରି |
|---|---|---|---|
| **ପଞ୍ଜାବ** | | | |
| ଅର୍ଶଦୀପ୍ ସିଂହ | ୧୬ | ୧୮ | ୨୬.୫୫ |
| ମାର୍କୋ ଜାନସେନ | ୧୪ | ୧୬ | ୨୭.୧୨ |
| ଯୁଜବେନ୍ଦ୍ର ଚହଲ | ୧୩ | ୧୫ | ୨୬.୨୦ |
| ହରପ୍ରୀତ୍ ବ୍ରାର | ୮ | ୧୦ | ୧୯.୦୦ |
| **ବେଙ୍ଗାଲୁରୁ** | | | |
| ଜୋଶ୍ ହାଜଲେଉଡ୍ | ୧୧ | ୨୧ | ୧୫.୮୦ |
| କ୍ରୁନାଲ ପାଣ୍ଡ୍ୟା | ୧୪ | ୧୫ | ୨୪.୧୩ |
| ଭୁବନେଶ୍ୱର କୁମାର | ୧୩ | ୧୫ | ୨୯.୬୬ |
| ଯଶ ଦୟାଲ | ୧୪ | ୧୨ | ୩୭.୬୬ |

### ଚଳିତ ଆଇପିଏଲ୍‌ରେ ଫଳାଫଳ

| ତାରିଖ | ଫଳାଫଳ | ଭେନ୍ୟୁ |
|---|---|---|
| ୧୮।୪ | ପଞ୍ଜାବ ୫ ୱିକେଟରେ ବିଜୟୀ | ବେଙ୍ଗାଲୁରୁ |
| ୨୦।୪ | ବେଙ୍ଗାଲୁରୁ ୭ ୱିକେଟରେ ବିଜୟୀ | ମୁଲାନପୁର |
| ୨୯।୪ | ବେଙ୍ଗାଲୁରୁ ୮ ୱିକେଟରେ ବିଜୟୀ | ମୁଲାନପୁର |




### ଆଇପିଏଲ୍ ଫାଇନାଲ

ଭେନ୍ୟୁ : ଅହମ୍ମଦାବାଦ୍

ଖେଳ ଆରମ୍ଭ : ରାତି ୭.୩୦

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସମ୍ଭାବ୍ୟ ଦଳ

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ଫିଲ୍ ସଲ୍ଟ, ବିରାଟ କୋହଲି, ମୟଙ୍କ ଅଗରୱାଲ୍, ରଜତ ପାଟିଦାର (ଅଧିନାୟକ), ଲିଆମ ଲିଭିଂଷ୍ଟୋନ, ଜୀତେଶ ଶର୍ମା (ୱିକେଟ୍‌ରକ୍ଷକ), ରୋମାରିଓ ସେଫର୍ଡ, କ୍ରୁନାଲ ପାଣ୍ଡ୍ୟା, ଜୋଶ ହାଜଲେଉଡ୍, ଭୁବନେଶ୍ୱର କୁମାର, ଯଶ ଦୟାଲ, ସୂୟାଶ ଶର୍ମା।

**ପଞ୍ଜାବ କିଙ୍ଗସ:** ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ୍ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେର, ଶଶାଙ୍କ ସିଂହ, ମାର୍କସ ଷ୍ଟୋଇନିସ, ଅଜମାତୁଲ୍ଲା ଓମାରଜାଇ, କାଏଲ୍ ଜାମିସନ, ବିଜୟ ବୈଶ୍ୟକ, ଅର୍ଶଦୀପ୍ ସିଂହ, ଯୁଜବେନ୍ଦ୍ର ଚହଲ/ହର୍‌ପ୍ରୀତ୍ ବ୍ରାର।

### ଫ୍ରେଞ୍ଚ ଓପନ୍

## ପେଗୁଲାଙ୍କ ବିପର୍ଯ୍ୟୟ

ପ୍ୟାରିସ, ୨।୬ (ଏଜେନ୍ସି): ଆମେରିକାର କୋକୋ ଗଫ୍ କ୍ରମାଗତ ୫ମଥର ଲାଗି ଫ୍ରେଞ୍ଚ ଓପନ୍ ଟେନିସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ଏକକ ୪ର୍ଥ ରାଉଣ୍ଡ ମ୍ୟାଚରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ଥିବା ଗଫ୍ ୬-୦, ୭-୫ ସିଧାସଳଖ ସେଟ୍‌ରେ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ୨୧ ବର୍ଷୀୟା ଗଫ୍ କ୍ୱାର୍ଟରରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ କିଜ୍‌ଙ୍କୁ ଭେଟିବେ। ରୁଷିଆର ଯୁବା ଖେଳାଳି ମିରା ଆନ୍ଦ୍ରିଭା ମଧ୍ୟ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟରର ଏକ ମ୍ୟାଚରେ ଆନ୍ଦ୍ରିଭା ୬-୩, ୭-୫ ସେଟ୍‌ରେ ଏକ ଘଣ୍ଟା ୩୪ ମିନିଟ୍‌ରେ ଅଷ୍ଟ୍ରେଲିଆର ଡାରିଆ କାସାତକିନାଙ୍କୁ ହରାଇଛନ୍ତି। ତେବେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଆମେରିକାର ଜେସିକା ପେଗୁଲା ପ୍ରି-କ୍ୱାର୍ଟରରେ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୩୬୧ତମ ସ୍ଥାନରେ ରହିଥିବା ଫ୍ରାନ୍ସର ଲୋଇସ ବୋଇସନ ୩-୬, ୬-୪, ୬-୪ରେ ପେଗୁଲାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।



ଅପରପକ୍ଷରେ ପୁରୁଷ ଏକକରେ ଜର୍ମାନୀର ୩ୟ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭ ମଧ୍ୟ ଅନ୍ତିମ-୮ ରାଉଣ୍ଡରେ ପହଞ୍ଚିଛନ୍ତି। ସୋମବାରା ଅନୁଷ୍ଠିତ ପ୍ରି-କ୍ୱାର୍ଟର ମୁକାବିଲାରେ ଜ୍ୱେରେଭ ୬-୪, ୩-୦ରେ ଆଗୁଆ ରହିଥିବାବେଳେ ତାଙ୍କ ପ୍ରତିପକ୍ଷ ନେଦରଲାଣ୍ଡସର ତାଲୋନ ଗ୍ରିଏକସ୍ପୋର ଆହତ ହୋଇ ଓହରିଯାଇଥିଲେ। ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ସର୍ବିୟାର ନୋଭାକ ଜୋକୋଭିଚ୍ ୬-୨, ୪-୩ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କ ବିପକ୍ଷରେ ଅଗ୍ରଣୀ ରହିଛନ୍ତି। ଏହି ମ୍ୟାଚର ବିଜେତା କ୍ୱାର୍ଟରରେ ଜ୍ୱେରେଭଙ୍କ ସହ ଖେଳିବ।

### ଦୃଷ୍ଟିହୀନ ଟି-୨୦ କ୍ରିକେଟ୍

## ଦିଲ୍ଲୀ ବିପକ୍ଷ ସିରିଜ୍ ଲାଗି ଲିଙ୍ଗରାଜଙ୍କୁ ନେତୃତ୍ୱ

ଭୁବନେଶ୍ୱର, ୨।୬ (ସମିସ)



ଓଡ଼ିଶା ଓ ଦିଲ୍ଲୀ ଦୃଷ୍ଟିହୀନ କ୍ରିକେଟ୍ ଦଳ ମଧ୍ୟରେ ଏକ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ହରିୟାଣାର ଗୁରୁଗ୍ରାମଠାରେ ଜୁନ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସିରିଜ ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି) ପକ୍ଷରୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଲିଙ୍ଗରାଜ ରାଉତରାୟଙ୍କୁ ପ୍ରଦାନ କରାଯାଇଛି। ଗତ ମେ ୨୩ରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳର ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ପଟ୍ଟନାୟକ ଓଡ଼ିଶା ଦଳର ପ୍ରଶିକ୍ଷକ ରହିଛନ୍ତି।

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳ: ଲିଙ୍ଗରାଜ ରାଉତରାୟ (ଅଧିନାୟକ), କାଳିଆ ପ୍ରଧାନ (ଉପ-ଅଧିନାୟକ), ଚିରଞ୍ଜୀବ ମଲ୍ଲିକ, ପ୍ରତାପ ସାମନ୍ତ, ମହମ୍ମଦ ଜାଫର ଇକବାଲ, ଦେବରାଜ ବେହେରା, ଅଞ୍ଜନ ସିଂ, ଅଭିଜିତ୍ ଦାସ, କିଶାନ ମଲ୍ଲିକ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଆକାଶ ରାଉତ, ସୁଖରାମ ମାଝୀ, ଧନପତି ଗୌଡ଼ (ୱିକେଟ୍‌କିପର) ଓ ରଘୁରାମ ନାଏକ।

## ରାଜୀବ ହେବେ ବିସିସିଆଇ ସଭାପତି

ମୁମ୍ବଇ,୨।୬ (ଏଜେନ୍ସି): ବିସିସିଆଇ ସଭାପତି ରୋଜର ବିନ୍ନିଙ୍କୁ ଜୁଲାଇ ୧୯ରେ ୭୦ ବର୍ଷ ପୂରିଯିବ। ଜାତୀୟ କ୍ରୀଡ଼ା ନୀତି ଅନୁଯାୟୀ ଏହି ବର୍ଷ ଶେଷ ହେବା ପରେ ଜଣେ ପ୍ରଶାସକ କୌଣସି ଜାତୀୟ କ୍ରୀଡ଼ା ସଂଗଠନରେ କର୍ମକର୍ତ୍ତା ଭାବେ ରହିପାରିବେ ନାହିଁ। ଏଣୁ ବିନ୍ନିଙ୍କ ସ୍ଥାନରେ ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲା କାମଚଳା ସଭାପତି ଦାୟିତ୍ୱରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଏହି ପଦରେ ମାତ୍ର ୩ ମାସ ରହିପାରିବେ। ଏହାପରେ ବିସିସିଆଇ ନିର୍ବାଚନ ଅନୁଷ୍ଠିତ ହେବ।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## କଟକ-ଏ ୭ ୱିକେଟ୍‌ରେ ବିଜୟୀ

ଭୁବନେଶ୍ୱର, ୨।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍‌ରେ ସୋମବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରେଭେନଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏହି ମ୍ୟାଚରେ କଟକ-ଏ ୭ ୱିକେଟ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୮.୧ ଓଭରରେ ମାତ୍ର ୬୨ ରନରେ ଅଲ୍‌ଆଉଟ୍ ହୋଇଥିଲା। କଟକ-ଏ’ର ପିୟୂଷ ମନ୍ତ୍ରୀ ୩ ଓ ଅର୍ନବ ପଟ୍ଟନାୟକ ୨ଟି ୱିକେଟ୍ ନେଇଥିଲେ। ଜବାବରେ କଟକ-ଏ ଚୌଧୁରୀ ମହାନ୍ତିଙ୍କ ୩୪ ରନ ବଳରେ ୧୪.୨ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପିୟୂଷ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।






PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS